# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ରବିବାର, ୯ ସେପ୍ଟେମ୍ବର, ୨୦୧୮ | ( ୧୬ ପୃଷ୍ଠା + ଛୁଟିଦିନ) | Dhenkanal-Angul, Sunday, 9 September, 2018 | ★★★★★

୧୪ଶ ଭାଗ ୨୦୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-





**କୌଣସି ହିଟ୍ ଫିଲ୍ମରେ ଅଭିନୟ କରିନାହିଁ: ଟ୍ୱିଙ୍କିଲ**

ମୋର କୌଣସି ଫିଲ୍ମ ହିଟ୍ ହୋଇନାହିଁ। ତେଣୁ ମୋ ଅଭିନୀତ ସବୁ ଫିଲ୍ମକୁ ନିଷିଦ୍ଧ କରିଦେବା ଉଚିତ ବୋଲି ବଲିଉଡ୍ ଅଭିନେତ୍ରୀ ଟ୍ୱିଙ୍କିଲ୍ ଖାନ୍ନା ପ୍ରକାଶ କରିଛନ୍ତି। **୦୨**

**୧୫** **ଅଙ୍କୁରଙ୍କୁ ଶ୍ରେଷ୍ଠ ସଫଳତା**

ଭାରତୀୟ ଶୁଟର ଅଙ୍କୁର ମିତଲ ଆଇଏସ୍ଏସ୍ଏଫ୍ ବିଶ୍ୱ ଶୁଟିଂ ଚାମ୍ପିୟନଶିପ୍‌ରେ କ୍ୟାରିୟରର ଶ୍ରେଷ୍ଠ ସଫଳତା ହାସଲ କରିଛନ୍ତି।










# ଅପେକ୍ଷାର ଯନ୍ତ୍ରଣା

**ନିର୍ମଳ ପଣ୍ଡା**
**କଟକ ଅଫିସ,୮।୯**

## ଏସ୍‌ସିବି ମେଡିକାଲ



- ନିଦାନ ଯୋଜନା: ଘୋଡ଼ା ୬ ଟଙ୍କାକୁ ଦାନା ୯ ଟଙ୍କା
- ଭିତ୍ତିଭୂମି ନ ଥାଇ କାର୍ଯ୍ୟକାରୀ ହେଉଛି ଯୋଜନା
- ରୋଗଠୁ ବଳିପଡୁଛି ପ୍ରତୀକ୍ଷାର ଦୁର୍ଦ୍ଦଶା

କଟକ ବଡ଼ ଡାକ୍ତରଖାନା ବା ଏସ୍‌ସିବି ମେଡିକାଲକୁ କେବଳ ଓଡ଼ିଶାରୁ ନୁହେଁ, ପଡ଼ୋଶୀ ରାଜ୍ୟରୁ ମଧ୍ୟ ରୋଗୀ ଆସନ୍ତି ଉନ୍ନତ ଚିକିତ୍ସା ପାଇଁ। ହେଲେ ଏହି ବୃହତ୍ ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନରେ ରାଜ୍ୟ ସରକାରଙ୍କ କେତେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରିତାରେ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ରୋଗୀଙ୍କୁ ଦିନ ଦିନ ଅପେକ୍ଷା କରିବାକୁ ପଡୁଛି। ଫଳରେ ସେମାନଙ୍କ ପାଇଁ ରୋଗ ଯନ୍ତ୍ରଣାଠାରୁ ଅପେକ୍ଷା କରିବାର କଷ୍ଟ ବଳିପଡୁଛି। କାରଣ ସେମାନଙ୍କୁ ଉପଲର ପରୀକ୍ଷା ପାଇଁ ୬ରୁ ୭ ମାସ, କଣ୍ଟ୍ରାଷ୍ଟ ସିଟି ସ୍କାନ ପାଇଁ ୧ ମାସରୁ ୨ ମାସ, ଏମ୍ଆର୍ଆଇ ପାଇଁ ୫ରୁ ୭ ଦିନ, ଅଲଟ୍ରାସାଉଣ୍ଡ, ଏଣ୍ଡୋସ୍କୋପି, ଭାଇରାଲ ମାର୍କର, ଏଲ୍ଏଫ୍ଟି, ଆର୍ଏଫ୍ଟି ଭଳି ପରୀକ୍ଷା ପାଇଁ ସପ୍ତାହେ ଅପେକ୍ଷା କରିବାକୁ ପଡୁଛି। ଏହାବାଦ୍ ଡାଏଲିସିସ୍ ଓ ସେରିବ୍ରାଲ୍ ମ୍ୟାଲେରିଆ ପରୀକ୍ଷା ପାଇଁ ଅତି କମ୍‌ରେ ଦରକାର ହେଉଛି ୧୫ରୁ ୨୦ ଦିନ।

୨୦୧୭ ଡିସେମ୍ବର ୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ନିଦାନ (ମାଗଣାରେ ରୋଗ ନିରୂପଣ), ସହାୟ (ମାଗଣା ଡାଏଲିସିସ୍), ଆମ କ୍ଲିନିକ (ସହରାଞ୍ଚଳ ଲୋକଙ୍କୁ ସ୍ୱାସ୍ଥ୍ୟସେବା) ଭଳି ଜନକଲ୍ୟାଣକାରୀ ସ୍ୱାସ୍ଥ୍ୟ ଯୋଜନା ଘୋଷଣା କରିଥିଲେ। ୨୦୧୮ ଜାନୁୟାରୀ ୧ରୁ ଏହି ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ନିଦାନ ଯୋଜନାରେ ଡିଜିଟାଲ ଏକ୍ସ-ରେ, ସିଟି ସ୍କାନ ଓ ଏମ୍ଆରଆଇ ସହିତ ସମସ୍ତ ପରୀକ୍ଷାକୁ ମାଗଣା କରାଯାଇଥିଲା। ମାତ୍ର ଏବେ ନିଦାନ ଯୋଜନା ରୋଗୀଙ୍କୁ ଯନ୍ତ୍ରଣାଦାୟକ ହୋଇଛି। ଏସ୍‌ସିବି ମେଡିକାଲରେ ରୋଗୀମାନଙ୍କ ପାଇଁ ନିଦାନ ଯୋଜନା ଘୋଡ଼ା ୬ ଟଙ୍କାକୁ ଦାନା ୯ ଟଙ୍କା ଭଳି ପରିସ୍ଥିତି ସୃଷ୍ଟି କରିଛି। କାରଣ ଉପର ଲିଖିତ ପରୀକ୍ଷାଗୁଡ଼ିକ ପାଇଁ ରୋଗୀମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ଫଳରେ ମେଡିକାଲର ବିଭିନ୍ନ ବିଭାଗକୁ ରାଜ୍ୟର ଦୂରଦୂରାନ୍ତରୁ ମାଗଣା ଚିକିତ୍ସା ପାଇବା ଆଶାରେ ଆସୁଥିବା ରୋଗୀମାନେ ଏଠାରେ ଯନ୍ତ୍ରଣା ଭୋଗୁଛନ୍ତି। କାରଣ ଯେହେତୁ ସରକାର ପରୀକ୍ଷାଗୁଡ଼ିକୁ ମାଗଣା କରିଛନ୍ତି, ତେଣୁ ଘରୋଇ ପରୀକ୍ଷା କେନ୍ଦ୍ରରେ ଯଦି କୌଣସି ରୋଗୀ ପରୀକ୍ଷା କରି ରିପୋର୍ଟ ଆଣୁଛି ତାହାକୁ ଅଧିକାଂଶ ଡାକ୍ତର ଗ୍ରହଣ କରୁନାହାନ୍ତି। ଅନ୍ୟପଟେ ଥରେ ଚିକିତ୍ସା ପାଇଁ ଆସି ରୋଗୀମାନଙ୍କୁ ଏଠାରେ ପରୀକ୍ଷା ପାଇଁ ଘରଭଡ଼ା କିମ୍ବା ହୋଟେଲ ଭଡ଼ା ନେଇ ରହିବା ଦୁରୁହ ବ୍ୟାପାର।

ଏ ସମ୍ପର୍କରେ ବାଲେଶ୍ୱର ଅଞ୍ଚଳରୁ ନିଜର ସମ୍ପର୍କୀୟ ରୋଗୀଙ୍କୁ ନେଇ ଏସ୍‌ସିବି ମେଡିକାଲ ଆସିଥିବା ବିଜୁ ଦାସ କୁହନ୍ତି, ତାଙ୍କ ସମ୍ପର୍କୀୟଙ୍କ ଗୋଡ଼ ରକ୍ତନଳିରେ ସମସ୍ୟା ଦେଖାଦେଇଛି। ଡାକ୍ତର ରୋଗୀଙ୍କର ଉପଲର୍ ଟେଷ୍ଟ ପାଇଁ ଲେଖିଥିଲେ। ହେଲେ ରେଡିଓଲୋଜି ବିଭାଗରେ ତାଙ୍କୁ ୬ ମାସ ପରେ ଆସିବାକୁ କୁହାଯାଇଛି। ଯାଜପୁର ଜିଲା ବଡ଼ଚଣା ଅଞ୍ଚଳର ରୋଗୀ ମନୋରଞ୍ଜନ ସିଂ କୁହନ୍ତି, ତାଙ୍କର ପେଟରେ କଣ୍ଟ୍ରାଷ୍ଟ ସିଟି ସ୍କାନ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ଏଥିପାଇଁ ତାଙ୍କୁ ଅକ୍ଟୋବର ୧୪ ତାରିଖକୁ ଧାର୍ଯ୍ୟ କରାଯାଇଛି। କେବଳ ବିଜୁ କିମ୍ବା ମନୋରଞ୍ଜନ ନୁହନ୍ତି କୋରାପୁଟ, କଳାହାଣ୍ଡି, ମାଲକାନଗିରି ପ୍ରଭୃତି ଜିଲାରୁ ଏସ୍‌ସିବିକୁ ଆସୁଥିବା ରୋଗୀମାନଙ୍କୁ ଏଠାରେ ଏହିଭଳି ଦୀର୍ଘଦିନ ଅପେକ୍ଷା କରିବାକୁ କୁହାଯାଉଛି। ତେଣୁ ସରକାର ଉପରୋକ୍ତ ପରୀକ୍ଷାଗୁଡ଼ିକୁ ମାଗଣା କରି ରୋଗୀମାନଙ୍କୁ ଅଧିକ ହୀନସ୍ତାକୁ ଠେଲି ଦେଇଛନ୍ତି।

ଏହାବାଦ୍ କିଡ୍ନୀ ରୋଗୀମାନଙ୍କ ଡାଏଲିସିସ୍ ବ୍ୟବସ୍ଥାକୁ ଦେଖିଲେ ଏହା ଆହୁରି ଅଧିକ ବେଦନାଦାୟକ ହୋଇଛି। ମେଡିକାଲରେ ମୋଟ ୨୦ଟି ଡାଏଲିସିସ୍ ମେଶିନ ରହିଛି। ସେଥିରୁ ୪ଟି ମେଶିନ ଏଚ୍ଆଇଭି ସଂକ୍ରମିତ ରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ☞ପୃଷ୍ଠା-୮

# ମହିଳାଙ୍କୁ ବଳାତ୍କାର ପରେ ଯୁବକଙ୍କ ଆତ୍ମହତ୍ୟା

**ଭାପୁର,୮।୯(ଡି.ଏନ୍.ଏ.)**

ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିବା ପରେ ବଳାତ୍କାରୀ ଯୁବକ ଜଣକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଶନିବାର ସକାଳେ ସମ୍ପୃକ୍ତ ଯୁବକଙ୍କ ଝୁଲନ୍ତା ମୃତଦେହ ଏକ ଗଛରୁ ଉଦ୍ଧାର କରାଯାଇଛି। ଘଟଣା ଘଟିଛି ନୟାଗଡ ଜିଲା ଫତେଗଡ ଥାନା ଅଞ୍ଚଳରେ। ଏ ନେଇ ପୋଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ଜଣେ ମହିଳା (୪୫) ଶୁକ୍ରବାର ରାତିରେ ଶୋଇଥିବାବେଳେ ନିମପାଟଣା ଗ୍ରାମର ସତ୍ୟଜିତ ଦାସ (୨୮)ନାମକ ଯୁବକ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ମହିଳା ଚିତ୍କାର କରିବାରୁ ନିକଟରେ ଶୋଇଥିବା ତାଙ୍କ ସ୍ୱାମୀ ଉଠି ପଡିଥିଲେ। ଫଳରେ ସତ୍ୟଜିତ୍ ତାଙ୍କ ମୋବାଇଲ ଓ ସାଇକେଲ ଛାଡି ଦୌଡି ପଳାଇଥିଲେ। ଶନିବାର ସକାଳେ ସତ୍ୟଜିତ୍‌ଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ଲୋକଲଜ୍ଜାରୁ ରକ୍ଷା ପାଇବା ପାଇଁ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ତାଙ୍କ ମୃତ୍ୟୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଶନିବାର ପୀଡିତାଙ୍କ ଅଭିଯୋଗକୁ ଭିତ୍ତି କରି ଫତେଗଡ଼ ଥାନାରେ ୧୭୨/୧୮ରେ ମାମଲା ରୁଜୁ କରାଯାଇ ମହିଳାଙ୍କୁ ଡାକ୍ତରୀମାଇନା ପାଇଁ ଭାପୁର ଡାକ୍ତରଖାନା ପଠାଯାଇଥିଲା। ସେହିପରି ସତ୍ୟଜିତ୍‌ଙ୍କ ମୃତଦେହ ଉଦ୍ଧାର କରି ପୋଲିସ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡା ଡାକ୍ତରଖାନା ପଠାଇଛି। ଏ ନେଇ ଫତେଗଡ ଥାନା ପୋଲିସ ୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


# ସୋମବାର ସ୍କୁଲ ଛୁଟି

## ଭାରତ ବନ୍ଦ

- ବ୍ୟାଙ୍କ ସେବା ଜାରି ରହିବ

**ଭୁବନେଶ୍ୱର,(ବ୍ୟୁରୋ)/ ନୂଆଦିଲ୍ଲୀ,୮।୯**

ଆସନ୍ତା ସୋମବାର ରାଜ୍ୟର ସମସ୍ତ ସ୍କୁଲ ବନ୍ଦ ରହିବ। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଆସନ୍ତା ୧୦ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସ୍କୁଲ ଛୁଟି ଘୋଷଣା କରାଯାଇଛି ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ବ୍ୟାଙ୍କ ସେବା ପ୍ରଭାବିତ ହେବ ନାହିଁ ବୋଲି ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଦୁଇ ଦିନ ବ୍ୟାଙ୍କ ବନ୍ଦ ରହିବା ପରେ ସୋମବାର ସପ୍ତାହର ପ୍ରଥମ କାର୍ଯ୍ୟଦିବସ ହୋଇଥିବାରୁ ଗ୍ରାହକ ଅନେକ ବକେୟା ସମସ୍ୟାର ସମାଧାନ ପାଇଁ ବ୍ୟାଙ୍କକୁ ଆସିବେ। ବନ୍ଦ ହେଲେ ସେମାନେ ଅସୁବିଧାରେ ପଡ଼ିବେ। ଏହାକୁ ଦୃଷ୍ଟିରେ ରଖି ସୋମବାର ବ୍ୟାଙ୍କ ଖୋଲା ରଖିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।

# ବୈତରଣୀରେ ବନ୍ୟା

**ଭୁବନେଶ୍ୱର,୮।୯(ବ୍ୟୁରୋ)**

## ୩ ଜିଲାର ୨୮ ବ୍ଲକ ପ୍ରଭାବିତ



ଯାଜପୁର ଜିଲା ଦଶରଥପୁର ବ୍ଲକର ଏକ ବିଦ୍ୟାଳୟ ପରିସରରେ ବନ୍ୟା ପାଣି।

ଲଘୁଚାପ ବର୍ଷା ଯୋଗୁ ବୈତରଣୀ ନଦୀ ଫୁଲିବାରେ ଲାଗିଛି। ଆଖୁଆପଦାଠାରେ ବନ୍ୟା ଜଳ ବିପଦ ସଙ୍କେତ ଉପରେ ରହିଛି। ଏଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବା ବେଳେ ୧୮.୧୦ ମିଟର ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ତେବେ ବନ୍ୟା ଜଳ ହ୍ରାସ ପାଉଛି ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦୁଝର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା ଜିଲାପାଳଙ୍କୁ ସତର୍କ ରହିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ବନ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ଓ ଜିଲାସ୍ତରରେ ଜରୁରିକାଳୀନ କେନ୍ଦ୍ର ଖୋଲାଯାଇଛି। ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଦେଶୀ ଡଙ୍ଗା ଓ ଯନ୍ତ୍ରଚାଳିତ ବୋଟକୁ ପ୍ରସ୍ତୁତ ରଖିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବହୁମୁଖୀ ଆଶ୍ରୟ ସ୍ଥଳଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ଓ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ କୁହାଯାଇଛି। ୪ଟି ଜିଲାର ସରକାରୀ କର୍ମଚାରୀମାନଙ୍କ ରବିବାର ଛୁଟିକୁ ବାତିଲ କରାଯାଇଛି। ଗୋ ଖାଦ୍ୟ ମଧ୍ୟ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲାର ବିଞ୍ଝାରପୁର, ଦଶରଥପୁର ଓ କୋରେଇ ବ୍ଲକର ୩୭ଟି ପଞ୍ଚାୟତର ୬୯ଟି ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ☞ପୃଷ୍ଠା-୮

## ଆଜିର ସମ୍ପାଦକୀୟ

**ଉପନିବେଶୀୟ ଲିଗାସୀର ଅନ୍ତ**

## କିଛି ତଥ୍ୟ

ଚଳିତ ବର୍ଷ ଜୁଲାଇରେ ଚା' ଉତ୍ପାଦନ ୬.୭ ପ୍ରତିଶତ ହ୍ରାସ ପାଇ ୧୫୧.୩୮ ନିୟୁତ କିଲୋଗ୍ରାମ ରହିଛି। ଏହା ଗତବର୍ଷ ସମାନ ସମୟରେ ୧୬୨.୨୮ ନିୟୁତ କିଲୋଗ୍ରାମ ଥିଲା। ଚଳିତ ବର୍ଷ ଜାନୁଆରୀ-ଜୁଲାଇ ଅବଧିରେ ଚା' ରପ୍ତାନୀ ୬.୫% ବୃଦ୍ଧି ପାଇ ୧୩୩.୨୧ ନିୟୁତ କିଲୋଗ୍ରାମରେ ପହଞ୍ଚିଛି। ଯାହା ଗତବର୍ଷ ସମାନ ସମୟରେ ୧୨୪.୯୯ ନିୟୁତ କିଲୋଗ୍ରାମ ଥିଲା।

-ଟି ବୋର୍ଡ ଇଣ୍ଡିଆ


NECC NATIONAL EGG CO-ORDINATION COMMITTEE | 08.09.2018 | Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 56 | 101 | 111 |
| DKL | 57 | 102 | 112 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 58 | 103 | 113 |

*Conditions Apply

Eggs Retail Price- 44/-Dozen
Issued in the Interest of Consumers


# ଶିଳ୍ପ ଟାଣୁଛି ବିଜୁଳି, ଉପଭୋକ୍ତା ମୁଣ୍ଡରେ ଚଡ଼କ

**ଭୁବନେଶ୍ୱର,୮।୯(ବ୍ୟୁରୋ)**

- ଶିଳ୍ପ ଉପରେ ୧୦୨୪ କୋଟି, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଉପରେ ୩୩୫ କୋଟି ଟଙ୍କା ବକେୟା
- ୨୦୨୫ରେ ଶିଳ୍ପ, କୃଷି, ଘରୋଇ ବ୍ୟବହାର ପାଇଁ ଦରକାର ହେବ ୨୫ ହଜାର ମେଗା ୟୁନିଟ୍



ବିଦ୍ୟୁତ୍ ଟାଣୁଛି ଶିଳ୍ପ ସଂସ୍ଥା । ଘରୋଇ ଉପଭୋକ୍ତାଙ୍କ ମୁଣ୍ଡରେ ପଡୁଛି ଚଡ଼କ। ରାଜ୍ୟର ଅଧାରୁ ଅଧିକ ଶିଳ୍ପ ବିଦ୍ୟୁତ୍ ବିଲ୍ ନିୟମିତ ପଇଠ କରୁନାହାନ୍ତି। ଦୀର୍ଘ ବର୍ଷ ଧରି ବକେୟା ପଡିରହିଲେ ମଧ୍ୟ ବିଦ୍ୟୁତ୍ ବିତରଣ କମ୍ପାନୀ ତାହା ଆଦାୟ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି । ଫଳରେ ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ ଜନିତ କ୍ଷତିକୁ କମାଯାଇ ପାରୁ ନାହିଁ। କ୍ଷତି ଭରଣା କରିବାକୁ ଘରୋଇ ଉପଭୋକ୍ତାଙ୍କ ମୁଣ୍ଡରେ ବଣ୍ଟନ କମ୍ପାନୀ ବିଦ୍ୟୁତ୍ ଶୁଳ୍କ ଥୋପିବାକୁ ବାରମ୍ବାର ଚାପ ସୃଷ୍ଟି କରୁଛନ୍ତି। ଏଥିଯୋଗୁ ବିଦ୍ୟୁତ୍ ବୋଝ ଘରୋଇ ଉପଭୋକ୍ତାଙ୍କୁ ବହନ କରିବାକୁ ପଡୁଛି।

ଶକ୍ତି ବିଭାଗରଠାରୁ ମିଳିଥିବା ସୂଚନା ଅନୁଯାୟୀ ୨୦୦୮ରୁ ୨୦୧୮ ମାର୍ଚ୍ଚ ମଧ୍ୟରେ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ୧୦୨୩ କୋଟି ୧୫ ଲକ୍ଷ ଟଙ୍କା ବକେୟା ପଡିରହିଛି। ସେହିପରି ବିଭିନ୍ନ ବ୍ୟବସାୟିକ ସଂସ୍ଥା ଉପରେ ୧୯୩ କୋଟି ୧୯ ଲକ୍ଷ, ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଉପରେ ୩୩୫ କୋଟି ୧୧ ଲକ୍ଷ ଟଙ୍କା ବକେୟା ପଡି ରହିଛି। କେବଳ ଶିଳ୍ପ ନୁହେଁ, ସରକାରୀ ସଂସ୍ଥା ଓ ପୌର ସଂସ୍ଥାଗୁଡ଼ିକ ଉପରେ ମଧ୍ୟ ଦୀର୍ଘଦିନ ଧରି ବକେୟା ବିଦ୍ୟୁତ୍ ବିଲ୍ ଗଡୁଛି। ୪ଟି ବଣ୍ଟନ କମ୍ପାନୀ ଅଧୀନରେ ଥିବା ସରକାରୀ କାର୍ଯ୍ୟାଳୟ ଉପରେ ୪୪୨ କୋଟି ୯୩ ଲକ୍ଷ ଟଙ୍କା ବକେୟା ଥିବା ବେଳେ ବିଭିନ୍ନ ପୌର ସଂସ୍ଥା ଉପରେ ୧୬୨ କୋଟି ୫୯ ଲକ୍ଷ ଟଙ୍କା ବକେୟା ରହିଛି। ସେସୁ ଅଧୀନରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପରେ ୧୩୬.୭୮ କୋଟି ଟଙ୍କା ବକେୟା ଥିବା ବେଳେ ପୌରସଂସ୍ଥାଗୁଡିକ ଉପରେ ୬୧,୧୨ କୋଟି, ୱେସ୍‌କୋର ବିଭିନ୍ନ ବିଭାଗ ଉପରେ ୧୦୯.୨୪ କୋଟି ଟଙ୍କା ବକେୟା ଥିବା ବେଳେ ପୌର ସଂସ୍ଥା ଗୁଡ଼ିକ ଉପରେ ୩୨.୦୬ କୋଟି, ନେସ୍‌କୋର ବିଭିନ୍ନ ବିଭାଗ ଉପରେ ୧୦୨.୬୫ କୋଟି ଟଙ୍କା ବକେୟା ଥିବା ବେଳେ ପୌର ସଂସ୍ଥା ଉପରେ ରହିଛି ୪୯.୮୫ କୋଟି । ସେହିପରି ସାଉଥ୍‌କୋର ସରକାରୀ କାର୍ଯ୍ୟାଳୟ ଉପରେ ୯୪.୩୬ କୋଟି ଟଙ୍କା ଥିବା ବେଳେ ପୌର ସଂସ୍ଥାଗୁଡିକ ଉପରେ ୧୯.୫୮ କୋଟି ଟଙ୍କା ବାକି ରହିଛି। ଅନ୍ୟ ପକ୍ଷରେ ବିଦ୍ୟୁତ୍ ବିଲ୍ ଆଦାୟ କରି ପାରୁ ନ ଥିବା ବଣ୍ଟନ କମ୍ପାନୀ ମଧ୍ୟ ଗ୍ରୀଡ୍‌କୋ ଠାରୁ କ୍ରୟ ବାବଦ ଅର୍ଥ ମଧ୍ୟ ପଇଠ କରି ପାରୁନାହାନ୍ତି। ୪ଟି ବଣ୍ଟନ କମ୍ପାନୀ ଉପରେ ଗ୍ରୀଡ୍‌କୋର ୩୭୩୭.୦୨କୋଟି ଟଙ୍କା ବକେୟା ଦୀର୍ଘବର୍ଷ ହେବ ପଡିରହିଛି।

ଗୋଟିଏ ପଟେ ଶହ ଶହ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ଅନାଦାୟ ଗଡୁଥିବାବେଳେ କେତେକ ଶିଳ୍ପ ସଂସ୍ଥାକୁ ଏକକାଳୀନ ସ୍ଥିରୀକୃତ(ଓଟିଏସ) ମାଧ୍ୟମରେ ସରକାର ବହୁ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ମାଫ୍ କରି ଦେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଓଟିଏସ ଜରିଆରେ ମଧ୍ୟମ ଶିଳ୍ପଗୁଡିକୁ ୨କୋଟି ୯୨ ଲକ୍ଷ ୧ ହଜାର ୫୪୭ ଟଙ୍କା ବିକେୟା ବିଦ୍ୟୁତ୍ ବିଲ୍ ଛାଡ କରି ଦେଇଛନ୍ତି।

୨୦୨୫ ବେଳକୁ ରାଜ୍ୟରେ ଶିଳ୍ପ ପାଇଁ ୭୯୯୧ ମେଗା ୟୁନିଟ୍ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ପଡିବାକୁ ଥିବା ବେଳେ କୃଷି କ୍ଷେତ୍ର ପାଇଁ ୬୨୨ ଏବଂ ଘରୋଇ କ୍ଷେତ୍ର ପାଇଁ ୧୬,୮୫୨ ମେଗା ୟୁନିଟ୍ ସମେତ ମୋଟ ୨୫,୪୬୫ ମେଗା ୟୁନିଟ ବିଦ୍ୟୁତ୍‌ର ଆବଶ୍ୟକତା ପଡିବ ବୋଲି ଆକଳନ କରାଯାଇଛି। ରାଜ୍ୟରେ ଏବେ ବି ବିଦ୍ୟୁତ୍ ଭିତ୍ତିଭୂମି ସୁଧୁରିନାହିଁ। ବୈଷୟିକ ଓ ବାଣିଜ୍ୟିକ କ୍ଷତି ୪୨.୨୫ ପ୍ରତିଶତ ରହିଛି। ଜାତୀୟ ହାରଠାରୁ ଏହା ୧୭ ପ୍ରତିଶତ ଅଧିକ। ରାଜ୍ୟରେ ☞ପୃଷ୍ଠା-୮

# ୮୦ ଟପିଲା ପେଟ୍ରୋଲ

**ନୂଆଦିଲ୍ଲୀ,୮।୯**

ଶନିବାର ଦିଲ୍ଲୀରେ ପେଟ୍ରୋଲ ଦର ପ୍ରଥମଥର ଲିଟର ପିଛା ୮୦ ଟଙ୍କା ଟପିଛି। ଶୁକ୍ରବାର ଅପେକ୍ଷା ୩୯ ପଇସା ବଢ଼ି ୮୦.୩୮ଟଙ୍କା ହୋଇଛି। ସେହିପରି ଡିଜେଲ ଦର ୪୪ ପଇସା ବୃଦ୍ଧି ପାଇ ଲିଟର ପିଛା ୭୨.୫୧ଟଙ୍କାରେ ପହଞ୍ଚିଛି। ତେଲକୁ ନେଇ ଉପଭୋକ୍ତା ତ୍ରାହି ତ୍ରାହି ଡାକ ଛାଡୁଥିବା ବେଳେ କେନ୍ଦ୍ର ସରକାର ନଭେମ୍ବରରୁ ଲୋକଙ୍କୁ ଆଶ୍ୱସ୍ତି ଦେଇପାରନ୍ତି।

(ସବିଶେଷ ରିପୋର୍ଟ ପୃଷ୍ଠା-୧୩)

## ଆଜିର ମନ୍ତବ୍ୟ

"ବିରୋଧୀଙ୍କ ମହାମେଣ୍ଟ ମିଥ୍ୟାରେ ଗଢ଼ା ଏକ ମରୀଚିକା।

-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



"ଜନସ୍ୱାର୍ଥ ଆବେଦନ (ପବ୍ଲିକ୍ ଇଣ୍ଟ୍ରେଷ୍ଟ ଲିଟିଗେଶନ୍)ର ଅର୍ଥ ଏବେ ରାଜନୈତିକ ସ୍ୱାର୍ଥ ଆବେଦନ (ପଲିଟିକାଲ୍ ଇଣ୍ଟ୍ରେଷ୍ଟ ଲିଟିଗେଶନ୍)ରେ ପରିଣତ ହୋଇଯାଇଛି। ରାଜନୈତିକ ସ୍ୱାର୍ଥ ପ୍ରାୟୋଜିତ ମାମଲାଗୁଡ଼ିକରେ ଯଦି ଆବେଦନକାରୀଙ୍କ ସପକ୍ଷରେ ରାୟ ନ ଆସେ, ତା'ହେଲେ ଅଦାଲତଙ୍କ ନିନ୍ଦା କରାଯାଉଛି।

-ଜଷ୍ଟିସ ଅରୁଣ ମିଶ୍ର, ସୁପ୍ରିମକୋର୍ଟ ବିଚାରପତି



## ସଂକ୍ଷେପରେ

### ଆମେରିକା କଲ୍ ସେଣ୍ଟର ଠକେଇ ମାମଲା
## ୭ ଭାରତୀୟ, ୫ କମ୍ପାନୀ ଦୋଷୀ

**ଶିକାଗୋ,୮।୯(ପି.ଟି.):** ବହୁ କୋଟି ଟଙ୍କାର କଲ୍ ସେଣ୍ଟର ଦୁର୍ନୀତି ମାମଲାରେ ଆମେରିକାରେ ୭ ଭାରତୀୟଙ୍କ ସମେତ ୧୫ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୫ଟି ଭାରତୀୟ କଲ୍ ସେଣ୍ଟରକୁ ମଧ ଦୋଷୀ ପ୍ରମାଣିତ କରାଯାଇଛି। କଲ୍ ସେଣ୍ଟରଗୁଡ଼ିକ ଗୁଜରାଟର ଅହମ୍ମଦାବାଦ ସହରର ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନେ ୨୦୦୦ରୁ ଅଧିକ ଆମେରିକୀୟ ନାଗରିକଙ୍କୁ ଠକି ସାଢ଼େ ୫ ନିୟୁତ ଡଲାର ଅର୍ଥ ଠକି ନେଇଥିବା ଦେଶର ନ୍ୟାୟ ବିଭାଗ ପକ୍ଷରୁ ଶୁକ୍ରବାର (ଆମେରିକୀୟ ସମୟ) ସୂଚନା ଦିଆଯାଇଛି। ଏହି ଅଭିଯୁକ୍ତମାନେ କଲ୍ ସେଣ୍ଟର ଜରିଆରେ ଲୋକଙ୍କୁ ଫୋନ୍ କରି ନିଜକୁ ଅନ୍ତର୍ଜାତୀୟ ରାଜସ୍ୱ ସେବା କର୍ମଚାରୀ ଦର୍ଶାଇବା ସହ ଲୋକଙ୍କୁ ଋଣ ଲୋଭ ମଧ ଦେଖାଉଥିଲେ। ପରେ ସେମାନେ ପୀଡ଼ିତଙ୍କଠାରୁ ଅର୍ଥ ଆଦାୟ କରୁଥିଲେ। ଧମକ ଚମକ ଦେଉଥିଲେ। ଗିରଫଦାରି, ଜେଲକୁ ପଠାଇବା ଏବଂ ଅନ୍ୟାନ୍ୟ ଅର୍ଥଦଣ୍ଡ ଦେବା ନେଇ ମଧ ଲୋକଙ୍କୁ ସେମାନେ ଡରାଉଥିଲେ ବୋଲି ଆମେରିକୀୟ ଆଟର୍ନି ବିୟଙ୍ଗ ଜେ. ପାକ୍ ସୂଚନା ଦେଇଛନ୍ତି। ଏହି ମାମଲାରେ ୭ ଜଣଙ୍କୁ ଗୁରୁବାର ଆମେରିକାରୁ ଗିରଫ କରାଯାଇଛି। ୭ ଜଣ ସହ ଷଡ଼ଯନ୍ତ୍ରକାରୀ ଏବଂ ଅହମ୍ମଦାବାସ୍ଥିତ ୫ଟି କଲ୍ ସେଣ୍ଟର ବିରୋଧରେ ମଧ ଠକେଇ ଅଭିଯୋଗ ହୋଇଛି ବୋଲି ପାକ୍ ପ୍ରକାଶ କରିଛନ୍ତି।

## ସମଲିଙ୍ଗୀ ବିବାହକୁ ବିରୋଧ କରିପାରେ କେନ୍ଦ୍ର



**ନୂଆଦିଲ୍ଲୀ,୮।୯:** ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟ ଲିଙ୍ଗୀ, ତୃତୀୟ ଲିଙ୍ଗୀ ଓ ଅପ୍ରାକୃତିକ ସମ୍ପର୍କ ରକ୍ଷାକାରୀ (ଏଲ୍‌ଜିବିଟିକ୍ୟୁ)ଙ୍କ ଯୌନ ସମ୍ପର୍କକୁ ଅପରାଧ ଦର୍ଶାଉଥିବା ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୩୭୭କୁ ସୁପ୍ରିମକୋର୍ଟର ସାମ୍ବିଧାନିକ ପୀଠ ଚଳିତ ସପ୍ତାହରେ ଅବୈଧ ଦର୍ଶାଇବା ସହ ସେମାନଙ୍କ ପାଇଁ ସମାନତା ଲାଗି ଯୁକ୍ତି ବାଢ଼ିଥିଲେ। ଦଫା ୩୭୭ ଅପରାଧମୁକ୍ତ ହେବା ପରେ ସମାନତା ଅଧିକାର ଲଢ଼େଇର ଆଗାମୀ ପଦକ୍ଷେପ ସମଲିଙ୍ଗୀ ବିବାହ, ପୈତୃକ ସମ୍ପତ୍ତିରେ ଭାଗ, ବୀମାରେ ଅଂଶୀଦାର ହେବା ଆଦି ଅନେକ ପ୍ରସଙ୍ଗ ବୋଲି ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀ ସଦସ୍ୟମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ସମଲିଙ୍ଗୀ ବିବାହକୁ ବିରୋଧ କରିବା ଲାଗି ଯୋଜନା କରୁଥିବା ଜଣାପଡ଼ିଛି। ଦଫା ୩୭୭ ଉପରେ ନିଷ୍ପତ୍ତି ନେବା ଲାଗି କେନ୍ଦ୍ର ସୁପ୍ରିମକୋର୍ଟଙ୍କ ହାତରେ ଛାଡ଼ି ଦେଇଥିଲେ। କିନ୍ତୁ ସମଲିଙ୍ଗୀ ବିବାହ ନେଇ ଯଦି ଆବେଦନ ହୁଏ, ତେବେ କେନ୍ଦ୍ର ଏହାକୁ ବିରୋଧ କରିପାରେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

### ଇତିହାସର ଆଇନାରେ
## ସେପ୍ଟେମ୍ବର ୯ର ପ୍ରମୁଖ ଘଟଣା

୨୦୧୫ ସେପ୍ଟେମ୍ବର ୯ ରେ ବ୍ରିଟେନର ମହାରାଣୀ ଏଲିଜାବେଥ୍-୨ୟ ତାଙ୍କ ଦେଶରେ ସର୍ବାଧିକ ସମୟ ପର୍ଯ୍ୟନ୍ତ ଶାସନ କରିଥିବା ମହାରାଣୀ ପାଲଟି ଯାଇଥିଲେ। ଫଳରେ ସେ ତାଙ୍କର ଜେଜେମା' ଭିକ୍ଟୋରିଆଙ୍କୁ ମଧ ପଛରେ ପକାଇ ଦେଇଥିଲେ। ୨୧ ଏପ୍ରିଲ ୧୯୨୬ରେ ଜନ୍ମ ଗ୍ରହଣ କରିଥିବା ଏଲିଜାବେଥ୍-୨ୟ ୧୯୫୨ ଫେବୃୟାରୀ ୬ରୁ ଏପର୍ଯ୍ୟନ୍ତ ବ୍ରିଟେନରେ ଶାସନ କରୁଛନ୍ତି। ୨ ଜୁନ୍ ୧୯୫୩ରେ ତାଙ୍କର ରାଜ୍ୟାଭିଷେକ କରାଯାଇଥିଲା।

୧୯୯୧ ସେପ୍ଟେମ୍ବର ୯ ରେ ସୋଭିଏଟ୍ ୟୁନିୟନ ଠାରୁ ତାଜିକସ୍ତାନ ସ୍ୱାଧୀନ ହୋଇଥିଲା। ଏହି ମଧ୍ୟଏସୀୟ ଦେଶର ସୀମାକୁ ଆଫଗାନିସ୍ତାନ, ଉଜବେକିସ୍ତାନ ଏବଂ ଚାଇନା ଘେରିରହିଛି। ଏହାର ରାଜଧାନୀ ହେଉଛି ଦୁଶହାନବେ। ଦେଶ ସ୍ୱାଧୀନ ହେବାପରେ ସେଠାରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା।

### ■ ଜମ୍ମୁ-କଶ୍ମୀର ସୁରକ୍ଷାବଳର ଭିନ୍ନ ରଣକୌଶଳ
# ଟେକାମାଡ଼କାରୀ ବେଶରେ ପୋଲିସ

ଶ୍ରୀନଗର, ୮।୯

ପାକିସ୍ତାନୀ ଆତଙ୍କବାଦୀଙ୍କ ଇଙ୍ଗିତରେ ଚାଲୁଥିବା ଜମ୍ମୁ-କଶ୍ମୀରର ବିଚ୍ଛିନ୍ନତାବାଦୀମାନେ ସ୍ଥାନୀୟ ଯୁବକଙ୍କୁ କିଛିଟା ଟଙ୍କା ଦେଇ ହାତମୁଠାରେ ରଖିଛନ୍ତି। ଇଚ୍ଛା ମୁତାବକ ସେମାନଙ୍କୁ ଅସ୍ତ୍ର ଭଳି ବ୍ୟବହାର କରୁଛନ୍ତି ଏବଂ ସୁରକ୍ଷାକର୍ମୀଙ୍କ ଉପରକୁ ଟେକାମାଡ଼ କରାଉଛନ୍ତି। ଏହା ପୋଲିସ ଏବଂ ସେନା ଯବାନଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସାଜିଛି। ସୁରକ୍ଷାବଳ ଯେତେ କାର୍ଯ୍ୟାନୁଷ୍ଠାନ ନେଲେ ସୁଦ୍ଧା ଟେକାମାଡ଼କାରୀଙ୍କ ଖାତିର ନାହିଁ। ତେଣୁ ସେମାନଙ୍କୁ କାବୁ କରିବା ପାଇଁ ଜମ୍ମୁ-କଶ୍ମୀର ପୋଲିସ ୮ ବର୍ଷ ପୁରୁଣା କୌଶଳକୁ ପୁଣି ଆପଣାଇଛି। ଏବେ ସୁରକ୍ଷାକର୍ମୀମାନେ ଟେକାମାଡ଼କାରୀଙ୍କ ଭଳି ବେଶ ଧରି ସେମାନଙ୍କ ଗୋଷ୍ଠୀ ଭିତରକୁ ଯାଇ ଗିରଫ କରୁଛନ୍ତି। ଏହି ଉପାୟରେ ଶ୍ରୀନଗରରୁ ଶୁକ୍ରବାର ୪ ଜଣ ଟେକାମାଡ଼କାରୀ ପୋଲିସ କବ୍‌ଜାକୁ ଆସିଛନ୍ତି।

ଶ୍ରୀନଗରସ୍ଥିତ ଜାମା ମସ୍‌ଜିଦରେ ଶୁକ୍ରବାର ସ୍ୱତନ୍ତ୍ର ପ୍ରାର୍ଥନା ଶେଷହେବା ପରେ ସ୍ଥାନୀୟ ଯୁବକମାନେ ହଠାତ୍ ସୁରକ୍ଷାକର୍ମୀଙ୍କ ଉପରକୁ ଟେକାମାଡ଼ ଆରମ୍ଭ କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଲୋକ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ସେମାନଙ୍କ ମଧ୍ୟରେ କେତେଜଣ ପୋଲିସ ଓ ସିଆର୍‌ପିଏଫ୍ ଯବାନଙ୍କୁ ଆକ୍ରମଣ କରିଥିଲେ। ଏହାପରେ ସେଠାରେ ଯାହା ଘଟିଲା, ଉପସ୍ଥିତ ଲୋକଙ୍କୁ ଚକିତ କରିପକାଇଥିଲା। ଟେକାମାଡ଼କାରୀଙ୍କ ମଧ୍ୟରେ ଛଦ୍ମବେଶରେ ଥିଲେ ପୋଲିସ କର୍ମଚାରୀ ଏବଂ ସେମାନେ ୪ ଜଣଙ୍କୁ ଗିରଫ କରିଥିଲେ। ଗିରଫ ହୋଇଥିବା ଯୁବକମାନେ ମଧ ହଠାତ୍ କିଛି ବୁଝିପାରିଲେ ନାହିଁ। ଛଦ୍ମବେଶୀ ପୋଲିସ କର୍ମଚାରୀ ସେମାନଙ୍କୁ ଥାନାକୁ ନେବା ଲାଗି ଗାଡ଼ିରେ ବସାଇବା ପରେ ଚିତ୍ର ସ୍ପଷ୍ଟ ହୋଇଯାଇଥିଲା। ଏହି ଉପାୟ ଏତେଦୂର ଫଳପ୍ରଦ ହେଲା ଯେ, କିଛି ସମୟ ମଧ୍ୟରେ ଉକ୍ତ ସ୍ଥାନରୁ ବିକ୍ଷୋଭକାରୀମାନେ ଛତ୍ରଭଙ୍ଗ ଦେଇ ଚାଲିଗଲେ। ଜମ୍ମୁ-କଶ୍ମୀର ପୋଲିସର ଏହି ରଣକୌଶଳକୁ ଚାରିଆଡ଼ୁ ପ୍ରଶଂସା କରାଯାଉଛି।

ବିକ୍ଷୋଭକାରୀଙ୍କୁ ହଟାଇବା ଲାଗି ଛଦ୍ମବେଶୀ ପୋଲିସ ଖେଳନା ବନ୍ଧୁକ ବ୍ୟବହାର କରିଥିଲା ବୋଲି କେତେକ ଗଣମାଧ୍ୟମରେ ଖବର ପ୍ରସାର ହୋଇଛି। କିନ୍ତୁ ଏହାକୁ ଖଣ୍ଡନ କରିଛି ଜମ୍ମୁ-କଶ୍ମୀର ପୋଲିସ। ଗିରଫ ଟେକାମାଡ଼କାରୀଙ୍କ ମଧ୍ୟରୁ ଜଣଙ୍କ ପାଖରୁ ଏକ ଖେଳନା ବନ୍ଧୁକ ଜବତ ହୋଇଥିବା ପୋଲିସ କହିଛି। ୨୦୧୦ରେ ଏହି ରାଜ୍ୟରେ ପୋଲିସ ସମାନ ପନ୍ଥା ଆପଣାଇଥିଲା। ଭିଡ଼ ଭିତରେ ରହି ଟେକାମାଡ଼ କରୁଥିବା ଲୋକଙ୍କୁ ଚିହ୍ନଟ ଓ ଗିରଫ କରିବା ଲାଗି ପୋଲିସର ସ୍ୱତନ୍ତ୍ର ଟିମ୍ ଟେକାମାଡ଼କାରୀଙ୍କ ବେଶ ଧରୁଥିଲେ। ଦୁଇବର୍ଷ ପୂର୍ବେ ଇସ୍ରାଏଲ୍‌ର ପ୍ରତିରକ୍ଷା ବଳ ମଧ ସମାନ ରଣକୌଶଳ ପ୍ରୟୋଗ କରିଥିଲା। ଇସ୍ରାଏଲୀ ପୋଲିସ ଛଦ୍ମବେଶ ଧରି ପାଲେଷ୍ଟାଇନ୍ ଟେକାମାଡ଼କାରୀଙ୍କ ମଧ୍ୟରେ ସାମିଲ ହେବା ପରେ ସେମାନଙ୍କୁ ଗିରଫ କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।



- ■ ଛଦ୍ମବେଶରେ ବିକ୍ଷୋଭକାରୀଙ୍କ ସହ ସାମିଲ
- ■ ୪ ଟେକାମାଡ଼କାରୀଙ୍କୁ କଲେ ଗିରଫ
- ■ ନିମିଷକେ ୧୦୦ ବିକ୍ଷୋଭକାରୀଙ୍କ ଛତ୍ରଭଙ୍ଗ
- ■ ୮ ବର୍ଷ ପରେ ସମାନ କୌଶଳ ପ୍ରୟୋଗ

## ଛାତ୍ରଙ୍କ ସମେତ ୨ ଟଳିଲେ

**ଶ୍ରୀନଗର, ୮।୯(ପି.ଟି.):** ଜମ୍ମୁ-କଶ୍ମୀରରେ ଶନିବାର ଏକାଧିକ ଆକ୍ରମଣ ଘଟାଇଛନ୍ତି ଆତଙ୍କବାଦୀ। ଏଥିରେ ଛାତ୍ରଙ୍କ ସମେତ ୨ ଜଣ ସାଧାରଣ ନାଗରିକ ଟଳିପଡ଼ିଛନ୍ତି। ଅପରାହ୍ନରେ ବାରମୁଲ୍ଲା ଜିଲା ଅନ୍ତର୍ଗତ ସୋପୋର୍ ସହରର ବୋମାଇ ଅଞ୍ଚଳରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ମୃତ ହାକିମ୍-ଉଲ୍-ରହମାନ୍ ସୁଲ୍‌ତାନୀ ଥିଲେ ହୁରିୟାତ୍ ସଙ୍ଗଠନର କର୍ମୀ । ନିକଟରେ ସେ ଜେଲ୍‌ରୁ ମୁକୁଳିଥିଲେ ବୋଲି ସୂଚନା ମିଳିଛି। ସେହିପରି ସନ୍ଧ୍ୟାରେ ଶ୍ରୀନଗର ସହରର ହଜରତ୍‌ବଲ ଅଞ୍ଚଳରେ ଜଣେ ଛାତ୍ରଙ୍କ ଉପରକୁ ଅଜଣା ବନ୍ଧୁକଧାରୀ ଆକ୍ରମଣ କରିଥିଲେ। ଇସ୍‌ଲାମିକ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଇଶ୍‌ଫାକ୍ ଅହମଦଙ୍କ ଦେହରେ ଗୁଳି ବାଜିବାରୁ ସେ ଆଖି ବୁଜିଛନ୍ତି। ବନ୍ଧୁକଧାରୀମାନେ ଆତଙ୍କବାଦୀ ବୋଲି କୁହାଯାଉଛି।

## ଲଶ୍କର ଆତଙ୍କବାଦୀ ନିହତ

**ଶ୍ରୀନଗର, ୮।୯(ପି.ଟି.):** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ପୋଲିସ ଏନ୍‌କାଉଣ୍ଟରରେ ଜଣେ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳିମାଡ଼ରେ ଜଣେ ସୁରକ୍ଷାକର୍ମୀ ମଧ ଆହତ ହୋଇଥିବା ଶନିବାର ସୂଚନା ମିଳିଛି। ଶୁକ୍ରବାର ରାତିରେ ଆଚାବଲ ଅଞ୍ଚଳରେ ଏକ ପୋଲିସ ଟିମ୍ ଚେକ୍‌ପୋଷ୍ଟରେ ଥିଲାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଆକ୍ରମଣ କରଥିଲେ। ଯବାନମାନେ ଏହାର କଡ଼ା ଜବାବ ଦେଇଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ବେଶ୍ କିଛି ସମୟ ଗୁଳି ବିନିମୟ ହୋଇଥିଲା। ବୁଲେଟ ମାଡ଼ରେ ଜଣେ ଲଶ୍କର ଆତଙ୍କବାଦୀ ଟଳିପଡ଼ିଥିଲେ। ତାଙ୍କ ପାଖରୁ ଅସ୍ତ୍ର ଜବତ ହୋଇଛି। ନିହତ ଆତଙ୍କବାଦୀ ବିଲାଲ ଅହମଦ କୁଲ୍‌ଗାମ୍ ଜିଲାର ତନ୍ତ୍ରୟପୋରା ୟରିପୋରା ନିବାସୀ ବୋଲି ଜଣାପଡ଼ିଛି।


### ■ ଭାଜପା କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି
# ୨୦୧୯ରେ ନେତୃତ୍ୱ ନେବେ ଶାହ

ନୂଆଦିଲ୍ଲୀ,୮।୯(ଆଇଏଏନ୍‌ଏସ୍)

ପରିବର୍ତ୍ତନ ହେବେନାହିଁ ଭାରତୀୟ ଜନତା ପାର୍ଟି (ଭାଜପା)ର ମଙ୍ଗୁଆଳ। ଦଳର ରାଷ୍ଟ୍ରୀୟ ଅଧକ୍ଷ ଭାବେ ଆଉ ଏକ ପାଳି ଦାୟିତ୍ୱ ତୁଲାଇବେ ଅମିତ ଶାହ। ତାଙ୍କ ସଭାପତିତ୍ୱ ଜାରି ରଖିବା ଲାଗି ଦଳର ସାଙ୍ଗଠନିକ ନିର୍ବାଚନକୁ ରଦ୍ଦ କରି ଦିଆଯାଇଛି। ୨୦୧୯ରେ ଗୈରିକ ଦଳ ଶାହଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବ ବୋଲି ନୂଆଦିଲ୍ଲୀଠାରେ ଶନିବାର ଆରମ୍ଭ ହୋଇଥିବା ଭାଜପାର ଦୁଇଦିନିଆ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପଶ୍ଚିମବଙ୍ଗ ଭାଜପା ମୁଖ୍ୟ ଦିଲୀପ ଘୋଷ କହିଛନ୍ତି, ଦଳର ସାଙ୍ଗଠନିକ ନିର୍ବାଚନ ଏକ ଦୀର୍ଘମିଆଦୀ ପ୍ରକ୍ରିୟା। ବର୍ତ୍ତମାନ ଯଦି ଏହି ନିର୍ବାଚନ କରାଯାଏ, ତା'ହେଲେ ଦଳର ନେତା ଓ କର୍ମୀ ଏଥିରେ ବ୍ୟସ୍ତ ହୋଇପଡ଼ିବେ। ସାଙ୍ଗଠନିକ ନିର୍ବାଚନକୁ ଧ୍ୟାନ ଦେବା ପରିବର୍ତ୍ତେ ୨୦୧୯ ନିର୍ବାଚନ ପାଇଁ ପ୍ରସ୍ତୁତି କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏଣୁ ନିର୍ବାଚନ ପ୍ରକ୍ରିୟାକୁ ବାତିଲ କରି ଦିଆଯାଇଛି।

ପ୍ରକାଶ ଯେ, ଶାହଙ୍କ ୩ ବର୍ଷିଆ କାର୍ଯ୍ୟକାଳ ଜାନୁୟାରୀ ୨୦୧୯ରେ ଶେଷ ହେବାକୁ ଯାଉଛି। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟ୍‌ରେ ତତ୍କାଳୀନ ସଭାପତି ରାଜନାଥ ସିଂ ସାମିଲ ହେବା ପରେ ତାଙ୍କ ସ୍ଥାନରେ ଅମିତ ଶାହ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ଜାନୁୟାରୀ ୨୦୧୬ରେ ସେ ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଭାଜପା ସମ୍ବିଧାନ ଅନୁଯାୟୀ ଜଣେ ବ୍ୟକ୍ତି ମାତ୍ର ଦୁଇଥର ପୂର୍ଣ୍ଣକାଳୀନ ଭାବେ ଦଳର ନେତୃତ୍ୱ ନେଇପାରିବେ। ଏଭଳି ସ୍ଥିତିରେ ଶାହ ଆଉ ଥରେ ସଭାପତି ହୋଇପାରିବେ।

ବୈଠକରେ ଦଳର ରାଜ୍ୟ ସଭାପତି ଏବଂ ପଦାଧିକାରୀଙ୍କୁ ଉଦ୍‌ବୋଧନ ଦେଇ ଶାହ 'ଅଜୟ ଭାଜପା' ସ୍ଲୋଗାନ୍ ଦେବା ସହ କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ପୁଣିଥରେ ଦଳ ସଂଖ୍ୟାଗରିଷ୍ଠତା ସହ ବିଜୟୀ ହେବ ଏବଂ ଏଥିଲାଗି ଦଳର ନେତାକର୍ମୀଙ୍କୁ କଠିନ ପରିଶ୍ରମ କରିବା ଲାଗି ଶାହ ମନ୍ତ୍ରଣା ଦେଇଛନ୍ତି। ଦଳ ୨୦୧୪ରୁ ମଧ ଅଧିକ ଆସନ ହାସଲ କରି ଇତିହାସ ।ରଚିବ ବୋଲି କହିଛନ୍ତି। ଏହି ଅବସରରେ 'ଅଜୟ ଭାଜପା' ସ୍ଲୋଗାନ୍ ପ୍ରସ୍ତାବ ଉପରେ ମୋହର ଲଗାଯାଇଥିଲା। ସେହିପରି ଭାଜପା ଦେଶ ନିର୍ମାଣ (ମେକିଂ ଇଣ୍ଡିଆ) କରୁଥିବାବେଳେ କଂଗ୍ରେସ ଦେଶ ଭାଙ୍ଗୁଛି (ବ୍ରେକିଂ ଇଣ୍ଡିଆ) ବୋଲି ଶାହ ଅଭିଯୋଗ ଆଣିଛନ୍ତି।



- ■ ୨୦୧୪ରୁ ଅଧିକ ଆସନରେ ବିଜୟୀ ହେବ ଦଳ
- ■ ଆମେ ଦେଶ ଗଢୁଛୁ, କଂଗ୍ରେସ ଭାଙ୍ଗୁଛି

## ଇଜିପ୍ଟରେ ୭୫ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ


କାଏରୋ,୮।୯

୨୦୧୩ ଆନ୍ଦୋଳନ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଇଜିପ୍ଟରେ ଶନିବାର ୭୫ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ହୋଇଥିବାବେଳେ ଅନ୍ୟ ୪୭ ଜଣଙ୍କୁ ଆଜୀବନ କାରାଦଣ୍ଡ ହୋଇଛି। ଦଣ୍ଡ ପାଇଥିବା ଲୋକଙ୍କ ମଧ୍ୟରେ ଦେଶର ନିଷିଦ୍ଧ ଘୋଷିତ ଚରମପନ୍ଥୀ ଇସ୍‌ଲାମିକ୍ ସଙ୍ଗଠନ ମୁସ୍‌ଲିମ୍ ବ୍ରଦର୍‌ହୁଡ୍‌ର ଅନେକ ସଦସ୍ୟ ଅଛନ୍ତି। ସମସ୍ତଙ୍କ ବିରୋଧରେ ହତ୍ୟାଠାରୁ ଆରମ୍ଭକରି ସାଧାରଣ ସମ୍ପତ୍ତି ନଷ୍ଟ ଭଳି ଅଭିଯୋଗ ହୋଇଛି। ଆଜୀବନ ଜେଲ ଦଣ୍ଡ ପାଇଥିବା ଦୋଷୀଙ୍କ ମଧ୍ୟରେ ବ୍ରଦରହୁଡ୍‌ର ମୁଖ୍ୟ ମହମ୍ମଦ ବଦି ମଧ ଅଛନ୍ତି।

## ଫୁର୍‌ସତ

## ଜାତିସଂଘ ଜାରି କରିବ ଦିୱାଲି ଷ୍ଟାମ୍ପ

**ଜାତିସଂଘ:** ଜାତିସଂଘ ପୋଷ୍ଟାଲ ଏଜେନ୍ସି ଆସନ୍ତା ମାସ ୧୯ରେ ଏକ ସ୍ୱତନ୍ତ୍ର ଦିୱାଲି ଷ୍ଟାମ୍ପ ଜାରି କରିବ। ଭାରତର ଏକ ପ୍ରମୁଖ ଉତ୍ସବ ଦିୱାଲି ଅବସରରେ ଏହି ସ୍ମାରକୀ ଡାକଟିକେଟ ଉନ୍ମୋଚିତ ହେବ। ଏ ସଂପର୍କରେ ଜାତିସଂଘ ପକ୍ଷରୁ କୁହାଯାଇଛି, ଦିୱାଲୀକୁ ଦୀପାବଳୀ କୁହାଯାଏ। ଏହା ଆଲୋକର ପର୍ବ। ଉଭୟ ଆଲୋକ ଏବଂ ଆନନ୍ଦର ଏହି ଉତ୍ସବ ଭାରତ ସମେତ ସମଗ୍ର ବିଶ୍ୱରେ ବିଭିନ୍ନ ଧର୍ମବିଶ୍ୱାସୀର ଲୋକେ ପାଳନ କରିଥାଆନ୍ତି। ତେଣୁ ଜନସାଧାରଣଙ୍କ ଧର୍ମୀୟ ଭାବନାକୁ ସ୍ୱାଗତ ଜଣାଇ ଏହା ଜାରି କରାଯାଉଛି।




ଉକ୍ତ ଷ୍ଟାମ୍ପ ପୃଷ୍ଠଭୂମିରେ ଜାତିସଂଘ ମୁଖ୍ୟ କାର୍ଯ୍ୟାଳୟ ଭବନ ମୁଦ୍ରିତ ହେବା ସହିତ 'ହାପି ଦିୱାଲି' ବାର୍ତ୍ତା ଉଲ୍ଲେଖ ରହିଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଆମ୍ବାସାଡର ସୟଦ ଆକବରୁଦ୍ଦିନ୍ ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି।


# ସତ୍ୟାର୍ଥୀଙ୍କ ଉପରେ ଡକ୍ୟୁମେଣ୍ଟାରି

**ନ୍ୟୁୟର୍କ:** ଆମେରିକାର ଭିଡିଓ-ଶେୟାରିଂ ୱେବ୍‌ସାଇଟ୍ ୟୁଟ୍ୟୁବ୍ ନୋବେଲ୍ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାମାଜିକ କର୍ମୀ କୈଳାସ ସତ୍ୟାର୍ଥୀଙ୍କ କାର୍ଯ୍ୟ ଉପରେ ପ୍ରସ୍ତୁତ ଡକ୍ୟୁମେଣ୍ଟାରି(ପ୍ରାମାଣିକ ଚିତ୍ର) ପ୍ରସାରଣ ପାଇଁ ଗ୍ରହଣ କରିଛି। ଏହାଦ୍ୱାରା ଶିଶୁ ଶ୍ରମିକ ପ୍ରଥା ବିଲୋପ ଲାଗି ସତ୍ୟାର୍ଥୀ ଯେଉଁ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି ସେ ସମ୍ପର୍କରେ ବିଶ୍ୱବାସୀ ଅବଗତ ହୋଇପାରିବେ।

'ଦି ପ୍ରାଇସ୍ ଅଫ୍ ଫ୍ରି' ଶୀର୍ଷକ ଏହି ଡକ୍ୟୁମେଣ୍ଟାରି ଅମେରିକାର ଫିଲ୍ମ ଆଣ୍ଡ ଟେଲିଭିଜନ୍ ପର୍ସନାଲିଟି ଡାଭିସ୍ ଗୁଗେନ୍‌ହାଇମ୍‌ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଡେରେକ ଡୋନିନ୍। ଉକ୍ତ ଚଳଚ୍ଚିତ୍ରରେ ବିଶିଷ୍ଟ ସମାଜସେବୀ ସତ୍ୟାର୍ଥୀ ଏବଂ ତାଙ୍କ ସାଥୀ ଓ ସମର୍ଥକ ଯେଭଳି ଗୋପନୀୟ ଚଢ଼ାଉ କରି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି ତାହା ପ୍ରଦର୍ଶିତ ହୋଇଛି। ଫିଲ୍ମ କମ୍ପାନୀ ପାର୍ଟିସିପାଣ୍ଟ ମିଡିଆ ଆଣ୍ଡ କନକୋର୍ଡିଆ ଷ୍ଟୁଡିଓ ଏହାର ସହ-ପ୍ରଯୋଜନା କରିବା ସହିତ ଆର୍ଥିକ ସହାୟତା ମଧ ଯୋଗାଇ ଦେଇଛି। ପାର୍ଟିସିପାଣ୍ଟ ମିଡିଆର ଡିଜିଟାଲ୍ ଡିଭିଜନ୍ ତଥା ୟୁଟ୍ୟୁବ୍ ଚ୍ୟାନେଲ୍ ସୋଯୁଲପାନକେକ୍‌ରେ ୯୦ ମିନିଟ୍ ଅବଧିର ଏହି ପ୍ରାମାଣିକ ଚଳଚ୍ଚିତ୍ର ନଭେମ୍ବର ୨୭ରେ ପ୍ରସାରିତ ହେବ।

୨୦୧୮ ସନ୍‌ଡ୍ୟାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଉକ୍ତ ଡକ୍ୟୁମେଣ୍ଟାରିର ପରୀକ୍ଷାମୂଳକ ପ୍ରସାରଣ ହୋଇଥିଲା। ଏହା ସେଠାରେ ୟୁଏସ୍ ଡକ୍ୟୁମେଣ୍ଟାରି ଗ୍ରାଣ୍ଡ ଜୁରି ପୁରସ୍କାର ଲାଭ କରିଛି। ଶିଶୁ ଶ୍ରମିକ ପ୍ରଥା ବିଲୋପ ପାଇଁ ସତ୍ୟାର୍ଥୀ ଓ ତାଙ୍କ ଟିମ୍‌ର ଉଦ୍ୟମକୁ ୟୁଟ୍ୟୁବ୍ ପ୍ରଶଂସା କରିଛି।





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୨ | ୨୪.୫ |
| ଚାନ୍ଦବାଲି | ୩୨.୫ | ୨୪.୦ |
| କଟକ | ୩୨.୦ | ୨୨.୦ |
| ପାରାଦ୍ୱୀପ | ୩୧.୨ | ୨୫.୫ |
| ଭୁବନେଶ୍ୱର | ୩୧.୮ | ୨୩.୬ |
| ଗୋପାଳପୁର | ୩୩.୩ | ୨୫.୩ |
| ପୁରୀ | ୩୧.୫ | ୨୪.୬ |
| ଅନୁଗୋଳ | ୩୧.୭ | ୨୧.୭ |
| ବାରିପଦା | ୩୨.୦ | ୨୫.୪ |
| ଝାରସୁଗୁଡ଼ା | ୨୮.୦ | ୨୩.୮ |
| କେନ୍ଦୁଝର | ୩୦.୦ | ୨୨.୫ |
| ସମ୍ବଲପୁର | ୨୮.୧ | ୨୧.୩ |
| ସୁନ୍ଦରଗଡ଼ | --- | ୧୮.୦ |
| ହୀରାକୁଦ | ୨୭.୯ | ୧୯.୮ |
| ତାଳଚେର | ୩୨.୦ | ୨୪.୫ |
| ଭବାନୀପାଟଣା | ୩୧.୦ | ୨୩.୦ |
| ବଲାଙ୍ଗୀର | ୨୯.୦ | ୨୩.୦ |
| କୋରାପୁଟ | ୨୭.୨ | ୧୯.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୦.୫ | ୨୦.୦ |
| ମାଲକାନଗିରି | ୩୨.୦ | ୨୪.୯ |
| ସୋନପୁର | ୩୦.୮ | ୨୧.୪ |
| ଦାରିଙ୍ଗିବାଡ଼ି | ୨୭.୫ | ୧୭.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ମୋ ଫିଲ୍ମ ନିଷିଦ୍ଧ ହେଉ

### ଟ୍ୱିଙ୍କିଲ୍ ଖାନ୍ନା

**ମୁମ୍ବାଇ:** ଏକଦା ହିନ୍ଦୀ ଫିଲ୍ମ ଶିଳ୍ପରେ ଅଭିନେତ୍ରୀର ମାନ୍ୟତା ବଜାୟ ରଖିଥିଲେ ଟ୍ୱିଙ୍କିଲ୍ ଖାନ୍ନା। ବର୍ତ୍ତମାନ ସେ ଲେଖିକା ତଥା ପ୍ରଯୋଜିକା। ସେ ଯେଉଁସବୁ ଫିଲ୍ମରେ ଅଭିନୟ କରିଛନ୍ତି ସେ ସବୁକୁ ବ୍ୟାନ୍ (ନିଷିଦ୍ଧ) କରିଦିଆଯିବା ଉଚିତ। ଫଳରେ କେହି ଏହାକୁ ଦେଖିପାରିବେ ନାହିଁ ବୋଲି ଟ୍ୱିଙ୍କିଲ୍ ପ୍ରକାଶ କରିଛନ୍ତି। ଶୁକ୍ରବାର ଟ୍ୱିଙ୍କିଲ୍ ତାଙ୍କର ପୁସ୍ତକ 'ପାଇଜାମାସ୍ ଆର୍ ଫରଗିଭିଙ୍ଗ୍' ଲଞ୍ଚ୍ ବେଳେ ଗଣମାଧ୍ୟମ ସହ ଆଲୋଚନା ଅବସରରେ ଏହା ପ୍ରକାଶ କରିଛନ୍ତି। ଏହି ସମୟରେ ଉପସ୍ଥିତ ଥିଲେ ତାଙ୍କ ସ୍ୱାମୀ ଅକ୍ଷୟ କୁମାର, ମା' ଡିମ୍ପଲ କାପାଡିଆଙ୍କ ସମେତ ବଲିଉଡ୍‌ର ଅନ୍ୟ କଳାକାରମାନେ। ଟ୍ୱିଙ୍କିଲ୍ ୧୯୯୫ରେ ପ୍ରଥମ କରି 'ବରସାତ୍'ରେ ଅଭିନୟର ପାଦ ଥାପିଥିଲେ। ଏହାପରେ ସେ କ୍ରମାଗତ 'ଇତିହାସ', 'ଜୁଲ୍‌ମି' ଏବଂ 'ମେଲା' ଭଳି ଅନେକ ଫିଲ୍ମରେ ଅଭିନୟ କରିଛନ୍ତି। କିନ୍ତୁ ତାଙ୍କର ସବୁ ଫିଲ୍ମ ଫ୍ଲପ୍ ହୋଇଯାଇଛି। ସେ ୨୦୦୧ରେ ଅଭିନେତା ଅକ୍ଷୟ କୁମାରଙ୍କୁ ବିବାହ କରିବା ପରେ ଅଭିନୟ ଛାଡି ଦେଇଥିଲେ। ତାଙ୍କୁ ପ୍ରଶ୍ନ କରାଯାଇଥିଲା, ଆପଣଙ୍କ କେଉଁ ଫିଲ୍ମ ରିମେକ୍ ହେବା ଆବଶ୍ୟକ ବୋଲି ଭାବୁଛନ୍ତି। ସେ ପରିହାସ ଛଳରେ କହିଥିଲେ, ବାସ୍ତବରେ ମୋର କୌଣସି ଫିଲ୍ମ ହିଟ୍ ହୋଇନାହିଁ। ତେଣୁ ମୁଁ ଭାବୁଛି, 'ମୋର ସବୁ ଫିଲ୍ମକୁ ବ୍ୟାନ୍ କରିଦେବା ଉଚିତ। ଫଳରେ କୌଣସି ଦର୍ଶକ ଏହାକୁ ଦେଖିପାରିବେ ନାହିଁ।'



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




# ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ




ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

■ ୪୧ ପଏଣ୍ଟରୁ ୫୦ ହଜାର ହେକ୍ଟର ଜମିରେ ମିଳିବ ସୁବିଧା

■ ବର୍ତ୍ତମାନ ସୁଦ୍ଧା ୭ ଲକ୍ଷ ହେକ୍ଟର ଜମି ଜଳସେଚିତ

ଭୁବନେଶ୍ୱର,୮।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସଚିବାଳୟରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଉକ୍ତ ପ୍ରକଳ୍ପର ୪୧ଟି ପଏଣ୍ଟରୁ ୫୦ହଜାର ହେକ୍ଟରରୁ ଅଧିକ ଜମିରେ ଜଳସେଚନ ସୁବିଧା ମିଳିପାରିବ। ଏ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୃଷିର ବିକାଶ ପାଇଁ ଜଳସେଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେ ୨୦୧୯ ସୁଦ୍ଧା ଅଧିକ ୧୦,୦୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ୭ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଜଳସେଚନ ସୁବିଧା କରାଯାଇଛି। ରାଜ୍ୟରେ ଥିବା ଉଚ୍ଚ ଜମି ଉପରେ ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ବହୁତ ଲୋକପ୍ରିୟ ହୋଇପାରିଛି। ଅଧିକରୁ ଅଧିକ ଚାଷୀ ଯେପରି ଏହି ସୁବିଧା ପାଇବେ, ସେଥିପ୍ରତି ସରକାର ଉଦ୍ୟମ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ କେବଳ ଜଳସେଚନର ଉନ୍ନତି ପାଇଁ ଆଗାମୀ ୫ ବର୍ଷରେ ୧୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଉପସ୍ଥିତ ରହିଥିଲେ। ସେ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଜଳସେଚନ ପାଇଁ ରାଜ୍ୟ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ପାଳନ କରିବା ଦିଗରେ ଉଦ୍ୟମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ। ବଲାଙ୍ଗିର ଜିଲାରେ ଯେପରି ଅଧିକ ଜମିରେ ଜଳସେଚନ ହୋଇପାରିବ, ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ନରସିଂହ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

ପ୍ରକାଶ ଯେ, ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ୨୩ ଜିଲାରେ ୧୯୯ଟି ଯୋଜନା କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ୨,୮୬,୦୦୦ ହେକ୍ଟର ଚାଷଜମିରେ ଜଳସେଚନର ଲକ୍ଷ୍ୟ ରଖାଯାଇଛି। ସେହିପରି ଶନିବାର ଉଦ୍‌ଘାଟିତ ହୋଇଥିବା ୪୧ଟି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ୯ ଜିଲାର ୫୦,୦୨୨ ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିପାରିଛି। ଏହି ଜିଲାଗୁଡ଼ିକ ହେଉଛି ଗଜପତି, କଳାହାଣ୍ଡି, ନବରଙ୍ଗପୁର, ବରଗଡ଼, ବଲାଙ୍ଗିର, ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ ଓ ସୁବର୍ଣ୍ଣପୁର। ୨୦୧୯ ମାର୍ଚ୍ଚ ସୁଦ୍ଧା ଅତିରିକ୍ତ ୮୦ଟି ପ୍ରକଳ୍ପ ଦ୍ୱାରା ୧୦,୦୦୦ ହେକ୍ଟର ଜମିରେ ଜଳସେଚନର ସୁବିଧା ହୋଇପାରିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ସମ୍ବନ୍ଧରେ ତଥ୍ୟ ସମ୍ବଳିତ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି। ସର୍ବୋଚ୍ଚ ଯନ୍ତ୍ରୀ ଏବଂ ବୃହତ ଉଠାଜଳସେଚନ ପ୍ରକଳ୍ପର କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧.୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସମେତ ମନ୍ତ୍ରୀ ପରିଷଦର ଅନ୍ୟାନ୍ୟ ସଦସ୍ୟ ଓ ପ୍ରଶାସନିକ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବଳପୂର୍ବକ ଚାନ୍ଦା ଆଦାୟ କଲେ ଗିରଫ

■ ରାଜରାସ୍ତାରେ ମଗାଯାଇ ପାରିବନି ଚାନ୍ଦା

■ ସମସ୍ତ ଏସ୍‌ପି, ଡିସିପିଙ୍କୁ ନିର୍ଦ୍ଦେଶ ଦେଲେ ଡିଜିପି

କଟକ ଅଫିସ, ୮।୯

ଏଣିକି ଆଉ ଚଳିବନି ବଳପୂର୍ବକ ଚାନ୍ଦା ଆଦାୟ। ମନଇଚ୍ଛା ରାସ୍ତାରେ ଗାଡିମୋଟର ଅଟକାଇ ଚାନ୍ଦା ଆଦାୟ ବି ବନ୍ଦ। ଏମିତି କଟକଣା ଜାରି କରିଛି ଓଡ଼ିଶା ପୋଲିସ। ବଳପୂର୍ବକ ଚାନ୍ଦା ଆଦାୟକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ଶନିବାର ରାଜ୍ୟର ସମସ୍ତ ଏସ୍‌ପି ଓ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଭିନ୍ନ ପୂଜା, ପର୍ବ ଓ ଉତ୍ସବ ସମୟରେ ବଳପୂର୍ବକ ଚାନ୍ଦା ଆଦାୟ କରାଯାଉଛି। ସହରଠାରୁ ଗାଁ ପର୍ଯ୍ୟନ୍ତ ରାଜରାସ୍ତାରେ ଗାଡିମୋଟର ଅଟକାଇ ଚାନ୍ଦା ନିଆଯାଉଛି। ବିଶେଷକରି ଜାତୀୟ ରାଜପଥ, ରାଜ୍ୟ ରାଜପଥ ଅବରୋଧ କରି ପୂଜା କମିଟିଗୁଡ଼ିକ ପକ୍ଷରୁ ନିୟମିତ ଚାନ୍ଦା ଆଦାୟ ହେଉଛି। ଏହାକୁ ନେଇ ଅନେକ ସମୟରେ ରାଜ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଡିଜିପି ଶର୍ମା କେତେକ କଟକଣା ଜାରି କରିଛନ୍ତି। ରାସ୍ତାରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ସ୍ଥାନୀୟ ବସ୍‌ଷ୍ଟାଣ୍ଡ, ମାର୍କେଟ, ବସ୍ ଷ୍ଟପ ଆଦି ଜନଗହଳିପୂର୍ଣ୍ଣ ସ୍ଥାନ ଉପରେ ନଜର ରଖାଯିବ। କୌଣସି ବ୍ୟକ୍ତି ପୂଜା ଚାନ୍ଦା ନାଁରେ ବଳପୂର୍ବକ ଟଙ୍କା ଆଦାୟ କରୁଥିଲେ ତାଙ୍କୁ ଗିରଫ କରାଯିବ। ଚାନ୍ଦା ଆଦାୟକାରୀଙ୍କ ବିରୋଧରେ ଆଇପିସି ଦଫା ୩୮୪, ୩୮୬, ୩୮୭, ୩୯୨, ୩୯୪, ୩୯୫ରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ରହିଛି। ଏ ସଂକ୍ରାନ୍ତରେ ଥାନାଧିକାରୀମାନେ ଲୋକଙ୍କୁ ଯୋଗାଯୋଗ କରିବେ। ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏସ୍‌ପି ଓ ଡିସିପିଙ୍କୁ ମଧ୍ୟ ଜଣାଇବେ। ବିଶେଷ କରି ଦୋକାନୀ, ଟ୍ରକ ଓ ବସ୍ ମାଲିକ, ସପିଂ ମଲ୍ କର୍ତ୍ତୃପକ୍ଷଙ୍କଠାରୁ ଅଧିକ ପରିମାଣରେ ପୂଜା ଚାନ୍ଦା ଆଦାୟ କରାଯାଏ। ତେଣୁ ଉକ୍ତ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ସହ ପୋଲିସ ଆଲୋଚନା କରି ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବାକୁ କୁହାଯାଇଛି। ନିର୍ଦ୍ଦେଶକୁ ଥାନାଧିକାରୀମାନେ ଠିକ୍ ଭାବେ କାର୍ଯ୍ୟକାରୀ କରୁଛନ୍ତି କି ନାହିଁ ତାହା ତଦାରଖ କରିବାକୁ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।




# ଋଣ ବୋଝ ନେଲା ମହିଳା ଚାଷୀଙ୍କ ଜୀବନ


ନବରଙ୍ଗପୁର/ତେନ୍ତୁଲିଖୁଣ୍ଟି, ୮।୯(ବି.ପ୍ର/ବି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଲମତାଗୁଡ଼ା ପଞ୍ଚାୟତ ଆଉଁଳିଗୁମ୍ମା ଗ୍ରାମର ପଦ୍ମାବତୀ ମୁଦୁଲି ଋଣ ବୋଝ ଓ ଚାଷ କ୍ଷତି ସହି ନ ପାରି ଶନିବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି।

ଆଉଁଳିଗୁମ୍ମା ଗାଁର ମାଧବ ମୁଦୁଲିଙ୍କ ସ୍ତ୍ରୀ ପଦ୍ମାବତୀ ୧୦ ଜଣ ମହିଳାଙ୍କ ସହ ମିଶି ଶ୍ରୀରାମ ଏସ୍‌ଏଚ୍‌ଜି ଗଠନ କରି ସ୍ୱନ୍ଦନା ସ୍ଫୁଟି ଫାଇନାନ୍ସ ଲିମିଟେଡ ସହ ୨ଟି ଘରୋଇ ସଂସ୍ଥାରୁ ଋଣ ନେଇଥିଲେ। ପଦ୍ମା ୨୦୧୭ ଡିସେମ୍ବର ୨୭ତାରିଖରେ ୨୦ ହଜାର ୬ ଟଙ୍କା ଏବଂ ୨୦୧୮ ଏପ୍ରିଲ ୧୦ରେ ୧୦ ହଜାର ଟଙ୍କା ଋଣ ନେଇଥିଲେ। ରାଶନ ଓ ପନିପରିବା ଦୋକାନ କରିବା ଉଦ୍ଦେଶ୍ୟରେ ପଦ୍ମା ଋଣ ନେଇଥିଲେ। କିନ୍ତୁ ଏହାକୁ ଚାଷ କାର୍ଯ୍ୟରେ ଲଗାଇଥିଲେ। ଋଣ ଟଙ୍କାର ସୁଧ ହାର ବାର୍ଷିକ ୨୪ ପ୍ରତିଶତରୁ ଅଧିକ ଥିଲା। ପ୍ରତି ସପ୍ତାହରେ ସୁଧ ସହ ମୂଳଧନରୁ କିଛି ଟଙ୍କା ପରିଶୋଧ କରିବାକୁ ଫାଇନାନ୍ସ ସଂସ୍ଥା ମହିଳାମାନଙ୍କ ସହ ଚୁକ୍ତି କରିଥିଲେ। ପ୍ରତି ମାସରେ ୧୬୬୦ ଟଙ୍କା ସଂସ୍ଥାକୁ ଦେବାକୁ ପଡୁଥିଲା। ୧୫ ଦିନରେ ଥରେ ଉକ୍ତ ସଂସ୍ଥାର କର୍ମଚାରୀ ଆସି ଋଣ ଟଙ୍କାର କିସ୍ତି ଆଦାୟ କରି ନେଉଥିଲେ। ତେବେ ପଦ୍ମା କିସ୍ତି ଟଙ୍କା ଦେଇ ପାରି ନ ଥିଲେ। ଟଙ୍କା ନ ଦେଲେ ଘରେ ତାଲାପକାଇ ଦେବୁ ବୋଲି ଫାଇନାନ୍ସ ସଂସ୍ଥାର କର୍ମଚାରୀମାନେ ତାଙ୍କୁ ଧମକ ଦେଉଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ମାଧବଙ୍କ ୩ ଏକର ୮୭ ସେଣ୍ଟ ଚାଷ ଜମିର ଧାନ ଫସଲରେ ରୋଗ ଲାଗି ନଷ୍ଟ ହୋଇ ଯାଇଥିଲା। ଏପଟେ ଋଣ ବୋଝ ଅନ୍ୟ ପକ୍ଷେ ଫସଲ ନଷ୍ଟ ଯୋଗୁ ସେ ଚିନ୍ତାଗ୍ରସ୍ତ ହୋଇ ପଡ଼ିଥିଲେ। ଫାଇନାନ୍ସ ସଂସ୍ଥାର ଋଣ ଆଦାୟ ବ୍ୟବସ୍ଥା ଓ ଚାପକୁ ସହ୍ୟ କରିପାରି ଶୁକ୍ରବାର କୀଟନାଶକ ଖାଇ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଖଟିଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତେନ୍ତୁଲିଖୁଣ୍ଟି ଡାକ୍ତରଖାନା ପରେ ନବରଙ୍ଗପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି।

NSSO
ନେସନାଲ୍ ସାମ୍ପଲ ସର୍ଭେ ଅଫିସ୍
ସାଂଖ୍ୟିକୀ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରାଳୟ, ଭାରତ ସରକାର
ଆସନ୍ତୁ, ଏନ୍.ଏସ୍.ଏସ୍.ଓ ର ସର୍ବେକ୍ଷଣରେ ଭାଗ ନିଅନ୍ତୁ ତଥା ଦେଶର ବିକାଶରେ ସହଯୋଗ କରନ୍ତୁ
ଏନ୍.ଏସ୍.ଏସ୍.ଓ (NSSO) ଦ୍ୱାରା ଯୋଜନା ଏବଂ ନୀତି ନିର୍ଦ୍ଧାରଣ ପାଇଁ ସୂଚନା ଏକତ୍ର କରିବା ଉଦ୍ଦେଶ୍ୟରେ ବିଭିନ୍ନ ସମାଜାର୍ଥିକ ବିଷୟ ଉପରେ ଦେଶବ୍ୟାପୀ ସର୍ବେକ୍ଷଣ କରାଯାଉଛି। 01 ଜୁଲାଇ, 2018 ଠାରୁ 31 ଡିସେମ୍ବର, 2018 ପର୍ଯ୍ୟନ୍ତ, ଏହାର ବର୍ତ୍ତମାନ ଚାଲିଥିବା ସର୍ବେକ୍ଷଣ ମାଧ୍ୟମରେ ଚୟନିତ (ବଛା ବଛା) ପରିବାରଠାରୁ ନିମ୍ନ ବିଷୟରେ ସୂଚନା ଏକତ୍ର କରାଯିବ :
(୧) ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସର୍ବେକ୍ଷଣ
(୨) ପାନୀୟ ଜଳ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ବିଜ୍ଞାନ ଏବଂ ଆବାସିକ ସ୍ଥିତି
ଏନ୍.ଏସ୍.ଏସ୍.ଓ ଅଧିକାରୀ ସୂଚନା ପ୍ରାପ୍ତି ସକାଶେ ଚୟନିତ ପରିବାର ଗୁଡ଼ିକ ସହିତ ସମ୍ପର୍କ କରିବେ। ଏହି ଅଧିକାରୀ ମାନଙ୍କୁ ସହଯୋଗ କରି ସମ୍ପୂର୍ଣ୍ଣ ଏବଂ ସଠିକ୍ ସୂଚନା ଉପଲବ୍ଧ କରାନ୍ତୁ ତଥା ଦେଶର ବିକାଶରେ ଯୋଗଦାନ ଦିଅନ୍ତୁ।
ପରିବାର ଦ୍ୱାରା ଦିଆ ଯାଇଥିବା ସୂଚନା ସମ୍ପୂର୍ଣ୍ଣ ଭାବେ ଗୋପନୀୟ ରଖାଯିବ।
ଅଧିକ ସୂଚନା ପାଇଁ ଦୟାକରି ସଂପର୍କ କରନ୍ତୁ
ମୁଖ୍ୟାଳୟ: ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ, ପୂର୍ବାଞ୍ଚଳ-୬, ତଳ- ୪-୭, ରାମକୃଷ୍ଣ ପୁରମ, ନୂଆଦିଲ୍ଲୀ-୧୧୦୦୬୬, ଦୂରଭାଷ- ୦୧୧-୨୬୧୦୨୮୩୬, ୱେବସାଇଟ୍ - www.mospi.nic.in
କ୍ଷେତ୍ରୀୟ କାର୍ଯ୍ୟାଳୟ: ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ, କମର୍ସିଆଲ କମ୍ପ୍ଲେକ୍ସ, ପ୍ରଥମ ମହଲା, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩, ଓଡ଼ିଶା, ଦୂରଭାଷ : ୦୬୭୪-୨୫୬୨୬୫୦, ୨୫୬୭୭୦୪, ୨୫୪୪୮୪୩, ଇ-ମେଲ- ro.bbs-fod@nic.in



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆଦି
ପରିବାରବର୍ଗ


ସିଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଡ଼ିଆ ଯବାନ ଚମ୍ପେଶ୍ୱର ଶହୀଦ

ରେଢ଼ାଖୋଲ,୮।୯(ଡି.ଏନ.ଏ.)

ମଣିପୁରର ମିଆଁମାର ସୀମାନ୍ତବର୍ତ୍ତୀ ଚାନ୍ଦେଲ ଜିଲା ଜୌପି ଅଞ୍ଚଳରେ ଉଗ୍ରବାଦୀ ସଙ୍ଗଠନ ପିଏଲଏ ସହ ଲଢ଼େଇରେ ଆସାମ ରାଇଫଲ୍ସର ଜଣେ ଓଡ଼ିଆ ଯବାନ ଶହୀଦ ହୋଇଛନ୍ତି। ସେ ହେଲେ ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ କଦଳୀଗଡ଼ ପଞ୍ଚାୟତ ଧଉରାଖମଣ ଗ୍ରାମର ଚମ୍ପେଶ୍ୱର ମହାକୁଡ। ଶୁକ୍ରବାର ସକାଳେ କୋମ୍ବିଂ ବେଳେ ଘଟିଥିବା ଏହି ଘଟଣା ସମ୍ପର୍କରେ ରେଢ଼ାଖୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲଙ୍କୁ ଆସାମ ରାଇଫଲ୍ସ ପକ୍ଷରୁ ଅବଗତ କରାଯାଇଛି।

## ସଂକ୍ଷେପରେ

### ଧରିତ୍ରୀ ଖବରଦାତାଙ୍କ ପରଲୋକ


କୁମୁଦ ଚନ୍ଦ୍ର ନାଏକ

ଭବାନୀପାଟଣା/ ଜୁନାଗଡ଼, ୮।୯(ଡି.ଏନ୍.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ 'ଧରିତ୍ରୀ' ଖବରଦାତା କୁମୁଦ ଚନ୍ଦ୍ର ନାଏକ(୪୮)ଙ୍କ ଶନିବାର ସକାଳେ କିଡ୍‌ନୀ ଜନିତ ରୋଗରେ ପରଲୋକ ହୋଇଯାଇଛି। ଗତ ୨ ଦିନ ହେବ ତାଙ୍କୁ ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳିଯାଇଛି। ଗତ ୪ ତାରିଖରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ନ ଆସିବାରୁ ତାଙ୍କୁ ବୁର୍ଲା ଅଣାଯାଇଥିଲା। ଏହି ଖବର ପାଇବା ପରେ ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଶୋକ ପ୍ରକାଶ କରିଛନ୍ତି।

#### ୩୪ତମ ଆଇଏଟିଓ ବାର୍ଷିକ ସମ୍ମିଳନୀ

### ଓଡ଼ିଶା ପର୍ଯ୍ୟଟନକୁ ଶ୍ରେଷ୍ଠ ବୁଥ୍, ଉପସ୍ଥାପନା, ବ୍ରୋଶର ପୁରସ୍କାର

ଭୁବନେଶ୍ୱର, ୮।୯(ବ୍ୟୁରୋ): ବିଶାଖାପାଟଣାରେ ଆୟୋଜିତ ୩୪ତମ ଇଣ୍ଡିଆନ୍ ଆସୋସିଏଶନ୍ ଅଫ୍ ଟୁର୍ ଅପରେଟର୍ସ(ଆଇଏଟିଓ)ର ବାର୍ଷିକ ସମ୍ମିଳନୀରେ ଓଡ଼ିଶା ପର୍ଯ୍ୟଟନକୁ ଶ୍ରେଷ୍ଠ ବୁଥ୍, ଉପସ୍ଥାପନା ଓ ବ୍ରୋଶର ପୁରସ୍କାର ମିଳିଛି। '୨୦୨୦ ସୁଦ୍ଧା ୨କୋଟି ବିଦେଶୀ ପର୍ଯ୍ୟଟକ' ଶୀର୍ଷକ ଥିମ୍ ଉପରେ ପର୍ଯ୍ୟବସିତ ଏହି ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଛି। ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ହୋଇଥିବା ଷ୍ଟଲ୍‌କୁ ଆଇଏଟିଓର ପ୍ରତିନିଧିମାନେ ପରିଦର୍ଶନ କରି ଓଡ଼ିଶାର ଲୋକପ୍ରିୟତାକୁ ଅଭିବର୍ଦ୍ଧନ କରିବାରେ ବିଭାଗର ଉଦ୍ୟମକୁ ବହୁ ପ୍ରଶଂସା କରିଥିଲେ। ଓଡ଼ିଶା ପର୍ଯ୍ୟଟନର ଅଭିଯାନ 'ଓଡ଼ିଶା ବାଏ ମର୍ନିଂ, ହକି ବାଏ ଇଭିନିଂ' ବ୍ରାଣ୍ଡକୁ ମଧ ସେଠାରେ ପ୍ରଦର୍ଶିତ କରାଯାଇଥିଲା। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପରିଚାଳନା ନିର୍ଦ୍ଦେଶକ ନିତିନ ଭାନୁଦାସ ଜାୱଲେ ସମ୍ମିଳନୀରେ ଯୋଗଦେଇ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରର ଅଭିବୃଦ୍ଧିକୁ ନେଇ ଏକ ଉପସ୍ଥାପନା କରିଥିଲେ।

#### ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ସମାରୋହ

# 'ଖବରକାଗଜର ଧାରା ବଦଳୁଛି'



ବାଲେଶ୍ୱରରେ ଆୟୋଜିତ ଧରିତ୍ରୀର ବନ୍ଧୁମିଳନ ସମାରୋହକୁ ପ୍ରଦୀପ ପ୍ରଜ୍ୱଳନ କରି ପୂର୍ବାଞ୍ଚଳ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଉଦ୍‌ଘାଟନ କରୁଛନ୍ତି। ପାଖରେ ଅଛନ୍ତି ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ଜିଲାପାଳ ରମେଶ ଚନ୍ଦ୍ର ରାଉତ(ଡାହାଣରୁ ଦ୍ୱିତୀୟ) ଓ ଅନ୍ୟ ଅତିଥିମାନେ।

ବାଲେଶ୍ୱର ଅଫିସ,୮।୯

ବର୍ତ୍ତମାନ ଖବରକାଗଜ ଦୁନିଆରେ ଧାରା ବଦଳୁଛି। ଡିଜିଟାଲାଇଜେଶନ୍ ପରେ ଅନେକ ପରିବର୍ତ୍ତନ ଆସିଛି। ପାକିସ୍ତାନ, ନେପାଳ, ଇଣ୍ଡୋନେସିଆ, ମାଲେସିଆ ଭଳି ଦେଶରେ ଛାପା ଗଣମାଧ୍ୟମର ପୁନର୍ଜନ୍ମ ଆରମ୍ଭ ହୋଇଛି। ଏ କ୍ଷେତ୍ରରେ ଅଗ୍ରଣୀ ଦେଶର ପାଠିକାପାଠକମାନେ ସେହି ସ୍ତରକୁ ଯାଇ ଖବର ପଢୁଛନ୍ତି। ଆମେରିକା ଭଳି ଦେଶରେ ରହୁଥିବା ଓଡ଼ିଆମାନେ ଏବେ ଇ-ପେପର ଦେଖି ମତାମତ ରଖୁଛନ୍ତି। ଖବରକାଗଜର ଏହି ନୂଆ ଧାରା ପାଠକଙ୍କ ଆଦର ବଢାଇଛି। ଆମ ପିଲାଙ୍କ ମଧ୍ୟରେ ସେଭଳି ପଠନ ଅଭ୍ୟାସ ରହିବା ଆବଶ୍ୟକ ବୋଲି ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ସମାରୋହ ବନ୍ଧୁମିଳନ ଅବସରରେ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି।

ଶନିବାର ବ୍ରିଟ୍ କଲ୍ୟାଣମଣ୍ଡପରେ ଶନିବାର ଆୟୋଜିତ ସମାରୋହରେ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ, ପୂର୍ବାଞ୍ଚଳ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା, କବି ଶ୍ରୀଦେବ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ସତପଥୀ ଉଦ୍‌ବୋଧନ ଦେଇ ଆହୁରି କହିଥିଲେ, ଗଣମାଧ୍ୟମର ପ୍ରତ୍ୟେକ ଓଡ଼ିଆଙ୍କ ମଧ୍ୟରେ ଭାଷା ପ୍ରତି ଭଲ ପାଇବା ରହିବା ଦରକାର। ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ବାଲେଶ୍ୱରବାସୀଙ୍କ ଅବଦାନ ଅତୁଳନୀୟ। ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ଏ ମାଟିର ଭୂମିକା ସ୍ୱତନ୍ତ୍ର। ଏହାର କଳା ଓ ସଂସ୍କୃତିକୁ ଅନ୍ୟମାନେ ଅନୁକରଣ କରି ଆସୁଛନ୍ତି।

ଜିଲାପାଳ ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ, ସମ୍ବିଧାନର ଚତୁର୍ଥସ୍ତମ୍ଭ ଭାବେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଖବରଦାତାମାନେ ନିରପେକ୍ଷତା ଅବଲମ୍ବନ କରି ଯେଉଁଠି ତ୍ରୁଟିବିଚ୍ୟୁତି ରହିଛି ଦୃଷ୍ଟିକୁ ଆଣିଲେ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରିବ। ତଥ୍ୟଭିତ୍ତିକ ଖବର ପଢିବାକୁ ଭଲ ଲାଗେ ବୋଲି ସେ କହିଥିଲେ। ପୂର୍ବାଞ୍ଚଳ ଡିଆଇଜି ସିହ୍ନା କହିଥିଲେ, ସମାଜରେ ଅନେକ କଥା ରହିଛି, ଯାହାର ପରିବର୍ତ୍ତନ ଖବରକାଗଜ ମାଧ୍ୟମରେ ହୋଇପାରିବ। ଏକ ଉଦାହରଣ ଦେଇ ସିହ୍ନା କହିଥିଲେ, ଧରିତ୍ରୀ ଏକମାତ୍ର କାଗଜ ଯେ କି, ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କୁ ଦୁର୍ବ୍ୟବହାର ଓ ଶୋଷଣ କରାଯିବା ସମ୍ପର୍କରେ ପାଠିକାପାଠକଙ୍କ ମତାମତକୁ ଆଧାର କରି ପ୍ରଥମେ ନିର୍ଭୀକ ଭାବେ ଖବର ପରିବେଷଣ କରିଥିଲା। ଏହାପରେ ସ୍ଥିତିରେ ସୁଧାର ଆସିଥିଲା। ଅନ୍ୟତମ ଅତିଥି କବି ଶ୍ରୀଦେବ କହିଥିଲେ, ଗଣମାଧ୍ୟମରେ ଖବର ପରିବେଷଣ ବେଳେ ଅନ୍ୟ ଭାଷାର ଯେଭଳି ବ୍ୟବହାର କରାଯାଉଛି ତାହା ଓଡ଼ିଆଙ୍କ ସ୍ୱାଭିମାନ ଉପରେ ପ୍ରଭାବ ପକାଉଛି। ଡ. ସୁବାସ ଚନ୍ଦ୍ର ପାତ୍ର ରାଜ୍ୟସ୍ତର ସଂସ୍କରଣରେ ଅଧିକ ଆଞ୍ଚଳିକ ଖବର ସ୍ଥାନିତ ହେଉ ବୋଲି ମତ ରଖିଥିଲେ। ସମାଜସେବୀ ସୁବାସିନୀ ଜେନା ଅବହେଳିତ ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ଗ୍ରାମାଞ୍ଚଳର ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଖବରଦାତା ରଞ୍ଜନ ବାଗ୍ 'ଓଡ଼ିଆ ସ୍କୁଲଗୁଡ଼ିକରେ ପିଲା ସଂଖ୍ୟା କମୁଥିବାରୁ ଓଡ଼ିଆ ପାଠକ ସଂଖ୍ୟା ବୃଦ୍ଧିରେ ଅନ୍ତରାୟ ସୃଷ୍ଟି କରୁଛି' ବୋଲି କହିଥିଲେ। ଓଡ଼ିଆ ଭାଷାର ସୁରକ୍ଷା ଲାଗି ଜିଲାରେ ମୁକ୍ତ ଶିକ୍ଷାକେନ୍ଦ୍ର ସ୍ଥାପନ ହେଉ ବୋଲି ଆଇନଜୀବୀ ବିଜୟ ପାଣିଗ୍ରାହୀ ଗୁରୁତ୍ୱ ଦେଇଥିଲେ। ସାମାଜିକ କର୍ମୀ ଭଗବାନ ଦାସ ଅଧିକ ରୋଚକପୂର୍ଣ୍ଣ ଖବର ଏବଂ ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ସମ୍ପର୍କିତ ଖବର ପରିବେଷଣ ବେଳେ ସତର୍କତା ଅବଲମ୍ବନ କରାଯାଉ ବୋଲି ମତ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ଉଦ୍‌ବୋଧନ ଦେଇ ସତ୍ୟ ଓ ନିରପେକ୍ଷତାପୂର୍ଣ୍ଣ ଖବର ଧରିତ୍ରୀକୁ ଲୋକପ୍ରିୟ କରିଛି ବୋଲି ଉଲ୍ଲେଖ କରିଥିଲେ। ଏଫ୍‌ଏମ୍ ଜୁନିୟର କଲେଜର ଛାତ୍ର ଶୁଭମ୍ ପାଢ଼ୀ ତାଙ୍କ ବକ୍ତବ୍ୟରେ ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଗଠନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବନ୍ଧୁମିଳନ ସମାରୋହରେ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା ଓ ଅନ୍ୟ ବହୁ ବରିଷ୍ଠ ନାଗରିକ, ସାହିତ୍ୟିକ, ବୁଦ୍ଧିଜୀବୀ, ପାଠିକା ପାଠକ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କବି ଅଞ୍ଜଳି ପଣ୍ଡା, ନୃତ୍ୟାଙ୍ଗନା ରୋନାଲିସା ପଣ୍ଡା, ସାମାଜିକ କର୍ମୀ ଗୋପାମୁଦ୍ରା ମହାପାତ୍ର, ଶିଳ୍ପୋଦ୍ୟୋଗୀ ସଂଗ୍ରାମ କୁମାର ଦାସ, ରୋଟାରିୟାନ୍ ଦେବେନ୍ଦ୍ର କୁମାର ଧଳ, ସାମାଜିକକର୍ମୀ ଯଶୋଦା ନନ୍ଦନ ଆଶ, ନଦୀପୁତ୍ର ସୁଦର୍ଶନ ଦାସ ଓ ଡା. କୁମାର ଗୋପାଳ ପ୍ରମୁଖଙ୍କୁ ଏହି ଅବସରରେ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରକାଗଜ ବିତରକ ସଂଘର ସଭାପତି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ସମ୍ପାଦକ ସତପଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ବନ୍ଧୁମିଳନ ସମାରୋହ ପ୍ରାରମ୍ଭରେ ମାତୃ ବନ୍ଦନା ପରିବେଷଣ କରାଯାଇଥିଲା। ଉଦୀୟମାନ କଣ୍ଠଶିଳ୍ପୀ ପ୍ରଭୁପାଦ ଦେଶଭକ୍ତି ସଙ୍ଗୀତ ଗାନ କରିଥିଲେ। ଶ୍ରୀମା ଶ୍ରୀଅରବିନ୍ଦ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ନନ୍ଦିନୀ ଶତପଥୀ, ଦେବେନ୍ଦ୍ର ଶତପଥୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରାଯାଇଥିଲା। ବାଲେଶ୍ୱର ଜିଲା ପ୍ରତିନିଧି ମାନସ ବିଶ୍ୱାଳ, ମିଲିଅନ୍ ଡ୍ରିମ୍ସର ପ୍ରତିଷ୍ଠାତା ବିରଜା ପ୍ରସାଦ ନାୟକ, ରୋହିମା ନିଶା, ପ୍ରସାରଣ ପରିଚାଳକ ଆଲୋକ କାନୁନ୍‌ଗୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। 'ନାଚ୍' ଅନୁଷ୍ଠାନ ପକ୍ଷରୁ ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଧରିତ୍ରୀର ଫିଚର ସମ୍ପାଦକ ବୀରଭଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧରିତ୍ରୀର ବ୍ଲକ ପ୍ରତିନିଧି ବାଞ୍ଛାନିଧି ଦେ, ରବୀନ୍ଦ୍ର ମହାକୁଡ଼, ଉତ୍କଳବନ୍ଧୁ ପଣ୍ଡା, ସନ୍ତୋଷ ନାୟକ, ଶରତ ସାମଲ, ହରିଶଙ୍କର ପାଢ଼ୀ, ଶ୍ରୀକୃଷ୍ଣ ଗୁପ୍ତା, ସୁକାନ୍ତ ଗିରି, ପ୍ରଦୀପ ଦାସ, ଅରୂପ ଦାସ, ଜନ୍ମେଜୟ ମିଶ୍ର, ମନୋଜ ଦାଶ, ସନାତନ ମହାନ୍ତି, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଭଦ୍ରକ ଜିଲା ପ୍ରତିନିଧି ବିଭୁପ୍ରସାଦ ବେହେରାଙ୍କ ସମେତ ନାରାୟଣ ବାରିକ, ମନୋରଞ୍ଜନ ବାରିକ, କାଳିପଦ ରାୟ ଏବଂ ମୟୂରଭଞ୍ଜ ଜିଲା ପ୍ରତିନିଧି ରବିନାରାୟଣ ଚଲାନଙ୍କ ସମେତ ନିଳାଦ୍ରୀ ବିହାରୀ ଦଣ୍ଡପାଟ, କେନ୍ଦୁଝର ଜିଲାର ମାନସ ମହାନ୍ତି, ଶୁଭକାନ୍ତ ନାୟକ ଓ ସନ୍ତୋଷ ରାଉତ ପ୍ରମୁଖ ଖବରଦାତା ଉପସ୍ଥିତ ଥିଲେ।

୮ ପ୍ରତିଭାଙ୍କୁ ଦିଆଗଲା ସମ୍ବର୍ଦ୍ଧନା

#### ଘରେ ପଶି ମାଡ଼ ମାରିବା ଘଟଣା

# ପୂର୍ବତନ ବିଧାୟକ ଦେବେନ୍ଦ୍ରଙ୍କୁ ଧରିବାକୁ ୨ଟିମ୍

ଫୁଲବାଣୀ ଅଫିସ, ୮।୯


କନ୍ଧମାଳ ଜିଲା ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ଓ ତାଙ୍କ ସହଯୋଗୀ ରିଙ୍କୁ ସାହୁ ଗତ ୨ ତାରିଖ ବିଳମ୍ବିତ ରାତିରେ ସଦର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଘରେ ପଶି ତାଙ୍କୁ ଏବଂ ତାଙ୍କ ମା'ଙ୍କୁ ମାଡ ମାରିଥିଲେ । ଏ ନେଇ ଯୁବତୀ ଜଣକ ଗତ ୩ ତାରିଖରେ ଏତଲା ଦେଇଥିଲେ । ପୋଲିସ ଦେବେନ୍ଦ୍ର ଏବଂ ରଙ୍କୁଙ୍କ ନାମରେ ନଂ. ୫୩/୧୮ରେ ମାମଲା ରୁଜୁ କରିଥିଲା। ସେବେଠାରୁ କହଁର ଓ ରିଙ୍କୁ ଫେରାର ଅଛନ୍ତି।


ଖବରଦାତା ସମ୍ମିଳନୀରେ ଏସ୍‌ପି, ଅତିରିକ୍ତ ଏସ୍‌ପି ଓ ଏସ୍‌ଡିପିଓ।

ଦେବେନ୍ଦ୍ରଙ୍କୁ ଗିରଫ କରିବା ପାଇଁ ୨ଟି ସ୍ପେଶାଲ ପୋଲିସ ଟିମ୍ ଗଠିତ ହୋଇଛି। ଏଥିସହ ଭିଡିଓ ଭାଇରାଲ ଘଟଣାରେ ଦେବେନ୍ଦ୍ରଙ୍କ ବାନ୍ଧବୀଙ୍କୁ ଏହି ମାମଲାରେ ଛନ୍ଦା ଯାଇଛି । ଘଟଣାରେ ୩ ଜଣଙ୍କୁ ଗିରଫ କରାଯିବା ପାଇଁ ୨ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି । ସିଂ ଆହୁରି କହିଛନ୍ତି, ଗତ ୩ ତାରିଖରେ ଜନୈକା ଯୁବତୀ ସଦର ଥାନାରେ ଦେବେନ୍ଦ୍ରଙ୍କ ନାମରେ ଏତଲା ଦେଇଥିଲେ। ଏଥିରେ ତାଙ୍କୁ ଓ ମାଙ୍କୁ ଦେବେନ୍ଦ୍ର ମାଡ ମାରି ଆକ୍ରମଣ କରିଥିବା ଦର୍ଶାଇଥିଲେ । ସମ୍ପୃକ୍ତ ଯୁବତୀ ତାଙ୍କ ବୟାନରେ ଦେବେନ୍ଦ୍ରଙ୍କ ବାନ୍ଧବୀ ଭିଡିଓ ଭାଇରାଲ କରିଥିଲେ ବୋଲି କହିଥିଲେ। ଏହି ଘଟଣାକୁ ନେଇ ବାନ୍ଧବୀଙ୍କୁ ସେହି ମାମଲାରେ ୬୭(ଏ) ଆଇଟି ଆକ୍ଟରେ ଯୋଡା ଯାଇଛି । ଏହି ଭିଡିଓ ଭାଇରାଲ ହୋଇଥିବାକୁ ଆମେ ଯାଞ୍ଚ କରିବା ପାଇଁ ଆଇଟି ବିଭାଗର ସହାୟତା ନେଇଛୁ ଏବଂ ଯେଉଁ ସୋସିଆଲ ମିଡିଆରେ ଏହା ପ୍ରଚାର କରାଯାଉଛି, ତାକୁ ବନ୍ଦ କରିବା ପାଇଁ ଚିଠି କରିଛୁ। ଏହାର ତଦନ୍ତ ଦାୟିତ୍ୱ ଜିଲା ଡିସିଆରବି(ଡିଷ୍ଟ୍ରିକ୍ଟ କ୍ରାଇମ ରେକର୍ଡ ବ୍ୟୁରୋ) ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ତିୱାରୀଙ୍କୁ ଦିଆଯାଇଛି। ଘଟଣାକୁ ପୋଲିସ ଗୁରୁତର ସହ ନେଇଛି। ଦେବେନ୍ଦ୍ରଙ୍କ ସମେତ ଅନ୍ୟମାନଙ୍କ ଫୋନ ବନ୍ଦ ଥିବାରୁ ସେମାନଙ୍କୁ ଠାବ କରାଯାଇ ପାରିନାହିଁ । ଯାହା ବି ହେଉ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି । ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାସ ଓ ସଦର ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଳମ୍ବିତ ହେବ କଂଗ୍ରେସର ପ୍ରାର୍ଥୀ ଘୋଷଣା

### ଭାରତ ବନ୍ଦ ପାଇଁ ପ୍ରସ୍ତୁତି


ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର, ୮।୯(ବ୍ୟୁରୋ)

ଆସନ୍ତା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସର ପ୍ରାର୍ଥୀ ତାଲିକା ଘୋଷଣା ବିଳମ୍ବିତ ହେବ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରାର୍ଥୀ ଘୋଷଣା ଚଳିତ ମାସ ୧୪, ୧୫ କିମ୍ବା ୨୦ରେ କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୦ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ । କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବର୍ତ୍ତମାନ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ୧୪ ପରେ ତାଙ୍କର ମଧ୍ୟପ୍ରଦେଶ ଗସ୍ତ ରହିଛି। ସେଠାରୁ ଫେରିବା ପରେ ଓଡ଼ିଶା ପାଇଁ ଦଳ ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା କରାଯିବାର ଯଥେଷ୍ଟ ସମ୍ଭାବନା ରହିଥିବା ନିରଞ୍ଜନ କହିଛନ୍ତି। ସେହିପରି ତୈଳଦର ବୃଦ୍ଧି ପ୍ରତିବାଦରେ ସୋମବାର ଭାରତ ବନ୍ଦକୁ ସାରା ରାଜ୍ୟରେ ସଫଳ କରିବା ପାଇଁ କଂଗ୍ରେସ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଏନେଇ ଶନିବାର ଜିଲା କଂଗ୍ରେସ ସଭାପତି ଏବଂ ଅନ୍ୟାନ୍ୟ ରାଜ୍ୟସ୍ତରୀୟ ପଦାଧିକାରୀଙ୍କ ସହ କଂଗ୍ରେସ ଭବନରେ ଆଲୋଚନା ହୋଇଛି। ନିରଞ୍ଜନ କହିଛନ୍ତି ଯେ, ୧୦ ତାରିଖ ସକାଳ ୬ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଦଳ ପକ୍ଷରୁ ପ୍ରତିବାଦ ଓ ବନ୍ଦ କରାଯିବ। ପ୍ରତିବାଦକୁ ଶାନ୍ତିପୂର୍ଣ୍ଣ କରାଯିବାକୁ ଯଥାସମ୍ଭବ ଚେଷ୍ଟା କରାଯିବ। ବନ୍ଦ ବେଳେ ଆମ୍ବୁଲାନ୍ସ, ମେଡିସିନ୍ ଦୋକାନ, ମିଲ୍କ ଭ୍ୟାନ୍ ଏବଂ ପରୀକ୍ଷାର୍ଥୀଙ୍କୁ କୌଣସି ପ୍ରକାର ବାରଣ କରାଯିବ ନାହିଁ। ମିଳିଥିବା ସୂଚନାନୁଯାୟୀ ରାଜଧାନୀରେ ପିସିସି ସଭାପତିଙ୍କ ସମେତ ଅନ୍ୟ ତୁଙ୍ଗ ନେତା ଉପସ୍ଥିତ ରହିବେ। ଜିଲାସ୍ତରରେ ଜିଲା କଂଗ୍ରେସ ସଭାପତିମାନେ ବନ୍ଦ ପାଳନ କରିବେ। ସବୁ ଜିଲାରେ ଛାତ୍ର, ଯୁବ ଏବଂ ମହିଳା କଂଗ୍ରେସର କର୍ମକର୍ତ୍ତାମାନଙ୍କ ଦ୍ୱାରା ଶୋଭାଯାତ୍ରା କରାଯିବ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଭାଗ୍ୟକର୍ମାଧିପତି ତୃତୀୟସ୍ଥାନକୁ ଦେଖୁଥିବାରୁ ଆପଣ ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଉପକୃତ ହେବେ। ଶୁକ୍ରଙ୍କ ପ୍ରଭାବରୁ ଅର୍ଥ ଓ ଭୋଗବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ ଓ ପାଇବେ ମଧ। ଗୃହ, ଭୂମି, ଗାଡ଼ିମୋଟର କିଣାବିକାକୁ କେନ୍ଦ୍ରକରି କଳହ ମଧ ଦେଖାଦେଇପାରେ। ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ମଙ୍ଗଳଙ୍କ ଦୃଷ୍ଟିରେ ଚନ୍ଦ୍ର ହେତୁ ପ୍ରତ୍ୟେକ କାର୍ଯ୍ୟ କ୍ରମଶଃ ସମସ୍ୟାବହୁଳ ହୋଇ ପଡ଼ିବା କାରଣରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଭାବ ନ ଥିଲେ ମଧ ଆବଶ୍ୟକ ଅନୁଯାୟୀ ଅର୍ଥାଭାବ ପରିଲକ୍ଷିତ ହୋଇପାରେ।

**ମିଥୁନ** ତୃତୀୟରେ ରବି ସହ ରାଶ୍ୟାଧିପ ଓ ଚନ୍ଦ୍ର ରହିଥିବାରୁ ଆଜିର କାମରେ ଆପଣଙ୍କୁ ପଡ଼ୋଶୀ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ବାଣିଜ୍ୟ, ପରିବହନ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟର ମନଗଢ଼ା କଥା ଶୁଣି ବ୍ୟସ୍ତ ହୋଇପାରନ୍ତି।

**କର୍କଟ** ପାରସ୍ପରିକ ବୁଝାମଣା କ୍ରମେ ପାରିବାରିକ ପରିସ୍ଥିତି ଏକ ପ୍ରକାର ଭଲ ରହିବ। କର୍ମକ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଆପଣଙ୍କୁ ସାହାଯ୍ୟ ମିଳିବ। ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ପ୍ରକାଶନ, ପ୍ରଶାସନ ଓ ଆଇନ ଅଦାଲତରେ ସମସ୍ୟାର ସମାଧାନ ହୋଇଯିବ।

**ସିଂହ** ଚନ୍ଦ୍ର ସହ ବୁଧଙ୍କ ସଂଯୋଗରୁ ପୂର୍ବରୁ ଅଟକି ରହିଥିବା ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ତରବରିଆ ଯାତ୍ରା ସମୟରେ ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା** ଦ୍ୱନ୍ଦ୍ୱରେ ପଡ଼ି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ବହୁ ବିଳମ୍ବରେ ଓ କଷ୍ଟର ସହ ପାଇବେ। ବନ୍ଧୁଙ୍କ ପାଖରେ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇପାରିବ। ସାମୟିକ ଜ୍ୱର କିମ୍ବା ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ।

**ତୁଳା** ତିନୋଟି ଗ୍ରହ ଏକାଦଶ ସ୍ଥାନରେ ରହିଥିବାରୁ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରି ସଫଳ ହେବେ। ମଧ୍ୟାହ୍ନରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ କୌଣସି କାମ ଶେଷ ମୁହୂର୍ତ୍ତରେ ବିଗିଡ଼ିଯାଇପାରେ। ବ୍ୟବସାୟରେ ଆଜି ବିଶେଷ ଲାଭ ନ ହେଲେ ମଧ କ୍ଷତି ହେବ ନାହିଁ। ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲା ସକାଶେ ଦୁଶ୍ଚିନ୍ତା ବଢ଼ିପାରେ।

**ବିଛା** ସାମାଜିକ ସ୍ତରରେ ବନ୍ଧୁମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦରରେ ହୃଦୟ ବିଗଳିତ ହୋଇପଡ଼ିବ। ଶିଳ୍ପ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡ଼ିବ। ଶତ୍ରୁ କବଳରୁ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦମୁକ୍ତ ହେବେ।

**ଧନୁ** କର୍ମକ୍ଷେତ୍ରର ଅସ୍ୱାଭାବିକ ପରିସ୍ଥିତି ଆପଣଙ୍କ ପାଇଁ ଚିନ୍ତାର କାରଣ ହେବ। ସାମାଜିକ ସ୍ତରରେ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସଭାସମିତିରେ ଇଚ୍ଛା ବିରୋଧରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧହେବେ। ଶିଳ୍ପ, ବ୍ୟବସାୟରେ ଲାଭ ମିଳିବ। ଯାତ୍ରା, ବନ୍ଧୁମିଳନ, ଆନୁଷ୍ଠାନିକ କର୍ମ କ୍ଷେତ୍ରରେ ସଫଳତା ପାଇବେ।

**ମକର** ଆଲୋଚନା ପରିସରରେ ଆପଣଙ୍କର ବ୍ୟବହାର ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବ। କୌଶଳ ପ୍ରୟୋଗକରି ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟାଇବେ। ଆକସ୍ମିକ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରି ନ ପାରନ୍ତି।

**କୁମ୍ଭ** ସାମାନ୍ୟ ଲୋଭନୀୟ ପ୍ରତିଶ୍ରୁତି ମାଧ୍ୟମରେ ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବାରେ ନିଜର ତ୍ୟାଗ ଓ କୌଶଳ କାମକୁ ଆସିବ। କୌଣସି ଅତୀତ ଘଟଣା ବିଷୟରେ ଭାବପ୍ରବଣତା ଯୋଗୁ ସାୟାହ୍ନେ ନୈରାଶ୍ୟ ଅନୁଭବ କରିପାରନ୍ତି। ଯାତ୍ରା, ବ୍ୟବସାୟ ତଥା ପରିବହନ ପାଇଁ ଦିନଟି ଭଲ ରହିବ।

**ମୀନ** ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ସହକର୍ମୀଙ୍କ କୌଣସି ଖାମଖିଆଲି କାମ ହେତୁ କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ।

ଆଜି ସପ୍ତପୁରୀ ଅମାବାସ୍ୟା, ସେପ୍ଟେମ୍ବର ୯ ତାରିଖ, ରବିବାର, ଶ୍ରୀମନ୍ଦିରରେ ଅମାବାସ୍ୟା ନୀତି ଓ ବସ୍ତ୍ରହରଣ ଲୀଳା, ଅମାବାସ୍ୟାର ନିଶାପାଳନ, ଖୁଦୁରୁକୁଣୀ ଓଷା ଦ୍ୱିତୀୟ ପାଳି, ରାଶି ନକ୍ଷତ୍ର-ସକାଳ, ଘ୮।୩୧ମି. ପରେ ମଘା/ସିଂହ, ମେଷ ରାଶିର ଘାତବାର, ଅମାବାସ୍ୟାର ଶ୍ରାଦ୍ଧ। ଦିବା ଘ୬।୫୩ମି. ମଧ୍ୟେ ଘ୪।୫୭ମି. ଗତେ, ଘ୬।୧୮ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୩୦ମି. ଗତେ ଘ୧୦।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୯ମି. ଗତେ ଘ୫।୫୨ମି. ମଧ୍ୟେ ରାହୁକାଳ।

# ୧୭ କଲେଜ ହରାଇଛନ୍ତି ସ୍ୱୟଂଶାସିତ ମାନ୍ୟତା

ଭୁବନେଶ୍ୱର, ୮।୯(ବ୍ୟୁରୋ)

## ବାଣୀବିହାର ଅଧୀନ ୯, ସମ୍ବଲପୁର ବିଶ୍ୱବିଦ୍ୟାଳୟର ୪ କଲେଜ ରହିଛି

ରାଜ୍ୟରେ ଥିବା ସ୍ୱୟଂଶାସିତ କଲେଜଗୁଡିକ ଭିତରୁ ୧୭ କଲେଜ ସ୍ୱୟଂଶାସିତ ମାନ୍ୟତା ହରାଇଛନ୍ତି। ଏସବୁ କଲେଜ ୟୁଜିସି ପାଖରେ ସ୍ୱୟଂଶାସିତ ମାନ୍ୟତା ନବୀକରଣ ପାଇଁ ସାନି ଆବେଦନ କରି ନ ଥିବାରୁ ୟୁଜିସି ସ୍ୱୟଂଶାସିତ ମାନ୍ୟତା କାଟି ଦେଇଛି।

ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର) ଅଧୀନରେ ଥିବା ଢେଙ୍କାନାଳ କଲେଜ ୨୦୧୩ରେ ସ୍ୱୟଂଶାସିତ ମାନ୍ୟତା ହରାଇଥିବାବେଳେ ସରକାରୀ କଲେଜ ଅନୁଗୋଳ ୨୦୧୨ରେ, କେ.ବି.ଡି.ଏ.ଭି କଲେଜ ନିରାକାରପୁର ୨୦୧୬ରେ, ନରସିଂହ ଚୌଧୁରୀ କଲେଜ ଯାଜପୁର ୨୦୧୩ରେ, ନିମାପଡ଼ା କଲେଜ ୨୦୧୭ରେ, ରମାଦେବୀ ମହିଳା କଲେଜ ଭୁବନେଶ୍ୱର ୨୦୧୩ରେ, ସାମନ୍ତ ଚନ୍ଦ୍ରଶେଖର କଲେଜ ପୁରୀ ୨୦୧୩ରେ, ତାଳଚେର କଲେଜ ୨୦୧୬ରେ ଏବଂ ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି କଟକ ୨୦୧୫ରେ ସ୍ୱୟଂଶାସିତ ମାନ୍ୟତା ହରାଇଛନ୍ତି। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଡିଏଭି କଲେଜ ଟିଟିଲାଗଡ ୨୦୧୫ରେ, ସରକାରୀ କଲେଜ ରାଉରକେଲା ୨୦୧୪ରେ, ନୀଳଶୈଳ କଲେଜ ନୀଳାଦ୍ରିବିହାର ରାଉରକେଲା ୨୦୧୬ରେ, ରାଜେନ୍ଦ୍ର ନାରାୟଣ କଲେଜ ବଲାଙ୍ଗୀର ୨୦୧୫ରେ ସ୍ୱୟଂଶାସିତ ମାନ୍ୟତା ହରାଇଛନ୍ତି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଧରଣୀଧର କଲେଜ କେନ୍ଦୁଝରର ୨୦୧୦ରେ ସ୍ୱୟଂଶାସିତ ମାନ୍ୟତା କଟିଛି। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱରର ସ୍ୱୟଂଶାସିତ ମାନ୍ୟତା ୨୦୧୫ରେ କଟିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସରକାରୀ କଲେଜ ଫୁଲବାଣୀ ୨୦୧୭ରେ ଏବଂ ଏସ.ବି.ଆର. ସରକାରୀ ମହିଳା କଲେଜ ବ୍ରହ୍ମପୁର ୨୦୧୨ରେ ସ୍ୱୟଂଶାସିତ ମାନ୍ୟତା ହରାଇଛି ବୋଲି ୟୁଜିସିଙ୍କ ଓ୍ୱେବସାଇଟ୍‌ରେ ଦର୍ଶାଯାଇଛି। ଏପର୍ଯ୍ୟନ୍ତ ୟୁଜିସିଙ୍କ ସର୍ତ୍ତାବଳୀ ପୂରଣ କରି ଉକ୍ତ କଲେଜଗୁଡିକ ସ୍ୱୟଂଶାସିତ ମାନ୍ୟତା ପାଇଁ ୟୁଜିସିଙ୍କ ପାଖରେ ପୁନର୍ବାର ଆବେଦନ କରିନାହାନ୍ତି।

ଗୋଟିଏ କଲେଜ ସ୍ୱୟଂଶାସିତ ମାନ୍ୟତା ପାଇବା ମାତ୍ରେ ୟୁଜିସି ସେହି କଲେଜର ଭିତ୍ତିଭୂମି ବିକାଶ ପାଇଁ ଅର୍ଥ ମଞ୍ଜୁର କରିଥାନ୍ତି। ଏହି ଅର୍ଥକୁ କଲେଜ କର୍ତ୍ତୃପକ୍ଷ କଲେଜର ବିକାଶମୂଳକ କାର୍ଯ୍ୟରେ ବିନିଯୋଗ କରିଥାନ୍ତି। ପରେ ସେହି କଲେଜକୁ ନାକ୍ ଟିମ୍ ଅନୁଧ୍ୟାନରେ ଆସି ଗ୍ରେଡ୍ ପ୍ରଦାନ କରିଥାନ୍ତି। ୟୁଜିସି ପ୍ରଦାନ କରିଥିବା ଟଙ୍କାରେ କ'ଣ କାର୍ଯ୍ୟ କରାଯାଇଛି ସେ ନେଇ କଲେଜକୁ ରିପୋର୍ଟ ମାଗିଥାନ୍ତି। ଜଣେ ପ୍ରଫେସର ନାମ ଗୋପନ ରଖି କହିଛନ୍ତି, ସ୍ୱୟଂଶାସିତ ମାନ୍ୟତା ୫ବର୍ଷ ପାଇଁ ମିଳିଥାଏ। ସମୟ ଅବଧି ସରିବା ପୂର୍ବରୁ କଲେଜ ଅଧକ୍ଷ ମାନ୍ୟତା ନବୀକରଣ ପାଇଁ ଆବେଦନ କରିଥାନ୍ତି। ଆବେଦନ କରିବା ପୂର୍ବରୁ ୟୁଜିସିର ସର୍ତ୍ତାବଳୀ ପୂରଣ କରିଥିବା ଦରକାର। ଆବେଦନ କରିବା ପରେ ୟୁଜିସିର ଏକ କମିଟି ଆସି କଲେଜକୁ ଅନୁଧ୍ୟାନ କରି ସ୍ୱୟଂଶାସିତ ମାନ୍ୟତା ନବୀକରଣ କରିଥାନ୍ତି। ଯେଉଁସବୁ କଲେଜରୁ ସ୍ୱୟଂଶାସିତ ମାନ୍ୟତା କଟିଛି ସେହି କଲେଜଗୁଡିକ ୟୁଜିସି ସର୍ତ୍ତାବଳୀ ପୂରଣ କରିପାରି ନ ଥିବେ। ଫଳରେ ପୁନର୍ବାର ନବୀକରଣ ପାଇଁ ଆବେଦନ କରି ପାରିନାହାନ୍ତି। ଏଥିପାଇଁ ସେହି କଲେଜ ଅଧକ୍ଷ, ସହବନ୍ଧିତ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ବିଭାଗକୁ ଦାୟୀ କରାଯାଇପାରିବ। ମାନ୍ୟତା ଅବଧି ସରିବା ପୂର୍ବରୁ କଲେଜଗୁଡିକ ନବୀକରଣ ଆବେଦନ କଲେ କି ନାହିଁ ତାହା ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ବିଭାଗ ଅନୁଧ୍ୟାନ କରିବା ନିୟମ ରହିଛି। କିନ୍ତୁ ବିଭାଗ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କଲେଜଗୁଡ଼ିକୁ କିପରି ତାଗିଦ କରିନାହାନ୍ତି ତାହାକୁ ନେଇ ପ୍ରଶ୍ନ ଉଠୁଛି ବୋଲି ସମ୍ପୃକ୍ତ ପ୍ରଫେସର କହିଛନ୍ତି।

### ସରକାରୀ ଯୋଜନାରୁ ବଞ୍ଚିତ ସହରୀ ବାସହରା: ସୁପ୍ରିମକୋର୍ଟଙ୍କ କ୍ଷୋଭ

# ଓଡ଼ିଶା ସମେତ ୯ ରାଜ୍ୟକୁ ଜରିମାନା


ନୂଆଦିଲ୍ଲୀ, ୮।୯



- ତିନି ସପ୍ତାହ ମଧ୍ୟରେ ପଇଠ ହେବ
- ଦୁଇ ସପ୍ତାହରେ ଆକ୍ସନ୍ ପ୍ଲାନ୍ କରିବାକୁ ନିର୍ଦ୍ଦେଶ

ସମସ୍ତଙ୍କୁ ପକ୍କାଘର ଯୋଗାଇବା ଦେବା ଲାଗି କେନ୍ଦ୍ର ସରକାର ଯୋଜନା କରିଛନ୍ତି। କିନ୍ତୁ ଦେଶରେ ଏବେ ମଧ୍ୟ ଅନେକ ଲୋକ ମୁଣ୍ଡ ଗୁଞ୍ଜିବାକୁ ବାସଟିଏ ପାଉନାହାନ୍ତି। ଗାଁ ଗହଳି କଥା ଛାଡ଼, ସହରରେ ବାସହରାଙ୍କ ସଂଖ୍ୟା ଅନେକ। ସେମାନଙ୍କୁ ଘର ନିର୍ମାଣ ପାଇଁ ସହାୟତା ଯୋଗାଇଦେବା ସହ ଏସମ୍ପର୍କିତ କମିଟିରେ ସଭ୍ୟ ସମାଜର ସଦସ୍ୟଙ୍କୁ ସାମିଲ କରିବାକୁ ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅନେକ ସ୍ଥାନରେ ଏହି ଆଦେଶ ଏଯାବତ୍ ପାଳନ ହୋଇନାହିଁ। ତେଣୁ ସର୍ବୋଚ୍ଚ ଅଦାଲତ ଶୁକ୍ରବାର କ୍ଷୋଭପ୍ରକାଶ କରିଛନ୍ତି। ଓଡ଼ିଶା ସମେତ ୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ଅବମାନନା ପାଇଁ ତିନି ସପ୍ତାହ ମଧ୍ୟରେ ହରିୟାଣା ସର୍ବାଧିକ ୫ ଲକ୍ଷ ଟଙ୍କା ଭରିବ।

ଶୁକ୍ରବାର ଶୁଣାଣିବେଳେ ଜଷ୍ଟିସ୍ ମଦନ ବି. ଲୋକୁର ଏବଂ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠ ସହରୀ ବାସହରାଙ୍କ ପାଇଁ ଚିନ୍ତାବ୍ୟକ୍ତ କରିଥିଲେ। ବାସଭବନ ଏକ ମୌଳିକ ଆବଶ୍ୟକତା। ସମସ୍ତଙ୍କୁ ଆବାସ ଯୋଗାଇବା ଲାଗି କେନ୍ଦ୍ର ସରକାର ଯୋଜନା କରିଥିବାରୁ ଏହାକୁ ସବୁ ରାଜ୍ୟ କାର୍ଯ୍ୟକାରୀ କରିବାକୁ ବାଧ୍ୟ। କାହିଁକି ନା ଘର ନ ଥିବା ଲୋକ ନିଜକୁ ମଧ୍ୟ ରକ୍ଷା କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରବଳ ବର୍ଷିବା ପରେ କୋର୍ଟ ଓଡ଼ିଶା, ଝାଡ଼ଖଣ୍ଡ, ଚଣ୍ଡିଗଡ଼, ହିମାଚଳପ୍ରଦେଶ, ମଣିପୁର, ଗୋଆ, ମିଜୋରାମ୍, ମେଘାଳୟ ଓ ତ୍ରିପୁରା ସମେତ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଲକ୍ଷେ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ହରିୟାଣାକୁ ମଧ୍ୟ ଲକ୍ଷେ ଟଙ୍କା ଆର୍ଥିକ ଦଣ୍ଡ ଦିଆଯାଇଥିଲା। କିନ୍ତୁ ସହରୀ ବାସହରାଙ୍କୁ ଆବଶ୍ୟକ ସହଯୋଗ ଯୋଗାଇବା ନିମିତ୍ତ ଗଠିତ କମିଟିରେ ସଭ୍ୟ ସମାଜର ସଦସ୍ୟଙ୍କ ନାମ ନ ଥିବାରୁ ଏହାକୁ ୫ ଲକ୍ଷ ଟଙ୍କା ଜରିମାନା ଦେବାକୁ କୋର୍ଟ କହିଛନ୍ତି। ଉତ୍ତରାଖଣ୍ଡ ଆର୍ଥିକ ଦଣ୍ଡରୁ ବର୍ତ୍ତିଯାଇଛି। ବନ୍ୟା ଯୋଗୁ ଏହି ରାଜ୍ୟରେ ପରିସ୍ଥିତି ଜଟିଳ ହୋଇଥିବାରୁ ସୁପ୍ରିମକୋର୍ଟ ଏହାକୁ ଜରିମାନା କଲେ ନାହିଁ। ସୁପ୍ରିମକୋର୍ଟ ନ୍ୟାୟିକ ସେବା କର୍ତ୍ତୃପକ୍ଷଙ୍କ ନିକଟରେ ତିନି ସପ୍ତାହ ମଧ୍ୟରେ ଜରିମାନା ଅର୍ଥ ପଇଠ ହେବ। ଆଗକୁ ଶୀତଋତୁ ଆସୁଛି। ଏହା ପୂର୍ବରୁ ସହରୀ ବାସହରାଙ୍କୁ ଘର ଯୋଗାଇ ଦିଆ ନ ଗଲେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଖଣ୍ଡପୀଠ ଚେତାବନୀ ଦେଇଛନ୍ତି। ଏନେଇ ଦୁଇ ସପ୍ତାହ ମଧ୍ୟରେ ବିଜ୍ଞପ୍ତି ଜାରି କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୩୧ ପୂର୍ବରୁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିବାକୁ କୁହାଯାଇଛି। ଇତିମଧ୍ୟରେ ବାସହରା ଲୋକଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ପରିଚୟପତ୍ର ପ୍ରଦାନ ଏବଂ ଗୃହ ନିର୍ମାଣ ପାଇଁ ଆବଶ୍ୟକ ସହାୟତା ଯୋଗାଇଦିଆଯିବ।




# ଚାରା, ଓମ୍‌ଫେଡ ପରେ ସମବାୟ ବାଣ

ଭୁବନେଶ୍ୱର,୮।୯(ବ୍ୟୁରୋ)

- ଅଣଚାଷୀ ଋଣ ପାଉଛନ୍ତି: ଦାମ
- ନିର୍ଦ୍ଦିଷ୍ଟ ଭାବେ କହିଲେ, ତଦନ୍ତ କରାଇବି: ସୂର୍ଯ୍ୟ
- ଦାମବାବୁଙ୍କ ଅଭିଯୋଗ ଭିତ୍ତିହୀନ: ତୁଷାରକାନ୍ତି
- ରେଜିଷ୍ଟ୍ରାର ବିବୃତି ରଖିବା ଦୁର୍ଭାଗ୍ୟଜନକ: ଭାଜପା



ବରିଷ୍ଠ ବିଜେଡି ନେତା ଡାକ୍ତର ଦାମୋଦର ରାଉତ ସମବାୟ ଦୁର୍ନୀତି ନେଇ ମୁହଁ ଖୋଲିଛନ୍ତି। ଶନିବାର ଦାମ କହିଛନ୍ତି ଯେ, ସେ ମନ୍ତ୍ରୀ ଥିବା ସମୟରେ ସମବାୟ ବିଭାଗରେ ଦୁର୍ନୀତିର ସୂଚନା ପାଇଥିଲେ। ଏହାର ତଦନ୍ତ ପାଇଁ ସେ ତତ୍କାଳୀନ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖିଥିଲେ। ହେଲେ ଏହି ନିର୍ଦ୍ଦେଶ ସେ ସମୟରେ ପାଳନ କରାଯାଇ ନ ଥିଲା। ଚାରା କିଣା ଏବଂ ଓମ୍‌ଫେଡ୍ ମିଲ୍କ ପାଉଚ ଦୁର୍ନୀତି ପରେ ସମବାୟ ଦୁର୍ନୀତି ନେଇ ଦାମଙ୍କ ଏହି ବିସ୍ଫୋରକ ବୟାନ ରାଜ୍ୟ ରାଜନୀତିକୁ ସରଗରମ କରିଛି।

ଦାମ କହିଛନ୍ତି ଯେ, ସେ ସମବାୟ ମନ୍ତ୍ରୀ ହେବା ଆଗରୁ ହୋଇଥିବା ଦୁର୍ନୀତି ବିରୋଧରେ ଭିଜିଲାନ୍ସ ତଦନ୍ତ କରାଇଥିଲେ। ସେ ସମୟରେ ରାଜ୍ୟ ସମବାୟ ସଂଘର ସଭାପତି ଥିବା ଜନୈକ ବ୍ୟକ୍ତି ଓ ଅନ୍ୟାନ୍ୟ କର୍ମଚାରୀ ଗିରଫ ହୋଇଥିଲେ। ହେଲେ ଉକ୍ତ ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ତତ୍କାଳୀନ ସମବାୟ ବ୍ୟାଙ୍କ୍ ଏମ୍‌ଡି ତୁଷାରକାନ୍ତି ପଣ୍ଡା ହାଇକୋର୍ଟରୁ ଅର୍ଡର ଆଣିଥିଲେ। ଫଳରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ହେଲେ ସେ ଦୋଷମୁକ୍ତ ହୋଇ ନ ଥିଲେ। ଏ ସମ୍ପର୍କରେ ତାଙ୍କଠାରୁ ଅଜାଣତରେ ଦସ୍ତଖତ ନିଆଯାଇଥିବା ଦାମ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ରାଜ୍ୟରେ ସମବାୟ ବ୍ୟାଙ୍କ୍‌ରେ ୭୦୦ରୁ ୮୦୦ କୋଟି ଟଙ୍କାର ଅନିୟମିତତା ହୋଇଛି। ସମବାୟ ଆଇନ ଧାରା-୬୫ ଦ୍ୱାରା ତାହାର ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡିଥାନ୍ତା। ଯେତିକି ଋଣ ଦିଆଯାଇଛି, ତାହାର ୬୦ ପ୍ରତିଶତ ଅଣଚାଷୀ ନେଇଥିବା ଦାମୋଦର କହିଛନ୍ତି।

ଦାମ ସମବାୟ ବିଭାଗ ସମ୍ପର୍କିତ ଆଣିଥିବା ଅଭିଯୋଗକୁ ତତ୍କାଳୀନ ରେଜିଷ୍ଟ୍ରାର ତୁଷାରକାନ୍ତି ପଣ୍ଡା ଭିତ୍ତିହୀନ ବୋଲି କହି ଖଣ୍ଡନ କରିଛନ୍ତି। ସମବାୟ ମନ୍ତ୍ରୀ ସୂର୍ଯ୍ୟ ପାତ୍ର କହିଛନ୍ତି ଯେ, ନିର୍ଦ୍ଦିଷ୍ଟ ଭାବେ ଦାମବାବୁ ତଥ୍ୟ ଦିଅନ୍ତୁ। ପ୍ରମାଣ ମିଳିଲେ ତାହାର ତଦନ୍ତ ନିର୍ଦ୍ଦେଶ ଦିଆଯିବ।

ଅପରପକ୍ଷରେ ଦାମଙ୍କ ଅଭିଯୋଗକୁ ଭିତ୍ତିକରି ରାଜ୍ୟ ସରକାରଙ୍କୁ ଭାଜପା ସମାଲୋଚନା କରିଛି। ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ତତ୍କାଳୀନ ସମବାୟ ରେଜିଷ୍ଟ୍ରାର ପଣ୍ଡା ବ୍ୟାପକ ଦୁର୍ନୀତିରେ ଲିପ୍ତ ଅଛନ୍ତି। ମୁଖ୍ୟ ଶାସନ ସଚିବ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ବି ଏ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଏମିତିକି ନିକଟରେ ଆସିଥିବା ୩୫ କୋଟି ଟଙ୍କାର କମ୍ପ୍ୟୁଟର କିଣା ଦୁର୍ନୀତିର ଘଣ୍ଟ ଘୋଡାଯାଇଛି। ଅବସର ପରେ ତୁଷାରକାନ୍ତିଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ଗଣମାଧ୍ୟମରେ ସରକାର ସ୍ୱଷ୍ଟୋକ୍ତି ନ ରଖି ତୁଷାରକାନ୍ତି ମନ୍ତବ୍ୟ ରଖିବା ଦୁର୍ଭାଗ୍ୟଜନକ ବୋଲି ସମୀର କହିଛନ୍ତି।

### ନୋଟିସ

ଏତଦ୍ୱାରା ସମସ୍ତ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ସୂଚିତ କରାଯାଉଛି ଯେ **ଶ୍ରୀ ବିଜୟ କୁମାର ଶର୍ମା**, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.୨୫୭୬, ରଥ ରୋଡ୍, ଓଲ୍ଡ ଟାଉନ୍, ଜିଲ୍ଲା: ଭୁବନେଶ୍ୱର, ଓଡ଼ିଶା- ୭୫୧୦୦୨ ଏବଂ ସ୍ଥାୟୀ ଠିକଣା: ପୋଷ୍ଟ- କଣ୍ଟିତାଡ଼, ରାଞ୍ଚି, ଝାଡ଼ଖଣ୍ଡଙ୍କୁ ଦୁରାଚାର ଏବଂ ଠକାମି ଦୋଷାରୋପରେ ତା୧୩।୦୮।୨୦୧୮ରିଖଠାରୁ ବହିଷ୍କାର କରାଯାଇଛି। ସେ ଆମ ସହିତ ଆଉ ଜଡ଼ିତ ନାହାନ୍ତି। ତେଣୁ ଦୟାକରି ତାଙ୍କ ସହ କୌଣସି ବ୍ୟବସାୟ ନେଣଦେଣ ନିଜ ଦାୟିତ୍ୱରେ କରନ୍ତୁ।

**ପାରସ ଲୁବ୍ରିକାଣ୍ଟ୍ସ ଲିମିଟେଡ୍**
ଦିଲ୍ଲୀ

### ନୋଟିସ

ଏତଦ୍ୱାରା ସମସ୍ତ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ସୂଚିତ କରାଯାଉଛି ଯେ ତା୧୨।୦୮।୨୦୧୮ରିଖରେ ଇସ୍ତଫା ଦେଇଥିବା **ଶ୍ରୀ ଜ୍ୟୋତି ପ୍ରକାଶ ସେନାପତି**, ବାସିନ୍ଦା: କାଜିପାଟଣା, ପୋଷ୍ଟ: ଉତ୍ତମପୁରା, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୧୧ଙ୍କ ଉପରେ ଆମର ଟ.୨୧,୨୩୦.୦୦ ବାକି ଅଛି। ତାଙ୍କୁ କମ୍ପାନୀରେ ସମଗ୍ର ବକେୟା ରାଶି ପୈଠ କରିବା ଏବଂ କାଗଜପତ୍ର ଜମା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେ ଆମ ସହିତ ଆଉ ଜଡ଼ିତ ନାହାନ୍ତି । ତେଣୁ ଦୟାକରି ତାଙ୍କ ସହ କୌଣସି ବ୍ୟବସାୟ ନେଣଦେଣ ନିଜ ଦାୟିତ୍ୱରେ କରନ୍ତୁ।

**ପାରସ ଲୁବ୍ରିକାଣ୍ଟ୍ସ ଲିମିଟେଡ୍**
ଦିଲ୍ଲୀ

भारतीय विज्ञान शिक्षा एवं अनुसंधान संस्थान बरहमपुर
**Indian Institute of Science Education and Research Berhampur**
**Established by the Ministry of HRD, Govt. of India**

**Vacancy Notice**

Applicants are invited to attend **Screening Test** followed by **Walk-in- Interview** on **September 17, 2018 at 0930 hrs** for the posts of **Project Lab Associate (01) No.** in the **Department of Physics and Project Cook (01) No.** on outsourcing basis through work contract assigned to M/s G A Digital Web Word Pvt Ltd for deployment at IISER Berhampur. For more details please visit: http://www.iiserbpr.ac.in/index.php?category=pages&pid=temp-positions

| Post | No. of Posts | Essential Qualifications | Experience | Consolidated Pay |
|---|---|---|---|---|
| Project Lab Associate | One (01) | M.Sc. In Physics or equivalent | 01 (one) year relevant experience | ₹25080/-P.M. |
| Project Cook | One (01) | +2 in any discipline | 01 (one) year experience especially in educational institution | ₹20520/-P.M. |

**IISER Berhampur**









ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ।
–ଶ୍ରୀଅରବିନ୍ଦ

# ଉପନିବେଶୀୟ ଲିଗାସୀର ଅନ୍ତ

ଆକାର ପଟେଲ

୧୯୫୦ ଦଶକରେ ବ୍ରିଟିଶ୍ ବୈଜ୍ଞାନିକ ଆଲାନ ଟୁରିଙ୍ଗ୍ ଗୋଟିଏ ଜିନିଷର ବିକାଶ କରିଥିଲେ, ଯାହାକୁ କୁହାଯାଏ ଟୁରିଙ୍ଗ୍ ଟେଷ୍ଟ। ଏହି ଟେଷ୍ଟରୁ ଗୋଟିଏ କମ୍ପ୍ୟୁଟରର ବୌଦ୍ଧିକ ବ୍ୟବହାରଗତ ଦକ୍ଷତା କେତେ ତାହା ଜଣାପଡ଼େ। ଏହି ପରୀକ୍ଷାରେ ଜଣେ ମଣିଷ ଓ ଏକ କମ୍ପ୍ୟୁଟରର ମେସେଜିଂ ଆପ୍ ମଧ୍ୟରେ ଟେକ୍ସ୍ଟ ମେସେଜ୍ ଆଦାନପ୍ରଦାନ ଚାଲିବ। ଯଦି ଏହାକୁ ଦେଖି ଆଉ ଜଣେ ବାର୍ତ୍ତାଳାପ କରୁଥିବା ଦୁଇଜଣଙ୍କ ମଧ୍ୟରୁ କିଏ ମଣିଷ ଓ କିଏ ମେସିନ୍ କହି ନ ପାରିବ, ତେବେ କମ୍ପ୍ୟୁଟରଟି ପରୀକ୍ଷାରେ ପାସ୍ କରିଗଲା ବୋଲି କୁହାଯିବ। କମ୍ପ୍ୟୁଟରର ବୁଦ୍ଧିମତ୍ତା କ୍ଷେତ୍ରରେ ଆମେ ଅବଶ୍ୟ ସେହି ସ୍ତରରେ ପହଞ୍ଚିସାରିଲୁଣି। କିନ୍ତୁ ତାହା ଦେଖିବାକୁ ଟୁରିଙ୍ଗ୍ ଏବେ ନାହାନ୍ତି। ୧୯୫୪ ମସିହାରେ ୪୧ ବର୍ଷ ବୟସରେ ସେ ଆତ୍ମହତ୍ୟା କରିଥିଲେ। ସମଲିଙ୍ଗୀ ସମ୍ପର୍କ ରଖିବା ଅଭିଯୋଗରେ ବ୍ରିଟେନ୍‌ରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଦଣ୍ଡସ୍ୱରୂପ ରାସାୟନିକ ଔଷଧ ପ୍ରୟୋଗ କରି ତାଙ୍କୁ ନପୁଂସକ କରିଦିଆଯାଇଥିଲା। ଉକ୍ତ ଅପରାଧ ପାଇଁ ଜେଲ ଦଣ୍ଡର ବିକଳ୍ପ ସ୍ୱରୂପ ସେତେବେଳେ ଏହି ଦଣ୍ଡ ଦିଆଯାଉଥିଲା। ଏହାର ଦୁଇବର୍ଷ ପରେ ସେ ଆତ୍ମହତ୍ୟା କରିଥିଲେ। ତା'ର ପ୍ରାୟ ୧୦୦ ବର୍ଷ ପୂର୍ବରୁ ବିଶିଷ୍ଟ ଇଂଲିଶ ଲେଖକ ଓସ୍କାର ୱାଇଲଡ ମଧ୍ୟ ସମାନ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତାଙ୍କୁ ଦୁଇବର୍ଷ ଜେଲ୍ ଦଣ୍ଡ ଦିଆଯାଇଥିଲା। ଯେଉଁ ବିଚାରପତି ରାୟ ଶୁଣାଇଥିଲେ, ସେ କହିଥିଲେ, ''ତୁମ ପରି ଯେଉଁମାନେ ଏପରି କାର୍ଯ୍ୟ କରନ୍ତି, ସେମାନଙ୍କର ଲାଜଶରମ ବୋଲି କିଛି ନ ଥାଏ। ଏଭଳି ନିନ୍ଦନୀୟ କାର୍ଯ୍ୟ କରୁଥିବା ଲୋକକୁ ଦୁଇବର୍ଷ ସଶ୍ରମ କାରାଦଣ୍ଡ ଦିଆଯିବା ଉଚିତ।'' କୋର୍ଟରେ ଉପସ୍ଥିତ ଥିବା ଲୋକମାନେ 'ଲଜ୍ଜା' 'ଲଜ୍ଜା' ବୋଲି ପାଟି କରିଥିଲେ। ସେତେବେଳେ ୱାଇଲଡ କିଛି କହିବାକୁ ଚାହିଁଲେ ବି କୋର୍ଟକୁ ମୁଲତବୀ କରିଦିଆଯାଇଥିଲା ଓ ତାଙ୍କୁ ଜେଲ୍‌କୁ ନିଆଯାଇଥିଲା।

୧୯୬୭ ମସିହାରେ ବ୍ରିଟିଶ୍ ପାର୍ଲାମେଣ୍ଟରେ ଯୌନ ଅପରାଧ ଆଇନ ନାମରେ ଏକ ନୂଆ ଆଇନ ଆସିଲା। ଏଥିରେ ବୟସ୍କ ପୁରୁଷଙ୍କ ମଧ୍ୟରେ ସହମତିଭିତ୍ତିକ ସମଲିଙ୍ଗୀ ଯୌନ ସମ୍ପର୍କକୁ ସ୍ୱୀକୃତି ଦିଆଯାଇଥିଲା। ଚଳିତ ସପ୍ତାହରେ ଆମ ସୁପ୍ରିମ୍‌କୋର୍ଟ ମଧ୍ୟ ତାହା ହିଁ କରିଛନ୍ତି। ଏହାପରେ ବ୍ରିଟିଶ୍ ଖବରକାଗଜ ଗାର୍ଡିଆନ୍‌ରେ ପଲ୍ ବ୍ରାଉନ୍‌ସେ ନାମକ ଜଣେ ପାଠକ ଲେଖିଛନ୍ତି, ''ଏଥି ସହ ଭାରତରେ ଆଜିଯାଏ ବଳବତ୍ତର ଥିବା ଏକ ବିଷାକ୍ତ ଉପନିବେଶୀୟ ଲିଗାସୀର ଅନ୍ତ ଘଟିଲା। ଭାରତ ୭୧ ବର୍ଷ ହେଲା ସ୍ୱାଧୀନ ହେଲାଣି। ଯଦି ଉକ୍ତ ଆଇନ ଭାରତୀୟ ସଂସ୍କୃତିର ବିରୋଧୀ ହୋଇଥାନ୍ତା ଏବଂ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଲଦି ଦିଆଯାଇଥାନ୍ତା, ତେବେ କେଉଁ କାଳୁ ଏହାର ଅନ୍ତ ଘଟିସାରନ୍ତାଣି।'' ବ୍ରାଉନ୍‌ସେ ଅନେକ ଦୃଷ୍ଟାନ୍ତ ଦେଇ ଲେଖିଛନ୍ତି ଯେ, ଧାରା ୩୭୭ ବ୍ରିଟିଶ୍ ଅମଳରୁ ଚାଲିଆସିଥିଲା। ତେଣୁ ଏଥିପାଇଁ ଭାରତୀୟମାନେ ଦାୟୀ ନୁହନ୍ତି। ତେବେ ସ୍ୱାଧୀନତାର ୭ ଦଶନ୍ଧି ପରେ ଯାଇ ଭାରତୀୟମାନେ ଏହି ଆଇନରେ ସଂଶୋଧନ କରିବାକୁ ଚାହିଁଲେ।

ଆମେ ମଧ୍ୟ ଏହା ଲଜ୍ଜାଜନକ ବୋଲି ସ୍ୱୀକାର କରିବା ଉଚିତ। ଆଉ ଗୋଟିଏ କଥା ଯାହା ଅନେକଙ୍କ ନଜରକୁ ଆସିନାହିଁ, ତାହା ହେଉଛି ଆଇନର ଉକ୍ତ ଧାରାକୁ ଏକ କୋର୍ଟ ଦ୍ୱାରା ରଦ୍ଦ କରିଦିଆଯାଇଛି, ଗଣତାନ୍ତ୍ରିକ ପ୍ରକ୍ରିୟାରେ ତାହା କରାଯାଇ ନାହିଁ, ଯେମିତି ବ୍ରିଟେନ୍‌ରେ କରାଯାଇଥିଲା। ଅଧିକ ଭଲ ହୋଇଥାନ୍ତା, ଯଦି ଅଧିକାଂଶ ସଭ୍ୟ ଦେଶରେ ବାତିଲ କରାଯାଇଥିବା ଉକ୍ତ ଆଇନକୁ ଖଣ୍ଡପୀଠର ପାଞ୍ଚଜଣ ବିଚାରପତିଙ୍କ ବଦଳରେ ଗଣତାନ୍ତ୍ରିକ ରାଜନୀତି ଜରିଆରେ ଅନ୍ତ ଘଟାଯାଇଥାନ୍ତା।

ମୁଁ ଦୁଇଜଣ ରାଜନେତାଙ୍କୁ ଜାଣିଛି, ଯେଉଁମାନେ ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧ ବିବେଚନା କରାଯାଉଥିବା ଉକ୍ତ ଆଇନ ବିରୋଧରେ ପାର୍ଲାମେଣ୍ଟରେ ସ୍ୱର ଉତ୍ତୋଳନ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବିଜୁ ଜନତା ଦଳର ଏମ୍‌ପି ତଥାଗତ ସତପଥୀ ଏବଂ ଆଉ ଜଣେ ହେଉଛନ୍ତି କଂଗ୍ରେସର ଶଶୀ ଥରୁର। ତେବେ ଥରୁର ଯେତେବେଳେ ଏ ପ୍ରସଙ୍ଗ ଉଠାଇଥିଲେ, ସେତେବେଳେ କଂଗ୍ରେସ ଦଳର ଅଧିକାଂଶ ଏମ୍‌ପିଙ୍କଠାରୁ ସେ ସମର୍ଥନ ହାସଲ କରିବାକୁ ସମର୍ଥ ହୋଇ ନ ଥିଲେ।

ଭାରତର ସମ୍ବିଧାନ ସମସ୍ତଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ମତପ୍ରକାଶ, ବିଶ୍ୱାସ ଓ ପୂଜା କରିବାର ସ୍ୱାଧୀନତା ଏବଂ ସମାନତାର ଅଧିକାର ଦେଇଛି। କିନ୍ତୁ ସମାଜର ଗୋଟିଏ ବର୍ଗକୁ ଉକ୍ତ ସମଲିଙ୍ଗୀ ବିରୋଧୀ ଆଇନ ଦ୍ୱାରା ତାଙ୍କ ଅଧିକାରରୁ ବଞ୍ଚିତ କରାଯାଉଥିଲା। ସେମାନଙ୍କୁ ନିଜର ରୁଚି ଓ ବିଶ୍ୱାସ ଅନୁଯାୟୀ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାର ମିଳୁ ନ ଥିଲା। ସମାଜ ଓ ଆଇନ ଭୟରେ ନିଜ ମନର କଥା ସେମାନେ ପ୍ରକାଶ କରିପାରୁ ନ ଥିଲେ। ତେବେ ଆମେ ଖୁସି ହେବା କଥା ଯେ, ଶେଷରେ ଆମେ ଉକ୍ତ ସ୍ୱାଧୀନତା ପୂର୍ବର ଉପନିବେଶୀୟ ଆଇନ ହାତରୁ ନିଷ୍କୃତି ପାଇଛେ।

Email: aakar.patel@gmail.com

## ଚିରନ୍ତନୀ

ରଙ୍ଗର ଢେଉ ନାଚେ ବିଲେ ବାଡ଼େ ବିଚରି
ଗନ୍ଧର ଧୂପ ତହିଁ ଉଠାଇ
ମଳୟର ନିର୍ଝର ଫେରିଆସେ ମରତେ
ସ୍ୱର୍ଗର ପାରିଜାତ ଫୁଟାଇ
ଫେରିଆସେ ଯଉବନ ଉଦାମ ଗତିରେ
ବନ୍ଧନରାଶି ଶତ ତୁଟାଇ।
(ଜୀବନ–ଦୋଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | E | | | | 7 | | | 3 | 8 | C | 6 | |
| D | | 0 | | | | 9 | | | E | | | | 3 | |
| 9 | | 2 | | | 5 | 3 | | | 1 | | 7 | E | | |
| | | 8 | | B | D | | 4 | C | | 0 | | 5 | | |
| | 3 | | 4 | | | | B | | A | | | | 2 | |
| | 4 | | 5 | | | | | 0 | | | | | 7 | |
| 7 | | | | 9 | | | | D | | | | B | | 5 |
| E | | | 6 | | | 7 | | | | | | | A | 0 |
| | 2 | 3 | | | 0 | | 6 | | | 4 | | | 8 | D |
| | | | | | 7 | | 8 | | | | 6 | 4 | | |
| | 9 | E | A | | | C | 3 | 7 | | | | 2 | | |
| 5 | | B | | | | | | | | | | | | C |
| | | D | 2 | | C | | 0 | | | | | | | |
| 0 | | 1 | | 4 | | | | 2 | 5 | | | 6 | | |
| | | | | | | | D | 9 | 6 | | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 2 | D | 5 | 8 | A | 3 | 0 | 4 | 9 | 7 | B | C | 1 | E |
| 0 | 5 | E | C | 1 | B | 7 | D | 8 | 3 | 6 | A | 4 | 9 | 2 |
| 3 | 1 | 9 | 0 | 4 | 6 | B | 2 | 5 | E | D | C | A | 7 | 8 |
| 4 | B | A | 2 | 7 | 3 | E | C | 9 | 5 | 8 | 1 | 6 | 0 | D |
| C | 8 | 7 | D | E | 9 | A | 6 | 1 | 2 | 4 | 0 | 3 | B | 5 |
| 9 | 3 | 4 | 7 | 5 | E | 6 | B | A | 1 | 0 | 2 | 8 | D | C |
| B | 6 | 0 | 8 | 2 | D | C | 1 | 7 | A | 5 | E | 9 | 3 | 4 |
| E | D | 2 | B | A | C | 8 | 5 | 0 | 4 | 3 | 9 | 1 | 6 | 7 |
| 8 | C | 1 | 9 | 6 | 0 | 4 | E | 3 | 7 | B | D | 5 | 2 | A |
| 7 | A | 5 | 4 | 3 | 1 | 2 | 9 | D | 6 | C | 8 | B | E | 0 |
| 1 | E | 8 | 3 | D | 7 | 0 | 4 | B | C | A | 6 | 2 | 5 | 9 |
| 5 | 7 | C | 6 | B | 2 | 9 | 8 | E | 0 | 1 | 4 | D | A | 3 |
| A | 9 | 6 | 1 | 0 | 4 | 5 | 3 | C | D | 2 | 7 | E | 8 | B |
| D | 4 | 3 | A | 9 | 8 | 1 | 7 | 2 | B | E | 5 | 0 | C | 6 |
| 2 | 0 | B | E | C | 5 | D | A | 6 | 8 | 9 | 3 | 7 | 4 | 1 |

ଗତକାଲିର ଉତ୍ତର

# ନାମ ନୁହେଁ, କାମ ବଡ଼

ପ୍ରକାଶ ତ୍ରିପାଠୀ

ପୋର୍ଟିକୋରେ କାରଟିଏ ଲାଗିଲା। ଡ୍ରାଇଭର ବାବୁ ଗାଡ଼ିରୁ ଓହ୍ଲାଇ ତରତର ହୋଇ ଦୌଡ଼ିଆସିଲେ କାରର ପଛ ସିଟ୍‌କୁ ଓ ଡୋର୍ ଖୋଲି ଠିଆହେଲେ। ଏଥର କାର୍ ଭିତରୁ ଓହ୍ଲାଇଲେ ଜଣେ ବିଶିଷ୍ଟ ବ୍ୟକ୍ତି। ଏଭଳି ଦୃଶ୍ୟ ବହୁବର୍ଷ ପୂର୍ବେ ଟିଭିରେ ଦେଖିବାବେଳେ ମନରେ ପ୍ରଶ୍ନ ଉଠୁଥିଲା, ପଛରେ ବସିଥିବା ବ୍ୟକ୍ତିଜଣକ କ'ଣ ଡୋର୍‌ଟିକୁ ନିଜେ ଖୋଲି ବାହାରକୁ ଆସିପାରିବେ ନାହିଁ? ଏମିତି କିଛି କାମ ଥାଏ ଯାହା କରିବା ପାଇଁ ଅନେକ ଲୋକ କୁଣ୍ଠା ପ୍ରକାଶ କରିଥାନ୍ତି। ନିଜ ମନରେ ହୀନମନ୍ୟତା ସୃଷ୍ଟିହୁଏ ଯେ, ମୁଁ ଏତେ ପାଠ ପଢ଼ିଛି। ଏତେବଡ଼ ପଦବୀରେ ଅଛି, ମୁଁ ଏଇ ଛୋଟିଆ କାମ କରିବି! ଏ କାମ କଲେ ମୋର ମାନସମ୍ମାନ ହାନି ହୋଇଯିବନି? ଆମେ ଭୁଲିଯାଉ ଯେ, କୌଣସି କାମ ଛୋଟ ବା ବଡ଼ ନୁହେଁ। ପ୍ରତ୍ୟେକ କାମର ଏକ ସ୍ୱାତନ୍ତ୍ର୍ୟ ତଥା ମୂଲ୍ୟ ରହିଥାଏ। ଗୋଟିଏ କାର୍ଯ୍ୟାଳୟର ସର୍ବୋଚ୍ଚ ପଦବୀର ଯେତିକି ଗୁରୁତ୍ୱ ଥାଏ, ସର୍ବନିମ୍ନ ପଦବୀର ମଧ୍ୟ ତଦନୁରୂପ ମହତ୍ତ୍ୱ ଥାଏ। କାରଣ ପ୍ରତ୍ୟେକ ଯୋଜନାର ସଫଳ ରୂପାୟନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗ ଓ ସହଭାଗିତାରେ ସମ୍ପନ୍ନ ହୋଇଥାଏ। ତେଣୁ ପ୍ରତ୍ୟେକ ପଦପଦବୀରେ ଥିବା କର୍ମଚାରୀଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନର ଆବଶ୍ୟକତା ରହିଛି। ଧରାଯାଉ କାର୍ଯ୍ୟାଳୟକୁ ଟାଇପିଷ୍ଟଟିଏ ଅସୁସ୍ଥତା ଯୋଗୁ ଆସିପାରି ନାହିଁ ଓ ସେହିଦିନ ଜରୁରୀ ଚିଠିଟିଏ ପଠାଇବାର ଆବଶ୍ୟକତା ରହିଛି।

ତେବେ ଟାଇପିଷ୍ଟ କାର୍ଯ୍ୟରେ ଯୋଗଦେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନା ଅନ୍ୟ କେହି ଟାଇପ୍ ଜାଣିଥିବା କର୍ମଚାରୀଟିଏ ଚିଠିଟିକୁ ଟାଇପ୍ କରିଦେବ? ଯଦି ଅନ୍ୟ କେହି କର୍ମଚାରୀ ବା ଅଧିକାରୀ ନିଜେ ଚିଠିଟିକୁ ଟାଇପ୍ କରିଦିଅନ୍ତି ତେବେ ଏଥିରେ ଅସୁବିଧା କ'ଣ? ସେହିପରି କୌଣସି ଜରୁରୀ କାର୍ଯ୍ୟ ଯୋଗୁ ସୁଇପର ଦୁଇ ତିନିଦିନ ପାଇଁ ଅଫିସ ଆସିପାରିଲେନି, ସୁଇପର ଆସିବେ ନାହିଁ ବୋଲି ଅଫିସ ଘର ଅଳିଆ, ଆବର୍ଜନା ହୋଇ ପଡ଼ିରହିବ ନା ପ୍ରତ୍ୟେକ କର୍ମଚାରୀ ନିଜ ନିଜ କୋଠରିକୁ ଓଳାଇ ପରିଷ୍କାର କରିବେ? ଦିନେ ଦୁଇଦିନ ଅଫିସ ଘରକୁ ଅନ୍ୟ କର୍ମଚାରୀମାନେ ଓଳାଇଦେଲେ କ'ଣ ସେମାନଙ୍କର ମାନ–ସମ୍ମାନ କ୍ଷୁଣ୍ଣ ହୋଇଯିବ? ସେମାନେ ବି ଆମରି ଭଳି ମଣିଷ, ଯେଉଁମାନେ ସେ କାମ କରୁଛନ୍ତି। ସେମାନଙ୍କ ଅନୁପସ୍ଥିତିରେ ସେମାନଙ୍କର କାର୍ଯ୍ୟ କରିଦେଲେ ସମ୍ମାନହାନି ହେବନାହିଁ ବରଂ ବଢ଼ିବ। ଯେକୌଣସି କାମ ହେଉ, ଯଦି ତାକୁ ନିଷ୍ଠା ଓ ଦାୟିତ୍ୱର ସହ କରାଯାଏ ତେବେ ସେହି କାମ ମଣିଷକୁ ଶ୍ରେଷ୍ଠତା ପ୍ରଦାନ କରିଥାଏ। କାମ ପ୍ରତି ସମ୍ମାନବୋଧ ସଂକ୍ରାନ୍ତରେ ନିକଟରେ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଦୁଇଟି ଘଟଣାକୁ ଏଠାରେ ଉଲ୍ଲେଖ କରୁଛୁ।

୨୦୧୬ ଅକ୍ଟୋବର ୩୧ ତାରିଖ। ଝାଡ଼ଖଣ୍ଡର ରାଜରାପାରେ ଅବସ୍ଥିତ ସେଣ୍ଟ୍ରାଲ କୋଲଫିଲ୍ଡ ଲିମିଟେଡରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ (ସୁଇପର) ସୁମିତ୍ରା ଦେବୀ ଏହିଦିନ ତାଙ୍କ କାର୍ଯ୍ୟରୁ ଅବସର ନେଲେ। ଜଣେ କର୍ମଚାରୀ ସେବାନିବୃତ୍ତ ହେବା ବା ଅବସର ଗ୍ରହଣ କରିବା ଏକ ଚିରାଚରିତ ଘଟଣା। ମାତ୍ର ସୁମିତ୍ରା ଦେବୀଙ୍କର ଅବସର ଦିନଟି ବହୁଚର୍ଚ୍ଚିତ ହୋଇଥିଲା ସେତିକିବେଳେ, ଯେତେବେଳେ କି ବିଦାୟକାଳୀନ ସଭାଗୃହରେ ପହଞ୍ଚିଥିଲେ ତାଙ୍କର ତିନିପୁଅ। ବଡ଼ପୁଅ ବୀରେନ୍ଦ୍ର କୁମାର (ରେଲ୍‌ୱେ ଇଞ୍ଜିନିୟର), ମଝିଆଁ ପୁଅ ଧୀରେନ୍ଦ୍ର କୁମାର (ଡାକ୍ତର) ଓ ସାନପୁଅ ମହେନ୍ଦ୍ର କୁମାର (ଜିଲାପାଳ, ସିୱାନ, ବିହାର) ସଭାଗୃହରେ ପହଞ୍ଚି ଯେତେବେଳେ ମାଆ ସୁମିତ୍ରା ଦେବୀଙ୍କ ପାଦସ୍ପର୍ଶ କଲେ, ସେ ନିଜକୁ ରୋକି ନ ପାରି କାନ୍ଦି ପକାଇଲେ। ଝାଡୁଦାର କାର୍ଯ୍ୟ କରି ସେ ଯେଉଁ ସ୍ୱଳ୍ପ ଦରମା ପାଉଥିଲେ, ସେଥିରେ ଅତି ଦୁଃଖକଷ୍ଟ ସହି ତିନିପୁଅଙ୍କୁ ପାଠ ପଢ଼ାଇ ସମାଜରେ ପ୍ରତିଷ୍ଠିତ କରାଇପାରିଥିଲେ। ତିନିପୁଅ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେବା ପରେ ତାଙ୍କ ପରିବାରର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇଲା ସତ, ହେଲେ ନିଜ କର୍ତ୍ତବ୍ୟ ପ୍ରତି ସୁମିତ୍ରା ଦେବୀ କେବେ ବି ବିମୁଖତା ପ୍ରଦର୍ଶନ କରିନାହାନ୍ତି। ୬୦ ବର୍ଷ ବୟସ ପର୍ଯ୍ୟନ୍ତ ରାମଗଡ଼ ସହରର ବିଭିନ୍ନ ଗଳିରେ ସେ ଅନ୍ୟ ସୁଇପର ସହକର୍ମୀଙ୍କ ସହିତ କାର୍ଯ୍ୟ କରିଚାଲିଥିଲେ। ବନ୍ଧୁ–ବାନ୍ଧବ ଓ ଚିହ୍ନାଜଣାଙ୍କ ମଧ୍ୟରୁ ଅନେକେ ତାଙ୍କୁ ପ୍ରବର୍ତ୍ତାଇଛନ୍ତି ଯେ, ଜଣେ ଆଇଏଏସ୍ ଅଫିସରଙ୍କ ମା' ସୁଇପର କାମ କରିବା ଶୋଭନୀୟ ନୁହେଁ। ତିନିପୁଅ ଉଚ୍ଚ ପଦପଦବୀରେ ଅଧିଷ୍ଠିତ। ଟଙ୍କା–ପଇସାର ଅଭାବ ନାହିଁ। ଏପରିସ୍ଥଳେ ଝାଡୁଦାର କାର୍ଯ୍ୟ କରିବାର କ'ଣ ଆବଶ୍ୟକତା ଅଛି ବୋଲି ଅନେକେ ତାଙ୍କୁ ପ୍ରଶ୍ନ କରିଛନ୍ତି। ସୁଇପର ଚାକିରି ତାଙ୍କ ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ଓ ଈଶ୍ୱରଙ୍କ ଆଶୀର୍ବାଦକୁ ସେ କେବେ ବି ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ ବୋଲି ଉତ୍ତର ଦିଅନ୍ତି ସୁମିତ୍ରା ଦେବୀ। ଯେଉଁ କାମ କରି ସେ ନିଜ ତିନିପୁଅଙ୍କୁ ପ୍ରତିଷ୍ଠିତ କରାଇପାରିଲେ, ସେ କାମ କେମିତି ଛୋଟ କାମ ହୋଇପାରେ ଓ ତାକୁ କିପରି ସେ ପରିତ୍ୟାଗ କରିପାରିବେ? ମାଆଙ୍କ ନିଷ୍ପତ୍ତିକୁ ସମର୍ଥନ କରିଥିଲେ ତିନିପୁଅ ଓ ଉଦାହରଣ ସୃଷ୍ଟି କରିଥିଲେ ଯେ ସମାଜରେ ଯେ କୌଣସି କାମ ଛୋଟ ନୁହେଁ।


ପ୍ରତ୍ୟେକ କାମକୁ ସମ୍ମାନ ପ୍ରଦର୍ଶନ କରିବା ନେଇ ସମ୍ପ୍ରତି ଚର୍ଚ୍ଚାରେ ଅଛନ୍ତି ନେଦରଲାଣ୍ଡର ପ୍ରଧାନମନ୍ତ୍ରୀ ମାର୍କ ରୁଟ୍। ଗତ ଜୁନ୍ ୬ ତାରିଖ ପୂର୍ବାହ୍ଣର ଘଟଣା, ଯାହାକି ସୋସିଆଲ ମିଡିଆରେ ଭାଇରାଲ ହୋଇ ପ୍ରଧାନମନ୍ତ୍ରୀ ରୁଟ୍‌ଙ୍କୁ ପ୍ରଶଂସାରେ ପୋତି ପକାଇଛି। ତରତର ହୋଇ ସେଦିନ ପାର୍ଲାମେଣ୍ଟର ନିଜ ଚାମ୍ବରକୁ ଯାଉଥିଲେ ପ୍ରଧାନମନ୍ତ୍ରୀ ରୁଟ୍। ବାମ ହାତରେ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଡାହାଣ ହାତରେ କଫି କପ୍। କଫି ପିଇ ପିଇ ଜଣେ ଅଧିକାରୀଙ୍କ ସହ ନିଜ ଚାମ୍ବର ଭିତରକୁ ପ୍ରବେଶ କରୁଥଲା ବେଳେ ଗ୍ଲାସ୍ ଡୋର୍‌ରେ ହଠାତ୍ ହାତବାଜି କଫି କପ୍‌ଟି ତଳେ ପଡ଼ିଗଲା ଓ କଫିତକ ଢାଳି ହୋଇଗଲା ଚଟାଣରେ। ତୁରନ୍ତ କାଗଜପତ୍ରଗୁଡ଼ିକୁ ପାଖରେ ଠିଆ ହୋଇଥିବା ଅଧିକାରୀଙ୍କୁ ଧରାଇଦେଇ ଚଟାଣ ପୋଛିବାରେ ଲାଗିପଡ଼ିଲେ ପ୍ରଧାନମନ୍ତ୍ରୀ। ନିକଟରେ ଥିବା ଏକ ମଗ୍ ସାହାଯ୍ୟରେ ସଫା କରିବା ସହ ଚଟାଣରେ ସୃଷ୍ଟି ହୋଇଯାଇଥିବା କିଛି ଗାଢ଼ ଦାଗକୁ ନିଜ ରୁମାଲରେ ପୋଛି ପକାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏତାଦୃଶ କାର୍ଯ୍ୟ ଦେଖି ହଡ଼ବଡ଼େଇ ଯାଇଥିଲେ ପାର୍ଲାମେଣ୍ଟ ଭବନର ଅଧିକାରୀବୃନ୍ଦ। ଖବରପାଇ ଦୌଡ଼ାଦୌଡ଼ି ହୋଇ ପହଞ୍ଚିଯାଇଥିଲେ କିଛି ସଫେଇ କର୍ମଚାରୀ। ମାତ୍ର ହସି ହସି ଚଟାଣ ସଫାରେ ଲାଗିପଡ଼ିଥିଲେ ପ୍ରଧାନମନ୍ତ୍ରୀ ଓ ବାରଣ କରିଥିଲେ ସେମାନଙ୍କୁ ବ୍ୟସ୍ତ ହେବାକୁ। ପରେ ଉପସ୍ଥିତ ଅଧିକାରୀ ଓ ସଫେଇ କର୍ମଚାରୀମାନେ ତାଳିମାରି ପ୍ରଧାନମନ୍ତ୍ରୀଙ୍କୁ ବଧାଇ ଜଣାଇଥିଲେ।

ନେଦରଲାଣ୍ଡର ପ୍ରଧାନମନ୍ତ୍ରୀ ରୁଟ୍ ହୁଅନ୍ତୁ କି ଛତିଶଗଡ଼ର ସୁଇପର ସୁମିତ୍ରା ଦେବୀ ହୁଅନ୍ତୁ, ଉଭୟେ ସମାଜକୁ ଗୋଟିଏ ଭଲ ବାର୍ତ୍ତା ଦେଇଛନ୍ତି ଯେ, କୌଣସି କାମ ଛୋଟ ନୁହେଁ, ବ୍ୟକ୍ତି ନିଜ ନାମ ପାଇଁ ନୁହେଁ, କାମ ପାଇଁ ପ୍ରତିଷ୍ଠା ଅର୍ଜନ କରିଥାଏ। ଥରେ ଭାବନ୍ତୁ, ଯଦି କୃଷକଟିଏ ମାଟି, ପାଣି, ପବନ, ଖରା, ବର୍ଷା, ଶୀତକୁ ଖାତିର ନ କରି କୃଷି ଉତ୍ପାଦନ କରୁ ନ ଥାନ୍ତା, ଷ୍ଟେଶନ ବା ବସଷ୍ଟାଣ୍ଡରେ କୁଲିମାନେ ସେବା ପ୍ରଦାନ କରୁ ନ ଥାନ୍ତେ, କ୍ଷୀରବାଲା ଗୁହାଳରେ ଗାଈ ରଖି ସେମାନଙ୍କ ଲାଳନପାଳନ ପୂର୍ବକ ଆମ ଦୁଆରମୁହଁରେ କ୍ଷୀର ନ ପହଞ୍ଚାଉଥାନ୍ତା, ସୁଇପରମାନେ ଦୈନିକ ସହରର ରାସ୍ତା ଉପରୁ ଅଳିଆ ଆବର୍ଜନା ଉଠାଉ ନ ଥାନ୍ତେ, କାମବାଲୀମାନେ ଆମ୍ଭମାନଙ୍କ ଘରକୁ ଆସି ପାଇଟି ନ କରୁଥାନ୍ତେ, ମୂଲିଆ ମଜୁରିଆମାନେ ଦୈନିକ ଆମ ପାଇଁ କାମ କରୁ ନ ଥାନ୍ତେ, ତେବେ ଆମର ଜୀବନଯାପନ ପ୍ରଣାଳୀ କିପରି ହେଉଥାନ୍ତା? ଆଜିର ଦିନପରି ସବୁ କିଛି ସହଜ ସୁନ୍ଦର ହୋଇପାରିଥାନ୍ତା କି? ଉତ୍ତର ହେବ ନା। ଆମ ଜୀବନର ପ୍ରତିଟି ଆବଶ୍ୟକତା କେଉଁ କୋଟିପତି ପୂରଣ କରୁନାହାନ୍ତି। ଦୁନିଆକୁ ସରସ, ସୁନ୍ଦର, ପରିଷ୍କାର ଓ ପରିଚ୍ଛନ୍ନ କରିଥାନ୍ତି ସେହିମାନେ, ଯେଉଁମାନଙ୍କୁ ଆମେ କହିଥାଉ ତଳସ୍ତରର ମଣିଷ। ତଥାକଥିତ ଉପରସ୍ତରର ଲୋକଙ୍କ ପ୍ରତି ଆମେ ଯେପରି ବ୍ୟବହାର ଓ ଆଚରଣ ପ୍ରଦର୍ଶନ କରିଥାଉ, ସେପରି ଆଚରଣ ଆମେ ସେହି ତଳସ୍ତରର ଲୋକମାନଙ୍କ ପ୍ରତି କରି ନ ଥାଉ। ତାମିଲ ଅଭିନେତା ରଜନୀକାନ୍ତ ସୁପରଷ୍ଟାର ହେବା ପୂର୍ବରୁ ଜଣେ ବସ୍ କଣ୍ଡକ୍ଟର ଥିଲେ। ଏବେ ବି ଟିକିଏ ଅବସର ସମୟ ପାଇଲେ ସେ ତାଙ୍କ ପୂର୍ବର ସେ କଣ୍ଡକ୍ଟର ବନ୍ଧୁମାନଙ୍କୁ ଭେଟିବାକୁ ବାହାରିପଡ଼ନ୍ତି। ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମ୍ ଛୋଟ ବେଳେ ଖବରକାଗଜ ହକର କାମ କରୁଥିଲେ। ପ୍ରକୃତି କୌଣସି କାର୍ଯ୍ୟରେ ଫରକ ଦେଖେ ନାହିଁ। ତା' ପାଇଁ ପ୍ରତ୍ୟେକ ମଣିଷ ସମାନ। ସେଥିପାଇଁ ତ ପ୍ରତ୍ୟେକ ମଣିଷ ପ୍ରକୃତି ପାଇଁ ଜଣେ ଜଣେ ସେଲିବ୍ରିଟି। ଏବେ ଆସନ୍ତୁ ନାମକୁ ନୁହେଁ, କାମକୁ ସମ୍ମାନ ଦେବା।

ମୋ–୯୪୩୭୨୩୨୪୬୩, ଇମେଲ–
prakas.tripathy09@gmail.com

# କୃତବିଦ୍ୟ ଚିକିତ୍ସକ

## ବ୍ୟକ୍ତିତ୍ୱ



ଡା. ବସନ୍ତ କୁମାର ମିଶ୍ର

ଭାରତରେ ଡାକ୍ତରୀ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ବି.ସି. ରାୟ ଜାତୀୟ ସମ୍ମାନକୁ ସର୍ବଶ୍ରେଷ୍ଠ ପୁରସ୍କାର ଭାବେ ବିବେଚନା କରାଯାଉଛି। ବିଶିଷ୍ଟ ଡାକ୍ତର ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ନାମରେ ଏହି ପୁରସ୍କାର ଭାରତୀୟ ଭେଷଜ ପରିଷଦ (ଏମ୍‌ସିଆଇ) ଦ୍ୱାରା ୧୯୭୬ରୁ ପ୍ରଦାନ କରାଯାଇଆସୁଛି। ୨୦୧୮ ମସିହା ଲାଗି ମୁମ୍ବାଇସ୍ଥିତ ପ୍ରସିଦ୍ଧ ସ୍ନାୟୁଶଲ୍ୟ ବିଶେଷଜ୍ଞ ବସନ୍ତ କୁମାର ମିଶ୍ରଙ୍କୁ ଯୋଗ୍ୟ ବିବେଚିତ କରାଯାଇଛି। ୨୦୧୯ ଜୁଲାଇ ୧ ଡାକ୍ତର ଦିବସରେ ତାଙ୍କୁ ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିବେ। ଡାକ୍ତରୀ ସେବାକୁ ଅନବଦ୍ୟ ଅବଦାନ ଦେଇଥିବା ଏହି ଓଡ଼ିଆ ବ୍ୟକ୍ତି ବି.ସି. ରାୟ ସମ୍ମାନ ପାଇବା ଲାଗି ମନୋନୀତ ହୋଇଥିବାରୁ ତାଙ୍କ ବିଷୟରେ ଜାଣିବା ଲାଗି ସମସ୍ତେ ଆଗ୍ରହ ରଖିବା ସ୍ୱାଭାବିକ।

ବସନ୍ତଙ୍କ ଜନ୍ମସ୍ଥାନ ଭୁବନେଶ୍ୱର। ଅର୍ଥନୀତିଜ୍ଞ ବୈଦ୍ୟନାଥ ମିଶ୍ର ଓ ବାସନ୍ତୀ ମିଶ୍ରଙ୍କ ସୁପୁତ୍ର ବସନ୍ତଙ୍କ ସ୍କୁଲ ଶିକ୍ଷା ରାଜଧାନୀରେ ହୋଇଥିଲା। ସମ୍ବଲପୁରସ୍ଥିତ ଭିଏସ୍‌ଏସ୍ ମେଡିକାଲ କଲେଜରୁ ୧୯୭୫ରେ ଏମ୍‌ବିବିଏସ୍ ଡିଗ୍ରୀ ଅର୍ଜନ କରିଥିଲେ। ସେହିବର୍ଷ ସେ ବିଶ୍ୱବିଦ୍ୟାଳୟର ବେଷ୍ଟ ଗ୍ରାଜୁଏଟ୍ ହେବା ସହ ୪ଟି ସ୍ୱର୍ଣ୍ଣପଦକ ଲାଭ କରିଥିଲେ। ସେ ୧୯୮୦ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଜେନେରାଲ ସର୍ଜରୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୮୩ରେ ସମ୍ମାନଜନକ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ରୁ ନ୍ୟୁରୋସର୍ଜରୀରେ ଉଚ୍ଚଶିକ୍ଷା ଲାଭ କରି ସ୍ନାୟୁଶଲ୍ୟ ଚିକିତ୍ସା କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିଲେ। ଡାକ୍ତରୀ ପାଠ ପଢ଼ୁଥିବା ବେଳେ ଫାଇଜର୍ ପୋଷ୍ଟଗ୍ରାଜୁଏଟ୍ ମେଡିକାଲ ଆୱାର୍ଡ ଏବଂ ବ୍ରିଟେନର ଏଡିନ୍‌ବର୍ଗ ୟୁନିଭର୍ସିଟିରୁ କମନ୍‌ୱେଲ୍‌ଥ ମେଡିକାଲ ସ୍କଲାର ସମ୍ମାନ ପାଇଥିଲେ। ବସନ୍ତ ସ୍ନାୟୁଶଲ୍ୟ କ୍ଷେତ୍ରରେ ବାରମ୍ବାର ଗବେଷଣା ଓ ପରୀକ୍ଷାନିରୀକ୍ଷା କରି ରୋଗୀଙ୍କୁ କିଭଳି ଉନ୍ନତ ଧରଣର ଚିକିତ୍ସା ମିଳିପାରିବ ସେଥିଲାଗି ଅହରହ କାର୍ଯ୍ୟ କରିଚାଲିଛନ୍ତି। ସେଥିପାଇଁ ଏହି କ୍ଷେତ୍ରରେ ଅଗ୍ରଣୀ ଡାକ୍ତର ହେବାରେ ତାଙ୍କ କାର୍ଯ୍ୟକୁ ସବୁଆଡ଼ୁ ପ୍ରଶଂସା କରାଯାଉଛି। ସେ ୧୯୯୫ରୁ ମୁମ୍ବାଇସ୍ଥିତ ପି.ଡି. ହିନ୍ଦୁଜା ହସ୍ପିଟାଲର ନ୍ୟୁରୋସର୍ଜରୀ ଆଣ୍ଡ୍ ଗାମା ନାଇଫ୍ ରେଡିଓସର୍ଜରୀ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏହା ପୂର୍ବରୁ ତ୍ରିଭେନ୍ଦ୍ରମ୍‌ସ୍ଥିତ ଶ୍ରୀ ଚିତ୍ରାତିରୁନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ୍ ଟେକ୍‌ନୋଲଜି (ଏସ୍‌ସିଟିଆଇଏମ୍‌ଏସ୍‌ଟି)ର ନ୍ୟୁରୋସର୍ଜରୀ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ତେବେ ଗାମା ନାଇଫ୍ ଟେକ୍‌ନୋଲଜି ପ୍ରୟୋଗ କରି ଚିକିତ୍ସା କ୍ଷେତ୍ରରେ ଭାରତରେ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି। ତେଣୁ ଏହି ଟେକ୍‌ନୋଲଜି ମାଧ୍ୟମରେ ରୋଗ ଭଲ କରିବା କ୍ଷେତ୍ରରେ ପି.ଡି. ହିନ୍ଦୁଜା ହସ୍ପିଟାଲ ଦକ୍ଷିଣ ଏସିଆରେ ନାମ କମାଇବା ସହ ବସନ୍ତଙ୍କୁ ଦକ୍ଷିଣ ଏସିଆରେ ପ୍ରଥମ ଗାମା ନାଇଫ୍ ରେଡିଓସର୍ଜରୀ ବିଶେଷଜ୍ଞର ମାନ୍ୟତା ଦେଇଛି। କେବଳ ସେତିକି ନୁହେଁ, କମ୍ପ୍ୟୁଟର ଗାଇଡେଡ୍ ଆନ୍ୟୁରିଜିମ୍ ସର୍ଜରୀ ଦିଗରେ ବିଶ୍ୱର ପ୍ରଥମ ଡାକ୍ତର ଭାବେ ତାଙ୍କ ନାମ ଗଣାଯାଉଛି।

ଆଧୁନିକ ଓ ଉନ୍ନତ ଚିକିତ୍ସା ପଦ୍ଧତି ମାଧ୍ୟମରେ କିଭଳି ରୋଗୀଙ୍କ କଲ୍ୟାଣ କରାଯାଇପାରିବ ସେହି ଦିଗରେ ବସନ୍ତ କାର୍ଯ୍ୟ କରି ଆସୁଛନ୍ତି। ଦେଶବିଦେଶର ବିଭିନ୍ନ ମେଡିକାଲ ଜର୍ନାଲରେ ତାଙ୍କ ଲେଖା ପ୍ରକାଶ ପାଇ ଉଚ୍ଚପ୍ରଶଂସିତ ହୋଇଛି। ବି.ସି. ରାୟ ନ୍ୟାଶନାଲ ସମ୍ମାନ ଲାଗି ଯୋଗ୍ୟ ବିବେଚିତ ହେବା ପୂର୍ବରୁ ସେ ବହୁ ପୁରସ୍କାରର ଅଧିକାରୀ ହୋଇପାରିଛନ୍ତି। ପାରିବାରିକ ଜୀବନ କହିଲେ ସ୍ତ୍ରୀ ସସ୍ମିତା ମିଶ୍ର ଏବଂ ଦୁଇପୁଅ ସାର୍ଥକ ଓ ସିଦ୍ଧାର୍ଥଙ୍କୁ ନେଇ ତାଙ୍କ ସଂସାର। ସାର୍ଥକ ଆମେରିକାରେ ମାନସିକ ରୋଗ ବିଶେଷଜ୍ଞ ଥିବା ବେଳେ ସିଦ୍ଧାର୍ଥ ଲଣ୍ଡନଠାରେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ କାର୍ଯ୍ୟ କରୁଛନ୍ତି।

–ଜିତେନ୍ଦ୍ର

## ଏଇ ଭାରତରେ

ସାଟେଲାଇଟ୍ ନିର୍ମାଣ ପାଇଁ ଆଗ୍ରହୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ଖୁସି ଖବର ଆଣିଛି ଇଣ୍ଡିଆନ୍ ଟେକ୍ନୋଲୋଜି କଂଗ୍ରେସ ଆସୋସିଏଶନ୍ (ଆଇଟିସିଏ)। ଏଥିପାଇଁ ସାରା ଭାରତରୁ ୭୫ଜଣ ଶିଶୁଙ୍କୁ ନେଇ ଏକ ଗୋଷ୍ଠୀ ଗଠନ କରାଯିବ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନାନୋ ସାଟେଲାଇଟ୍ ମହାକାଶକୁ ଛଡାଯିବ। ଏଗୁଡ଼ିକ ପୃଥିବୀର କକ୍ଷପଥରେ ରହି ପୃଥିବୀକୁ ପରିକ୍ରମା କରିବେ। ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ନାନୋ ସାଟେଲାଇଟ୍ ଲଞ୍ଚ୍ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏ ପର୍ଯ୍ୟନ୍ତ ୯୫୦ ଛାତ୍ରଙ୍କ ଦ୍ୱାରା ନିର୍ମିତ ନାନୋ ସାଟେଲାଇଟ୍ ମହାକାଶକୁ ଛଡାଯାଇଥିବା ବେଳେ ଏମାନଙ୍କ ମଧ୍ୟରେ ଭାରତୀୟ ଛାତ୍ରଙ୍କ ସଂଖ୍ୟା ମାତ୍ର ୯। ଅନ୍ୟ ଦେଶର ଛାତ୍ରମାନଙ୍କ ସହିତ ଏକତ୍ର କାର୍ଯ୍ୟକରିବା ପାଇଁ ଭାରତୀୟ ଛାତ୍ରଙ୍କ ନିମନ୍ତେ ଏକ ସୁଯୋଗ ସୃଷ୍ଟି ହୋଇପାରିଛି। ଆଇଟିସିଏ ଏଥିପାଇଁ ଇସ୍ରାଏଲ୍ ସରକାରଙ୍କ ସହିତ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଛି। ଉକ୍ତ ପ୍ରକଳ୍ପ ପାଇଁ ଏ ପର୍ଯ୍ୟନ୍ତ ୩୦ଟି ଆବେଦନ ପହଞ୍ଚିଲାଣି। ଏଥିପାଇଁ କଲେଜ ଛାତ୍ର ଏବଂ ବ୍ୟକ୍ତିବିଶେଷ ସିଧାସଳଖ ଆବେଦନ କରିପାରିବେ। ଏଥିରେ ସହାୟତା ଯୋଗାଇ ଦେବାକୁ ଅନ୍ୟ କେତେକ ରାଷ୍ଟ୍ର ସହିତ ମଧ୍ୟ ବୁଝାମଣା ହୋଇଛି। ଛାତ୍ରୀଛାତ୍ରଙ୍କ ଉଦ୍ଭାବନକୁ ବିଚାରକୁ ନେଇ ଏଥିପାଇଁ ଯୋଗ୍ୟ ପ୍ରାର୍ଥୀ ଚୟନ କରାଯିବ ବୋଲି ଆଇଟିସିଏ ସଭାପତି ଏଲ୍.ଭି. ମୁରଲିକ୍ରିଷ୍ଣ ରେଡ୍ଡୀ ପ୍ରକାଶ କରିଛନ୍ତି। ବାସ୍ତବରେ ଆଇଟିସିଏର ଏହି ଉଦ୍ୟମ ଯୁବ ବୈଜ୍ଞାନିକଙ୍କୁ ନୂତନ ଗବେଷଣା ଦିଗରେ ଉତ୍ସାହିତ କରିବ।

## ୨୫ ବର୍ଷ ତଳର ଧରିତ୍ରୀ

୯ ସେପ୍ଟେମ୍ବର ୧୯୯୩

- ୟୁନିଟା ବିଦ୍ରୋହୀଙ୍କ ସେଲ ମାଡରେ ଆଙ୍ଗୋଲାର କୁଇଟୋ ସହରରେ ୩୫ ଜଣ ଶିଶୁଙ୍କର ପ୍ରାଣହାନି।
- ବ୍ୟାଙ୍କିଙ୍ଗ୍ ଓ ପାରମ୍ପରିକ ଔଷଧପତ୍ର ପ୍ରଭୃତି କ୍ଷେତ୍ରରେ ସହଯୋଗ ରକ୍ଷା ପାଇଁ ଚାଇନା ଓ ଭାରତ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ନିକମା ସାଂସଦଙ୍କୁ ଟିକଟ ନ ମିଳୁ

ମହାଶୟ,

ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ, ଷୋଡ଼ଶ ଲୋକ ସଭାକୁ ନିର୍ବାଚିତ ସାଂସଦଙ୍କ ମଧ୍ୟରୁ ୩୦ ପ୍ରତିଶତ ସାଂସଦଙ୍କ ପ୍ରଦର୍ଶନ ଅତି ଦୁର୍ବଳ। ସେମାନଙ୍କ ମଧ୍ୟରୁ ଅନେକେ କୌଣସି ବିତର୍କରେ ଭାଗ ନେଇନାହାନ୍ତି କିମ୍ବା ପ୍ରଶ୍ନ ପଚାରି ନାହାନ୍ତି। ଅନେକଙ୍କ ଉପସ୍ଥାନ ମଧ୍ୟ ଅତି ନୈରାଶ୍ୟଜନକ। ଏମାନେ ଯେଉଁ ଦଳର ହୁଅନ୍ତୁ ନା କାହିଁକି, ୨୦୧୯ ନିର୍ବାଚନରେ ଏମାନଙ୍କୁ ଲଢ଼ିବା ପାଇଁ ଟିକଟ ନ ମିଳିବା ଉଚିତ। ଏହା କରା ନ ଗଲେ ଏମାନଙ୍କ ଦୁର୍ବଳ ପ୍ରଦର୍ଶନ ଆଗାମୀ ନିର୍ବାଚନରେ ପ୍ରତିକୂଳ ପ୍ରଭାବ ପକାଇବାର ଆଶଙ୍କା ରହିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ବାଡ଼ ଯଦି ଫସଲ ଖାଏ

ପୋଲିସର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେଉଛି ସମାଜକୁ ସୁରକ୍ଷା ଦେବା। କିନ୍ତୁ ବାଡ଼ ଯଦି ଫସଲ ଖାଏ କହିବା କାହାକୁ? ଅନ୍ୟକୁ ସୁରକ୍ଷା ଦେଉଥିବା ପୋଲିସ ଭାଇମାନେ ଯଦି ନିଜେ ଗୁଣ୍ଡାମି, ଲୁଟ୍‌ତରାଜ କରିବେ ଏବଂ ଲୋକମାନଙ୍କ ପ୍ରତି ଅଶୋଭନୀୟ ଆଚରଣ ଦେଖାଇବେ, ତେବେ ସାଧାରଣ ଜନତା ଶାନ୍ତିରେ ରହିବେ କିପରି? ଅଧିକାଂଶ ସମୟରେ ପୋଲିସର ଗୁଣ୍ଡାଗିରି, ହାଜତ ଭିତରେ ଥାର୍ଡ ଡିଗ୍ରୀ ପ୍ରୟୋଗ କରି ଗିରଫ ବ୍ୟକ୍ତିଙ୍କୁ ମାରିଦେବା, ଚୋର ଓ ଗୁଣ୍ଡାଙ୍କ ସହ ସାଲିସ କରିବା ଅତୀବ ନିନ୍ଦନୀୟ। କିଛି ଅସଦାଚାରୀ ପୋଲିସଙ୍କ ଯୋଗୁ ସମସ୍ତ ପୋଲିସ ବିଭାଗ ଘୃଣିତ ହେଉଛି। ନିକଟରେ ମହାକାଳପଡ଼ା ପୋଲିସ ଆସାମୀଙ୍କ ମଳଦ୍ୱାରରେ ରୋଲବାଡ଼ି ଭର୍ତ୍ତିକରି ମାରିଦେବା ଏବଂ ବରଗଡ଼ ସହରରେ ରାତିରେ ଭ୍ରାମ୍ୟମାଣ ପୋଲିସ ବନ୍ଧୁମାନେ ଜନୈକ ବ୍ୟବସାୟୀଙ୍କଠାରୁ ସାଢ଼େ ଚାରିଲକ୍ଷ ଟଙ୍କା ଲୁଟ୍ କରି କାର୍ଯ୍ୟରୁ ନିଲମ୍ବିତ ହେବା ଘଟଣା ସମଗ୍ର ପୋଲିସ ବିଭାଗ ପ୍ରତି କଳଙ୍କ।

କାଶୀନାଥ ଦାସ, ଖଣ୍ଡପଡ଼ା ଗଡ଼, ନୟାଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଟ୍ରକ ମାଲିକଙ୍କୁ ମାଡ଼ ଘଟଣା: ୨ ଗିରଫ

ତାଳଚେର,୮।୯(ନି.ପ୍ର.)- ଜଣେ ଟ୍ରକ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ତାଳଚେର ପୋଲିସ ଶନିବାର ତାଳଚେର ଟ୍ରକ ମାଲିକ ସଂଘର ଉପସଭାପତି ଜିତେନ୍ଦ୍ର କୁମାର ରାୟ ଓ ଟ୍ରକ ମାଲିକ ମହାରଣା ସାହିର ସତ୍ୟବ୍ରତ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ଗୁରୁବାର ରାତିରେ ଜିତେନ୍ଦ୍ର ଓ ସତ୍ୟବ୍ରତ ବାଘୁଆବୋଲର ଟ୍ରକ ମାଲିକ ଯୋଗେଶ୍ୱର ଜେନାଙ୍କୁ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ. ୨୫୫/୧୮ରେ ଏକ ମାମଲା ରୁଜୁ କରିଥିଲା।

### ଭାରତ ବନ୍ଦ ପାଇଁ କଂଗ୍ରେସର ବୈଠକ

ବଇଣ୍ଡା,୮।୯(ଡି.ଏନ.ଏ.)- ତୈଳଦର ବୃଦ୍ଧି ପ୍ରତିବାଦରେ ଆସନ୍ତା ୧୦ ତାରିଖରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରା କିଭଳି ସଫଳ ହେବ ସେ ନେଇ ଶନିବାର କିଶୋରନଗର ବ୍ଲକ ବାମୁର ଡାକ ବଙ୍ଗଳା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୟାନନ୍ଦ ଚାଉଳିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦିଲୀପ କୁମାର ପ୍ରଧାନ, ସର୍ବେଶ୍ୱର ପ୍ରଧାନ, ବାସୁଦେବ ପ୍ରଧାନ, ପ୍ରିୟବ୍ରତ ବେହେରା, ନବ ବେହେରା, ପ୍ରଭାତ ସାହୁ, ସୁଶାନ୍ତ ପ୍ରଧାନ, ଅଜୟ ସାହୁ, ଜ୍ଞାନ ରଞ୍ଜନ ପ୍ରଧାନ, ରୁଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କିଶୋରନଗର ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ବନ୍ଦ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ଚିତ୍ରଶିଳ୍ପୀ ଗୋବିନ୍ଦ ଚନ୍ଦ୍ର ସମ୍ମାନିତ



ବଅଁରପାଳ,୮।୯ (ଡି.ଏନ୍.ଏ)- ଗୁରୁପୂଜନ ସମିତି, ସାଲେପୁର ପକ୍ଷରୁ କଟକ ମଧୁସ୍ମିତା ଭବନଠାରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ମହୋତ୍ସବରେ ଚିତ୍ରଶିଳ୍ପୀ ତଥା ଅନୁଗୋଳ ନାଲ୍କୋନଗର ସରସ୍ୱତୀ ବିଦ୍ୟାମନ୍ଦିରର କଳା ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କୁ ସମ୍ମାନିତ କରାଯାଇଛି। ଗୁରୁଦିବସ ଅବସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀ ମିଶ୍ର, ସଭାପତି ଅକ୍ଷୟ କୁମାର ଦାଶ, ସଚିବ ଡ. ଗୌତମ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚିତ୍ରଶିଳ୍ପୀ ଭାବେ ମହାରଣା ଏକାଧିକ ସମ୍ମାନର ଅଧିକାରୀ ହେବା ସହ ସଂଖ୍ୟାଧିକ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି।

### ସାପୋଇସାହି ରାସ୍ତା କାଦୁଅ ଭର୍ତ୍ତି



ଛେଣ୍ଡିପଦା, ୮।୯(ଡି.ଏନ.ଏ.)- ଛେଣ୍ଡିପଦା ପଞ୍ଚାୟତ ଅଧୀନ ସାପୋଇସାହି ଗାଁ ରାସ୍ତା ମାଟି କାଦୁଅରେ ଭର୍ତ୍ତି ହୋଇ କଦର୍ଯ୍ୟ ହୋଇପଡିଛି। ଫଳରେ ଗାଁ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମ୍ପ୍ରତି ରାଜ୍ୟ ସରକାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଥିଲେ ହେଁ ପ୍ରକୃତ ମୌଳିକ ସମସ୍ୟା ପ୍ରତି ଆଖି ବୁଜି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦିଆଯାଇ ଉକ୍ତ ରାସ୍ତା ନିର୍ମାଣ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି।

■ଗୋପାଳପୁରରେ ସ୍ଥିତି ପରଖିଲା ଉଦ୍ୟାନ ବିଭାଗ

# ଓଡ଼ିଶାରେ ନାହିଁ ଗେଣ୍ଡାମରା ଔଷଧ

ବନ୍ତଳା, ୮।୯ (ଡି.ଏନ.ଏ)



ଉଦ୍ୟାନ ବିଭାଗ ଅଧିକାରୀମାନେ ଗୋପାଳପୁର ଗ୍ରାମକୁ ଯାଇ ଚାଷ ଜମି ବୁଲି ଦେଖୁଛନ୍ତି।

ଅନୁଗୋଳ ଜିଲା ବନ୍ତଳା ଥାନା ଧୋକୁଟା ପଞ୍ଚାୟତ ଗୋପାଳପୁର ଗ୍ରାମରେ ଗେଣ୍ଡା ମାତିବା ଓ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହେବା ଘଟଣାରେ ଶନିବାର ଉଦ୍ୟାନ ବିଭାଗ ଅଧିକାରୀ ସେଠାରେ ପହଞ୍ଚି ସ୍ଥିତି ପରଖିଛନ୍ତି। ଅପରାହ୍ନରେ ଜିଲା ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ପଦ୍ମଲୋଚନ ଦାସ, ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର (କେବିକେ)ର ବୈଜ୍ଞାନିକ ଭିନିତା ଶତପଥୀ, ସହକାରୀ ବିଭାଗ ଅଫିସର ଅନିଲ କୁମାର ସ୍ୱାଇଁ, କୃଷି ଅଧିଦର୍ଶକ ବାବୁଲା ଦେହୁରୀ ଓ ପ୍ରବୀର କୁମାର ପ୍ରଧାନ ପ୍ରମୁଖ ଗାଁକୁ ଯାଇ ଚାଷୀମାନଙ୍କ ପନିପରିବା ବଗିଚା ବୁଲି ଦେଖିଥିଲେ। ଗେଣ୍ଡା ମାରିବା ପାଇଁ ଓଡ଼ିଶାରେ ଔଷଧ ମିଳୁ ନ ଥିବା ବିଭାଗୀୟ ଅଧିକାରୀ କହିବା ପରେ ଏହା ଚାଷୀଙ୍କ ଚିନ୍ତା ବଢାଇଛି। ତେବେ ଚାଷୀ ପ୍ରାକୃତିକ ଉପାୟରେ ଏହାର ପ୍ରତିକାର କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି।

ଉନ୍ନତ ତଥା ଆଧୁନିକ ଜ୍ଞାନ କୌଶଳରେ ଗୋପାଳପୁର ଗ୍ରାମର ଅଧିକାଂଶ ପରିବାର ଚାଷ କରିଥାନ୍ତି। ୧୨ ମାସରେ ଗ୍ରାମର ୨ଶହ ଏକରରୁ ଉର୍ଦ୍ଧ୍ୱ ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ ହୋଇ ଜିଲା ସମେତ ଜିଲା ବାହାରକୁ ମଧ୍ୟ ଯୋଗାଣ ହୋଇଥାଏ। ହେଲେ ଦୀର୍ଘ ୩ ବର୍ଷ ହେଲା ଚାଷ ଜମିରେ ଲକ୍ଷ ଲକ୍ଷ ଗେଣ୍ଡାଙ୍କ ପ୍ରାଦୁର୍ଭାବ ଯୋଗୁ ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ଫଳରେ ଫସଲ କ୍ଷତିଗ୍ରସ୍ତ ହେବା ନେଇ ଚାଷ କରିବାକୁ ସେମାନଙ୍କ ମଧ୍ୟରେ ଆଗ୍ରହ କମିବାରେ ଲାଗିଛି। ସକାଳେ ଓ ସନ୍ଧ୍ୟାରେ ଚାଷୀମାନେ ଗେଣ୍ଡାମରା ଅଭିଯାନ ଚଲାଇଛନ୍ତି। ଦିନକୁ ପ୍ରାୟ ୫ କୁଇଣ୍ଟାଲରୁ ଅଧିକ ଗେଣ୍ଡା ମରାଯାଉଥିଲେ ହେଁ ସଂଖ୍ୟା କମିବାର ନାଁ ଧରୁନି। ପନିପରିବା ଚାରା, ଧାନ ତଳି, ପରିବା ଗଛର ଫୁଲ, ଫଳ ଓ ଅଗ ଡ଼ାଳ ପତ୍ର ଆଦି ଗେଣ୍ଡା ଖାଇ ଦେଉଛନ୍ତି। ଅପରାହ୍ନ ୫ ଟାରୁ ଗେଣ୍ଡା ଚାଷ ଜମିକୁ ପଶି ସକାଳ ୧୦ ଟା ପର୍ଯ୍ୟନ୍ତ ଗଛରେ ରହୁଛନ୍ତି। ମେଘୁଆ ପାଗ ହେଲେ ଗେଣ୍ଡା ଜମିରୁ ବାହାରକୁ ବାହାରୁନାହାନ୍ତି। ପନିପରିବାକୁ ସୁରକ୍ଷିତ ରଖିବା ପାଇଁ ଚାରା ପକାଇଥିବା ସ୍ଥାନର ଚତୁଃପାର୍ଶ୍ୱରେ ପ୍ଲାଷ୍ଟିକ ମଶାରି ଓ ପଲିଥିନ୍ ଘୋଡ଼ାଇ ରଖିବା ସତ୍ତ୍ୱେ ଗେଣ୍ଡା ଭିତରେ ପଶିଯାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ପାଣି ଜମିଥିବା ସ୍ଥାନ, ଘର, ସ୍କୁଲ, ପାଣି ହାଣ୍ଡି, କାନ୍ଥରେ ଗେଣ୍ଡା ସାଲୁବାଲୁ ହେଉଛନ୍ତି। ଲୋକେ ଖାଲିପାଦରେ ମଧ୍ୟ ବାହାରେ ଚାଲି ପାରୁନାହାନ୍ତି। ଗେଣ୍ଡା ଦାଉରୁ ମୁକ୍ତି ପାଇବାକୁ ଲୋକେ ପ୍ରତିଦିନ ସନ୍ଧ୍ୟା ଓ ସକାଳେ ବସ୍ତାରେ ଗେଣ୍ଡା ସଂଗ୍ରହ କରୁଛନ୍ତି। ପରେ ସେଥିରେ ଲୁଣ ଭର୍ତ୍ତି କରିବା, ପଥରରେ ଛେଚିବା

■ଘର, ସ୍କୁଲ, ରାସ୍ତାଘାଟରେ ମାଳମାଳ
■ଦିନକୁ ମାରୁଛନ୍ତି ୫ କୁଇଣ୍ଟାଲ
■ପ୍ରାକୃତିକ ଉପଚାର ପାଇଁ ପରାମର୍ଶ
■ସରକାରଙ୍କୁ ଜଣାଇ ପଦକ୍ଷେପ ନିଆଯିବ

ସହ ନିଆଁରେ ପୋଡ଼ି ମଧ୍ୟ ମାରୁଛନ୍ତି। ଏଥିଯୋଗୁ ପରିବେଶ ଦୁର୍ଗନ୍ଧମୟ ହେଉଛି। ଗେଣ୍ଡାଗୁଡିକର ଓଜନ ୬ଶହ ଗ୍ରାମ ପର୍ଯ୍ୟନ୍ତ ଥିବା ଚାଷୀମାନେ ଅଧିକାରୀଙ୍କ ନିକଟରେ ପ୍ରକାଶ କରିଛନ୍ତି। ଏ ନେଇ ଅଧିକାରୀମାନେ ଚାଷ ଜମି, ବଗିଚା ବୁଲିବା ପରେ ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରଠାରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଅମୃତଭଣ୍ଡା ପତ୍ରକୁ ଚାଷ ଜମିର ଚତୁଃପାର୍ଶ୍ୱ ହୁଡ଼ାରେ ପକାଇବାକୁ ଅଧିକାରୀମାନେ ଚାଷୀଙ୍କୁ କହିଥିଲେ। ଏହା ଦ୍ୱାରା ଗେଣ୍ଡା ଆକର୍ଷିତ ହୋଇ ଜମିରୁ ବାହାରକୁ ଆସିଥାନ୍ତି। ଗରମ ଲୁଣ ପାଣିରେ ଅଖା ବସ୍ତା ବୁଡାଇ ଗେଣ୍ଡା ଉପରେ ଘୋଡାଇଲେ କିଛି ପରିମାଣରେ ଗେଣ୍ଡା ମରିବେ ବୋଲି ଅଧିକାରୀମାନେ କହିଥିଲେ। ଓଡ଼ିଶାରେ ଏହା ପ୍ରଥମ ଘଟଣା ହୋଇଥିବାବେଳେ ଗେଣ୍ଡା ମାରିବା ପାଇଁ ରାଜ୍ୟରେ ଔଷଧ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଆନ୍ଧ୍ରପ୍ରଦେଶ, ଝାଡଖଣ୍ଡ, ବାଙ୍ଗାଲୋର ଆଦି ରାଜ୍ୟରେ କୀଟନାଶକ ମିଳୁଛି। ଚାଷୀମାନେ ଏହାକୁ ନିଜେ କିଣି ସେମାନଙ୍କ ଜମିରେ ବ୍ୟବହାର କରିପାରିବେ। ଉଦ୍ୟାନ ବିଭାଗ ପକ୍ଷରୁ ରାୟପୁରରୁ ୧୦ କେଜି ଔଷଧ ପ୍ରଥମେ କିଣା ଯାଇ ପ୍ରୟୋଗ କରିବା ପରେ ଫଳାଫଳକୁ ଦୃଷ୍ଟିରେ ରଖି ଏହାର ଡିଲରଶିପ୍ ବ୍ୟବସ୍ଥା କରାଯିବ। ଏଥିସହ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଜଣାଯାଇ ଆଗାମୀ ବର୍ଷରେ ଯେଭଳି ଗେଣ୍ଡା ପ୍ରାଦୁର୍ଭାବ ଦେଖା ନ ଦିଏ ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ଏହାକୁ ସରକାର ଗୁରୁତର ସହ ନେଇ ଗ୍ରାମରୁ ଗେଣ୍ଡା ସଫା କରିବାକୁ ଚାଷୀ ଶ୍ରୀପତି ବେହେରା, ଟୁନା ବେହେରା, ଅନିଲ ବେହେରା, ସୁନିଲ ବେହେରା, ଧନୀ ବେହେରା, ଧନେଶ୍ୱର ବେହେରା, ପ୍ରଭାକର ଗଉଡ୍ଡୁ, ଜୟ ଗଉଡ୍ଡୁ, ଦୁଃଖିଆ ଗଉଡ୍ଡୁ, ନଖିଆ ଗଉଡ୍ଡୁ, ସନ୍ତୋଷ ମାଲୁଆ, ହୃଦା ମାଲୁଆ, ଲୋଚନ ମାଲୁଆ, ଶଙ୍କର ଖିଲାର, ରମେଶ ବେହେରା, ସୁବାସ ବେହେରା, ପତି ବେହେରା, ହୃଦାନନ୍ଦ ସେଠୀ, କନ୍ଦର୍ପ ବେହେରା, ଠେଙ୍ଗୁ ବେହେରା, ଜୀବନ ଖିଲାର, ଅଚ୍ୟୁତ ଖିଲାର ସମେତ ଗ୍ରାମବାସୀ ଦାବି କରିଛନ୍ତି।



ବାଇଗଣ ଗଛରେ ଗେଣ୍ଡା ଲାଗିଛି।



ଗ୍ରାମବାସୀ ଅଖାରେ ଗେଣ୍ଡା ସଂଗ୍ରହ କରି ରାସ୍ତା ପାର୍ଶ୍ୱରେ ମାରୁଛନ୍ତି।



ଗଛକୁ ଗେଣ୍ଡା ଦାଉରୁ ବଞ୍ଚାଇବାକୁ ଚାରିପଟେ ପ୍ଲାଷ୍ଟିକ ମଶାରି, ପଲିଥିନ ଗୁଡାଯାଇଛି।

■୮ ଦିନ ପରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା

## ସଜେଇ ହେଉଛି ନାଲ୍କୋ ନଗର



ନାଲ୍କୋ ନଗରରେ ପ୍ରସ୍ତୁତ ପୂଜା ମଣ୍ଡପ।

ବଅଁରପାଳ,୮।୯ (ଡି.ଏନ୍.ଏ)

ଆସନ୍ତା ୧୭ ତାରିଖରେ ଆରମ୍ଭ ହେବ ପ୍ରସିଦ୍ଧ ନାଲ୍କୋ ବିଶ୍ୱକର୍ମା ପୂଜା। ପ୍ରଭୁଙ୍କୁ ଆବାହନ କରିବା ପାଇଁ ନାଲ୍କୋବାସୀ ବେଶ ତତ୍ପର ହୋଇପଡ଼ିଛନ୍ତି। ପୂଜା ପାଇଁ ସମଗ୍ର ନାଲ୍କୋନଗର ଚଳଚଞ୍ଚଳ ହୋଇପଡ଼ିଛି। ତୋରଣ କାରିଗରଙ୍କଠାରୁ ଆରମ୍ଭ କରି ମୂର୍ତ୍ତି କାରିଗର ପର୍ଯ୍ୟନ୍ତ ସମସ୍ତେ ଲାଗିପଡ଼ିଛନ୍ତି ପ୍ରସ୍ତୁତି ଶେଷ କରିବାକୁ। ଚଳିତ ବର୍ଷ ୨୪ଟି ପୂଜା ମଣ୍ଡପରେ ପ୍ରଭୁ ବିଶ୍ୱକର୍ମାଙ୍କୁ ଆବାହନ କରାଯିବ। ଏଥିପାଇଁ ବିଭିନ୍ନ ପୂଜା କମିଟି ତରଫରୁ ପ୍ରସ୍ତୁତି କାର୍ଯ୍ୟ ଜୋରଦାର ଭାବେ ଚାଲିଛି। ବଙ୍ଗୀୟ କାରିଗରମାନଙ୍କ ଦ୍ୱାରା ସାଜସଜ୍ଜା କାର୍ଯ୍ୟ କରାଯାଉଛି। ଏଠାରେ ପ୍ରତିଯୋଗିତା ମୂଳକ ଭାବେ ପୂଜା ମଣ୍ଡପ ନିର୍ମାଣ ତଥା ପୂଜା ମଣ୍ଡପକୁ କିଭଳି ଅଧିକ ଆକର୍ଷଣୀୟ କରାଯିବ ସେଥିପାଇଁ କର୍ମକର୍ତ୍ତାମାନେ ଲାଗି ପଡ଼ିଛନ୍ତି। ସେହିପରି ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର କାର୍ଟୁନ ମୂର୍ତ୍ତି ମଧ୍ୟ ନିର୍ମାଣ କରାଯାଉଛି। ପୂଜା ଅବସରରେ ୬ ଶହରୁ ଉର୍ଦ୍ଧ୍ୱ ଦୋକାନ ବଜାର ପଡ଼ିବାର ଆୟୋଜନ କରାଯାଇଛି। ଆସନ୍ତା ୧୨ ତାରିଖରୁ ଗୋପବନ୍ଧୁ ପାର୍କ ନିକଟରେ ସରସ ମେଳାର ଆୟୋଜନ କରାଯାଇଛି। ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ବ୍ୟବସ୍ଥା ହୋଇଛି।

## ବିଦ୍ୟାଳୟକୁ ୧ ଲକ୍ଷ ପ୍ରଦାନ



ଅନୁଗୋଳ ଅଫିସ, ୮।୯

ଅନୁଗୋଳ ଉଚ୍ଚ ବିଦ୍ୟାଳୟର ବିକାଶ ପାଇଁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟର ଅବସରପ୍ରାପ୍ତ କଳା ଶିକ୍ଷକ ରବୀନ୍ଦ୍ର ନାଥ ସାହୁ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସ୍କୁଲ ପରିସରରେ ଗୁରୁଦିବସ ପାଳନ ଅବସରରେ ସେ ଏହି ଚେକ୍ ପ୍ରଧାନ ଶିକ୍ଷକ ମଧୁସ୍ମିତା ନନ୍ଦଙ୍କୁ ପ୍ରଦାନ କରିଥିଲେ। ସେହିପରି ପୁରାତନ ଛାତ୍ର ଓ ଶିକ୍ଷକ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏ ନେଇ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ରୀତା ସାହୁ ଓ ଅବସର ପ୍ରାପ୍ତ ଶିକ୍ଷକ ମହେଶ ଚନ୍ଦ୍ର ନାଥ ଓ ଧ୍ରୁବାନନ୍ଦ ତ୍ରିପାଠୀ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ପ୍ରାଣବନ୍ଧୁ ଦାଶ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାକ୍ତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ପ୍ରସନ୍ନ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ଶତପଥୀ ସଭା ପରିଚାଳନା କରିଥିଲେ।

## ୧୧ରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଆଠମଲ୍ଲିକ, ୮।୯(ଡି.ଏନ.ଏ.)

ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ଆସନ୍ତା ୧୧ ତାରିଖ ସକାଳ ୮ ଟାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ହେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକମାନଙ୍କୁ ଅବଗତ କରାଯାଇଛି। ଏହି ଦିନ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଦିବ୍ୟାଙ୍ଗ ବ୍ୟକ୍ତିମାନେ ଜନସୂଚନା କେନ୍ଦ୍ରରେ ୧୧ ତାରିଖ ପୂର୍ବରୁ ନାମ ପଞ୍ଜୀକରଣ କରାଇବାକୁ ସୂଚନା ଦିଆଯାଇଛି।

## ନାଲ୍କୋ ସିଆଇଏସ୍ଏଫ ପକ୍ଷରୁ 'ନୁକଡ' ମଞ୍ଚସ୍ଥ

ବଅଁରପାଳ,୮।୯(ଡି.ଏନ.ଏ.)

ବଅଁରପାଳ ବ୍ଲକ କୁଲାଡ଼ ଆଲୁମିନିୟମ ଉଚ୍ଚ ବିଦ୍ୟାଳୟଠାରେ ନାଲ୍କୋ ସିଆଇଏସ୍ଏଫ ତରଫରୁ ଶନିବାର ନୁକଡ ନାଟକ ଅନୁଷ୍ଠିତ ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ଓ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ କିଭଳି ସହାୟତା କରାଯାଇ ଡାକ୍ତରଖାନାକୁ ଅଣାଯାଇପାରିବ ସେ ନେଇ ଯବାନମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆର.ବି ବିଗ ରାୟ, ଇନ୍ସପେକ୍ଟର ଇନ୍ଦ୍ରା ଅନିଲ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସିଆଇଏସ୍ଏଫ୍ ପକ୍ଷରୁ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ ସାହୁ, ମନମୋହନ ପଣ୍ଡା, ଶିକ୍ଷୟିତ୍ରୀ ମିନତି ନନ୍ଦ, ପ୍ରଣତି ଦେଇ, ଶରତଚନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ ଛାତ୍ରୀଛାତ୍ର, ସିଆଇଏସ୍ଏଫ ଯବାନମାନେ ଉପସ୍ଥିତ ଥିଲେ।


# ଥମୁନି ଲୁଟେରା ଆତଙ୍କ

## ପରିବାରକୁ ବେହୋସ କରି ଲୁଟ୍

ବଅଁରପାଳ,୮।୯ (ଡ଼ି.ଏନ୍.ଏ)

ନାଲ୍କୋ ଥାନା ଅନ୍ତର୍ଗତ କାଣ୍ଡସର କହ୍ନେଇ ନଗରଠାରେ ଭଡ଼ା ଘରେ ରହୁଥିବା ଶ୍ରୀବତ୍ସ ମୋହନ ଆଚାର୍ଯ୍ୟଙ୍କ ପରିବାର ଲୋକଙ୍କୁ ସ୍ପ୍ରେ ଦ୍ୱାରା ବେହୋସ କରି ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ସ୍କାଏଲାଇଟ ଭାଙ୍ଗି ଘରେ ପଶିବା ସହ ପ୍ରାୟ ୩ ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି।

ଘଟଣାରୁ ଜଣାପଡିଛି, ରାତିରେ ଶ୍ରୀବତ୍ସଙ୍କ ପରିବାର ଶୋଇଥିବାବେଳେ ଲୁଟେରାମାନେ ରୋଷେଇ ଘର ସ୍କାଏଲାଇଟ ଭାଙ୍ଗି ଭିତରେ ପଶିଥିଲେ। ପରେ ଶ୍ରୀବତ୍ସ, ତାଙ୍କ ସ୍ତ୍ରୀ ଓ ୭ ବର୍ଷର ପୁଅଙ୍କ ମୁହଁରେ ସ୍ପ୍ରେ ମାରି ଦେଇଥିଲେ। ଦୁର୍ବୃତ୍ତମାନେ ଆଲମିରା ଖୋଲି ସୁନା ଚେନ, ମଙ୍ଗଳସୂତ୍ର, ୪ଟି କାନଫୁଲ, ପାଉଁଜି ସମେତ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଭୋର ସାଢେ ୫ଟାରେ ଶ୍ରୀବତ୍ସଙ୍କ ନିଦ ଭାଙ୍ଗିବା ପରେ ସେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପ୍ରକାଶଥାଉ କି, ପ୍ରାୟ ବର୍ଷେ ପୂର୍ବରୁ ସେହି ଘରେ ଭଡ଼ାରେ ରହୁଥିବା ଅନ୍ୟ ଜଣେ ଯୁବକଙ୍କ ଘରୁ ମଧ୍ୟ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ୍ ହୋଇଥିଲା। ଦୁର୍ବୃତ୍ତମାନେ ତାଙ୍କ ଶିଶୁ ପୁତ୍ରଙ୍କ ମୁଣ୍ଡ ଜାମିନ ରଖି ପରିବାର ଲୋକଙ୍କୁ ଭୟଭୀତ କରାଇଥିଲେ। ତେବେ ଘଟଣାରେ ଆଜି ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରି ନ ଥିବାରୁ ପୋଲିସ ପାରିବାପଣିଆ ପ୍ରତି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି।



■ସ୍କାଏଲାଇଟ୍ ଭାଙ୍ଗି ଘରେ ପଶିଲେ
■ବର୍ଷେ ତଳେ ଶିଶୁ ମୁଣ୍ଡ ଜାମିନ ରଖି ଲୁଟିଥିଲେ



ଚୋରି ଉଦ୍ୟମ ପରେ ଘଟଣାସ୍ଥଳରେ ସିକ୍ୟୁରିଟି କର୍ମଚାରୀ ଓ କଲୋନୀବାସୀ।

## ପାର୍ସଲ ନାଁରେ ପୁଣି ଲୁଟ୍ ଉଦ୍ୟମ

ବଅଁରପାଳ,୮।୯ (ଡ଼ି.ଏନ୍.ଏ)

ନାଲକୋ କଲୋନୀ ପରିସରରେ ଶୁକ୍ରବାର ପାର୍ସଲ ଦେବା ନାଁରେ ଜଣେ ମହିଳାଙ୍କଠାରୁ ଟଙ୍କା, ସୁନାଗହଣା ଲୁଟ ହେବା ପରେ ଶନିବାର ମଧ୍ୟ ଅନ୍ୟ ଜଣଙ୍କ କ୍ୱାର୍ଟର୍ସରୁ ସମାନ ଢଙ୍ଗରେ ଲୁଟ୍ ଉଦ୍ୟମ ହୋଇଛି। ତେବେ ଏଥର ସମ୍ପୃକ୍ତା ମହିଳାଙ୍କ ସାବଧାନତା ତଥା ସତର୍କତା ଯୋଗୁ ଲୁଟେରା ସେମାନଙ୍କ ଉଦ୍ୟମରେ ବିଫଳ ହୋଇଛନ୍ତି। ଘଟଣାରୁ ଜଣାପଡିଛି, କଲୋନିର କମ୍ୟୁନିଟି ସେଣ୍ଟର ପାଖରେ ଥିବା ପି. କେ. ଶତପଥୀଙ୍କ କ୍ୱାର୍ଟର୍ସ ନଂ. ଏ/୪୭୬ ନିକଟକୁ ୨ ଜଣ ଦୁର୍ବୃତ୍ତ ସକାଳେ ଆସି କଲିଂ ବେଲ୍ ମାରିଥିଲେ। ଘରେ ଥିବା ଶତପଥୀଙ୍କ ସ୍ତ୍ରୀଙ୍କୁ ପାର୍ସଲ ଆସିଛି ବୋଲି କହି କବାଟ ଖୋଲିବାକୁ କହିଥିଲେ। ହେଲେ ଶତପଥୀଙ୍କ ସ୍ତ୍ରୀ କବାଟ ନ ଖୋଲି ତାଙ୍କ ସ୍ୱାମୀଙ୍କୁ ଫୋନ୍ କରି ଏ ନେଇ ଜଣାଇଥିଲେ। ପରେ ଶତପଥୀ ସିକ୍ୟୁରିଟି କର୍ମଚାରୀ ଓ ପୋଲିସକୁ ଘଟଣା ବିଷୟରେ ଜଣାଇଥିଲେ। ପୋଲିସ ଆସୁଥିବା ଜାଣି ପାରି ଦୁର୍ବୃତ୍ତମାନେ ସେଠାରୁ ପଳାଇଥିଲେ। ପ୍ରକାଶ ଥାଉ କି, ନାଲ୍କୋ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ସିକ୍ୟୁରିଟି ବ୍ୟବସ୍ଥା ସତ୍ତ୍ୱେ କଲୋନୀରେ କାହିଁକି ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇପାରୁନି ସେ ନେଇ କଲୋନୀବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଏସ୍‌ଡିପିଓ ହରିହର ପାଣିଙ୍କୁ ପଚାରିବାରେ କହିଛନ୍ତି, କଲୋନୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ଉଦ୍ୟମ ଜାରି ରହିଛି। ଚୋରି ଘଟଣାରେ କେତେ ଜଣଙ୍କୁ ଅଟକ ରଖାଯାଇ ପଚରା ଉଚରା ଜାରି ରହିଛି।

## ସଂକ୍ଷେପରେ

### ଫାରୁକ୍‌ଙ୍କ ନିର୍ବାଚନ ବର୍ଜନ ଧମକ

**ଶ୍ରୀନଗର, ୮।୯(ପି.ଟି.):** ଜମ୍ମୁ-କଶ୍ମୀରବାସୀଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରୁଥିବା ଧାରା ୩୫-କ ମାମଲା ଉପରେ ସୁପ୍ରିମକୋର୍ଟରେ ଫଇସଲା ହୋଇନାହିଁ। ଏ ପ୍ରସଙ୍ଗରେ କେନ୍ଦ୍ର ସରକାର ପକ୍ଷ ସ୍ପଷ୍ଟ କରୁ ନ ଥିବାରୁ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମୁଖ୍ୟ ଫାରୁକ୍ ଅବ୍‌ଦୁଲ୍ଲା କ୍ଷୋଭ ପ୍ରକାଶ କରିଛନ୍ତି। ପଞ୍ଚାୟତ ଓ ପୌର ନିର୍ବାଚନ ବର୍ଜନ କରିବାକୁ ଧମକ ଦେବା ପରେ ଏବେ ବିଧାନସଭା ଓ ୨୦୧୯ ଲୋକ ସଭା ନିର୍ବାଚନରେ ମଧ ତାଙ୍କ ଦଳ ମଇଦାନକୁ ଓହ୍ଲାଇବ ନାହିଁ ବୋଲି ଫାରୁକ୍ ଚେତାବନୀ ଦେଇଛନ୍ତି। ବାପା ତଥା ଏନ୍‌ସି ପ୍ରତିଷ୍ଠାତା ଶେଖ୍ ମହମ୍ମଦ ଅବ୍‌ଦୁଲ୍ଲାଙ୍କ ୩୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଫାରୁକ୍ କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ସେ କହିଛନ୍ତି ଯେ, ଧାରା ୩୫-କ ମାମଲାରେ କେନ୍ଦ୍ର ନିଜର ମତ ସ୍ପଷ୍ଟ ନ କଲେ ସେ କିଭଳି ଦଳୀୟ କର୍ମୀଙ୍କୁ ଭୋଟ ଦେବାକୁ କହିବେ। ଯଦି କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର କ୍ଷମତାକୁ ଦୁର୍ବଳ କରିବା କଥା ଚିନ୍ତା କରୁଥିବେ ତା'ହେଲେ ସେ ଭିନ୍ନ ରାସ୍ତା ଆପଣାଇବେ। ତାଙ୍କ ଦଳ କୌଣସି ନିର୍ବାଚନରେ ସାମିଲ ହେବ ନାହିଁ। ବିଧାନସଭା ଓ ସାଧାରଣ ନିର୍ବାଚନ ମଧ ବର୍ଜନ କରିବେ ବୋଲି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଧମକ ଦେଇଛନ୍ତି। ଏନ୍‌ସି ଅଧକ୍ଷ ଆହୁରି କହିଛନ୍ତି, ରାଜ୍ୟବାସୀଙ୍କୁ ପ୍ରଥମେ କେନ୍ଦ୍ର ସରକାର ନ୍ୟାୟ ପ୍ରଦାନ କରନ୍ତୁ ଏବଂ ରାଜ୍ୟର ସ୍ୱତନ୍ତ୍ର କ୍ଷମତା ବଜାୟ ରଖନ୍ତୁ। ଗୋଟିଏ ପଟେ ଏଠାରେ ନିର୍ବାଚନ କରିବାକୁ କେନ୍ଦ୍ର ଚାହୁଁଥିବାବେଳେ ଅନ୍ୟପଟେ ଧାରା ୩୫-କ ଏବଂ ଧାରା ୩୭୦ ଉଚ୍ଛେଦ କରିବାକୁ ଆଗ୍ରହୀ। ଏହା ଜମ୍ମୁ-କଶ୍ମୀର ପାଇଁ ଥିବା ସ୍ୱତନ୍ତ୍ର ସମ୍ବିଧାନ ଉପରେ ଆକ୍ରମଣ ସଦୃଶ। ଏହି ଅବସରରେ ଫାରୁକ୍ ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କୁ ତୀବ୍ର ସମାଲୋଚନା କରିଛନ୍ତି।


### ବୁଧବାର ଯାଏ ରାଜ୍ୟବ୍ୟାପୀ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ

**କଟକ ଅଫିସ, ୮।୯:** ହାଇକୋର୍ଟ ଆଇନଜୀବୀଙ୍କୁ ପୋଲିସର ମାଡ଼ ଘଟଣାକୁ ନେଇ ଶନିବାର ହାଇକୋର୍ଟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ରାଜ୍ୟର ବିଭିନ୍ନ ଆଇନଜୀବୀ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକ ପରେ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଥିଲେ ଯେ, ଏହି ଘଟଣାରେ ଦୋଷୀ ପୋଲିସ ଅଧିକାରୀଙ୍କ ଗିରଫଦାରି ହିଁ ଏକମାତ୍ର ସମାଧାନର ବାଟ। ତାଙ୍କୁ ଗିରଫ କରା ନ ଗଲେ ଆଇନଜୀବୀମାନେ ଆନ୍ଦୋଳନରୁ ହଟିବେ ନାହିଁ। ତେଣୁ ଆସନ୍ତା ବୁଧବାର ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତଦିନ ଆଉ ଏକ ବୈଠକ ବସି ପରବର୍ତ୍ତୀ ପର୍ଯ୍ୟପନ୍ଥା ସ୍ଥିର କରାଯିବ। ଏଥିସହ ଖୁବ୍‌ଶୀଘ୍ର ଆଇନଜୀବୀ ସଂଘର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ଆଇନମନ୍ତ୍ରୀଙ୍କୁ ଭେଟି ଏହି ବିଷୟରେ ଆଲୋଚନା କରିବେ। ସେହିଭଳି ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଏକ ସ୍ୱତନ୍ତ୍ର ବେଞ୍ଚ ଏହାର ତଦନ୍ତ କରୁ ବୋଲି ସେ ଦାବି କରିଛନ୍ତି। ବାର୍ ଆସୋସିଏଶନ ସଭାପତି ଶ୍ରୀକାନ୍ତ କୁମାର ନାୟକ କହିଛନ୍ତି ଯେ, ଆଇନଜୀବୀଙ୍କୁ ମାଡ଼ ଘଟଣା ନେଇ ପୋଲିସ ରୁଜୁ କରିଥିବା ମାମଲାରେ ୩୨୬ ଓ ୩୦୭ ଦଫା ଲାଗୁ କରାଯାଇଛି। ଏହି ଦୁଇଟି ଦଫାରେ ଗିରଫଦାରି ନିୟମ ଥିବାବେଳେ ପୋଲିସ କିଭଳି କେବଳ ନିଲମ୍ବନ କଲା? ମୁଖ୍ୟମନ୍ତ୍ରୀଙ୍କୁ ଅଣ୍ଡାମାଡ଼ କରିବା ଘଟଣାରେ ପୋଲିସ ଯଦି ଅଭିଯୁକ୍ତଙ୍କୁ ୩୦୭ ଦଫାରେ ଗିରଫ କରୁଛି, ତେବେ ଆଇନଜୀବୀଙ୍କୁ ମାଡ଼ କ୍ଷେତ୍ରରେ କାହିଁକି ଏହି ନିୟମ ଲାଗୁ ହେବନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

## ତାସ୍‌କାର୍ଡ ପାଟିରେ ପୂରାଇ ମନୋଜଙ୍କ ପୁଣି ବିଶ୍ୱରେକର୍ଡ

ବ୍ରହ୍ମପୁର ଅଫିସ,୮।୯

ଗଞ୍ଜାମ ଜିଲା ଭାବରଡା ଗ୍ରାମର ଯୁବକ ମନୋଜ ମହାରଣା ପୁଣି ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ୨୬୫ ତାସ୍ କାର୍ଡ ପାଟିରେ ୧ ମିନିଟ ପର୍ଯ୍ୟନ୍ତ ରଖି ସେକ୍ଟର ବୁକ ଅଫ ୱାଲ୍ଡ ରେକର୍ଡ୍ସରେ ନିଜ ନାମକୁ ସ୍ଥାନିତ କରିଛନ୍ତି। ଶନିବାର ଅପରାହ୍ଣରେ ରେକର୍ଡ ସେକ୍ଟରର ୱେବ୍‌ସାଇଟରେ ତାଙ୍କ ନାମ ସ୍ଥାନିତ ହୋଇଥିବା ମନୋଜ ସୂଚନା ଦେଇଛନ୍ତି। ଏହାପୂର୍ବରୁ ଟାଭଲ ଡୁରଡିକ ସ୍ଲୋଭାକିଆ ୨୫୪ ତାସ୍ ପାଟିରେ ରଖି ୨୦୧୭ ନଭେମ୍ବର ୧୨ରେ ସେକ୍ଟର ବୁକ ଅଫ ୱାଲ୍ଡ ରେକର୍ଡରେ ସ୍ଥାନ ପାଇଥିଲା। ମନୋଜ ୨୦୧୮ ଜାନୁୟାରୀ ୨୬ରେ ୨୬୫ କାର୍ଡକୁ ଏକ ମିନିଟ ରଖି ତାଙ୍କ ରେକର୍ଡ ଭାଙ୍ଗିବା ସହ ବୁକ ଅଫ ୱାଲ୍ଡ ରେକର୍ଡକୁ ପଠେଇଥିଲେ। ଏହି ରେକର୍ଡକୁ ମିଶାଇ ସେକ୍ଟର ବୁକ ଅଫ ୱାଲ୍ଡ ରେକର୍ଡ୍ସରେ ମନୋଜ ୧୧ ରେକର୍ଡ ସୃଷ୍ଟି କରିଛନ୍ତି। ଏହା ବ୍ୟତୀତ ପୂର୍ବରୁ ୨୧ ଜଳନ୍ତା କ୍ୟାଣ୍ଡଲକୁ ଧରି ପାଟିରେ ୩୦ ସେକେଣ୍ଡ ରଖି ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ଏବଂ ପାଟିରେ ୪୫୯ ଷ୍ଟ୍ରକୁ ପୂରାଇ ଗିନିଜ ବୁକ ଅଫ ୱାଲ୍ଡ ରେକର୍ଡ୍ସରେ ନିଜ ନାମକୁ ସ୍ଥାନିତ କରିଛନ୍ତି।


ପାଟିରେ ତାସ୍‌କାର୍ଡ ରଖି ମନୋଜ କୌଶଳ ପ୍ରଦର୍ଶନ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଅପେକ୍ଷାର...

ବାକି ରହିଲା ୧୬ଟି ମେଶିନ। ଗୋଟିଏ ମେଶିନରେ ଦିନକୁ ୩ଟି ଡାଏଲିସିସ କରିହେବ। ଅର୍ଥାତ୍ ଦିନକୁ ୪୮ଟି ଡାଏଲିସିସ୍ ସମ୍ଭବ ହେଉଥିବା ବେଳେ ଡାଏଲିସିସ୍ ରୋଗୀଙ୍କ ସଂଖ୍ୟା ୭୦ରୁ ଊର୍ଦ୍ଧ୍ୱ ରହୁଛି। ଏହାର କାରଣ ହେଉଛି ସରକାର ମାଗଣା ଘୋଷଣା କରିବା ପରେ ଏସ୍‌ସିବିରେ ରୋଗୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଠିକ୍ ଭାବେ ଆକଳନ ନ କରି ଏବଂ ଭିତ୍ତିଭୂମି ଉପଲବ୍ଧ ନ କରି ଯୋଜନା କାର୍ଯ୍ୟକାରୀ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ସାମାଜିକ କର୍ମୀମାନେ କହୁଛନ୍ତି। କିଡ୍‌ନୀ ରୋଗୀଙ୍କୁ ଦେଖିଲେ ନେଫ୍ରୋଲୋଜି ବିଭାଗର ଓପିଡିକୁ ୨୦୧୫-୧୬ରେ ୧୬,୫୭୮ ରୋଗୀ ଆସିଥିବାବେଳେ ୨୦୧୬-୧୭ରେ ୨୪,୧୮୭ ଓ ୨୦୧୭-୧୮ରେ ୨୬,୬୮୪ ରୋଗୀ ଆସିଛନ୍ତି। ମୋଟାମୋଟି ଭାବେ ମେଡିକାଲରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ଦେଖାଯାଉଛି। ମେଡିକାଲର ବରିଷ୍ଠ ପ୍ରଫେସରମମାନେ ମଧ କହୁଛନ୍ତି ଯେ, ଭିତ୍ତିଭୂମିରେ କୌଣସି ଉନ୍ନତି ନ ଆଣି ସରକାର ହଠାତ୍ ମାଗଣା ଘୋଷଣା କରିବା ପରେ ଏଭଳି ପରିସ୍ଥିତି ଉପୁଜିଛି। କାରଣ ପୂର୍ବରୁ ଯେଉଁ ଯନ୍ତ୍ରପାତି ଥିଲା ସେଥିରେ କୌଣସି ପରିବର୍ତ୍ତନ ଘଟିନାହିଁ। କିନ୍ତୁ ରୋଗୀ ସଂଖ୍ୟା ହଠାତ୍ ଢେର ବୃଦ୍ଧି ପାଇଛି। ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ପି.କେ. ଦେବତା କୁହନ୍ତି, ରୋଗୀମାନେ ଉଚିତ ସମୟରେ ଚିକିତ୍ସା ପାଉ ନ ଥିବା ସମ୍ପର୍କରେ ଆମ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ମେଡିକାଲ ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା କୁହନ୍ତି, ରୋଗୀମାନଙ୍କୁ ସୁଚାରୁରୂପେ ଚିକିତ୍ସାସେବା ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି। ସେଭଳି କୌଣସି ଜଟିଳ ପରିସ୍ଥିତି ଉପୁଜିନାହିଁ। ଆଗାମୀ ଦିନରେ ମେଡିକାଲକୁ ବହୁ ପରିମାଣର ଯନ୍ତ୍ରାଂଶ ସରକାର ଯୋଗାଇଦେବାକୁ ବ୍ୟବସ୍ଥା କରିଛନ୍ତି।

### ଶିଳ୍ପ ଟାଣୁଛି...

ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି କରିବାକୁ ରାଜ୍ୟ ସରକାର ୩୧ଟି ଇଣ୍ଟିଗ୍ରେଟେଡ ପାୱାର ପ୍ରୋଜେକ୍ଟ(ଆଇପିପି) ସହ ବୁଝମଣାପତ୍ର ସ୍ୱାକ୍ଷର କରିଥିଲେ। ଏଗୁଡିକ କାର୍ଯ୍ୟକ୍ଷମ ହେଲେ ବାର୍ଷିକ ୩୭ ହଜାର ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ତେବେ ସେଥିରୁ କେତେକ ଓହରି ଯାଇଥିବା ବେଳେ କିଛି ପରିମାଣର ଉତ୍ପାଦନ ହେଉଛି। ଆବଶ୍ୟକତା ଅନୁଯାୟୀ ଉତ୍ପାଦନ ବୃଦ୍ଧି ନ ହେଲେ ଆଗାମୀ ଦିନରେ ଘରୋଇ ଉପଭୋକ୍ତାଙ୍କୁ ହିଁ ବିଦ୍ୟୁତ୍ ଶୁଳ୍କ ବୋଝ ବୋହିବାକୁ ପଡିବ। ଏଟି ଆଣ୍ଡ ସି କ୍ଷତି ସୁଧାରିବା ପାଇଁ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକ ବର୍ଷ ୫ ପ୍ରତିଶତ ହ୍ରାସ କରିବାକୁ ଯୋଜନା କରାଯାଇଛି ବୋଲି ଶକ୍ତିବିଭାଗ ସଚିବ ହେମନ୍ତ ଶର୍ମା କହିଛନ୍ତି।

### ବୈତରଣୀରେ...

ଯୋଗୁ ୮୩ ହଜାର ୪୭୪ ଲୋକ ପ୍ରଭାବିତ ହୋଇଛନ୍ତି। ୪୦୦୯ ହେକ୍ଟର ଚାଷଜମିରେ ପାଣି ମାଡି ଯାଇଥିବା ବେଳେ ୫୫ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ୩୮୬୦ ଜଣ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ ୩୦ଟି ସ୍ଥାନରେ ମାଗଣାରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଦଶରଥ ପୁରରେ ଗୋଟିଏ ଓଡ୍ରାଫ ଓ ଗୋଟିଏ ଏନଡିଆରଏଫ ଟିମ ମୁତୟନ କରାଯାଇଥିବା ବେଳେ ବିଞ୍ଝାରପୁର ବ୍ଲକରେ ଗୋଟିଏ ଓଡ୍ରାଫ ଟିମ ମୁତୟନ କରାଯାଇଛି। ସେହିପରି ଭଦ୍ରକ ଜିଲାର ତିହିଡି, ଧାମନଗର, ଚାନ୍ଦବାଲି ଓ ଭଦ୍ରକ ବ୍ଲକର ୩୮ ପଞ୍ଚାୟତର ୧୨୨ଟି ଗ୍ରାମ ପ୍ରଭାବିତ ହୋଇଛି। ଏଥିଯୋଗୁ ୧୭୧୩୬ ଲୋକ ପ୍ରଭାବିତ ହୋଇଥିବା ବେଳେ ୩୪୧୫୨ ହେକ୍ଟର ଜମିରେ ବନ୍ୟାପାଣି ମାଡିଯାଇଛି। ସେହିଜିଲାର ୮୪୯୫ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କେନ୍ଦ୍ରାପଡା ଜିଲା ମଧ ବୈତରଣୀ ବନ୍ୟା ଯୋଗୁ ଆଂଶିକ ପ୍ରଭାବିତ ହୋଇଛି। ଏହି ଜିଲାର ୯ଟି ବ୍ଲକ ଓ ୨ଟି ପୌର ସଂସ୍ଥା ପ୍ରଭାବିତ ହୋଇଛି।

## ଗୁଣି ସନ୍ଦେହରେ ଯୁବକଙ୍କୁ ହତ୍ୟା

ଚନ୍ଦ୍ରଗିରି,୮।୯(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରି ଠାରୁ ୧୦କିମି ଦୂର ଚାନ୍ଦିପୁଟ ପଞ୍ଚାୟତରେ ଅଭାବନୀୟ ଘଟଣା ଘଟିଛି। ପଞ୍ଚାୟତର ଡମ୍ବଗୁଡା ଗ୍ରାମରେ ଗୁଣି ସନ୍ଦେହରେ ଶୁକ୍ରବାର ସନ୍ଧ୍ୟାରେ ଜଣଙ୍କୁ ଗୋଡାଇ ଗୋଡାଇ ହାଣି ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ମିଖାଏଲ୍ ପ୍ରଧାନ (୪୦)। ମିଖାଏଲ୍‌ଙ୍କ ବାପା ଏ ନେଇ ମୋହନା ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମର ଜଣେ ବ୍ୟକ୍ତିଙ୍କ ପୁଅକୁ ୬ମାସ ତଳେ କୁକୁର କାମୁଡିଥିଲା। ସେ ଚେରମୂଳି ଚିକିତ୍ସା କରିଥିଲେ। ବହୁଦିନ ପର୍ଯ୍ୟନ୍ତ ଘା' ନ ଶୁଖି ଯନ୍ତ୍ରଣା ହୋଇଥିଲା। କିନ୍ତୁ ମିଖାଏଲ୍‌ଙ୍କ ବାପା ମାଗଦା ଗୁଣି କରିଥିବାରୁ ଏପରି ହେଉଛି ବୋଲି ସେ ସନ୍ଦେହ କରିଥିଲେ। କିଛିଦିନ ପରେ କୁକୁର କାମୁଡି ଥିବା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଥିଲା। ଶୁକ୍ରବାର ମିଖାଏଲ୍ ବାଲିପଙ୍କ ଗ୍ରାମରୁ ଭଲିବଲ୍ ଖେଳି ଡମ୍ବଗୁଡା ଫେରୁଥିବାବେଳେ ରାସ୍ତାରେ ଏକାଧିକ ବ୍ୟକ୍ତି ତାଙ୍କୁ ଗୋଡାଇ ଗୋଡାଇ ହାଣି ହତ୍ୟା କରିଥିଲେ। ମୃତ ମିଖାଏଲ୍‌ଙ୍କ ବାପା ମାଗଦା ପ୍ରଧାନ ଧମକ ଦେଇଥିବା ସମ୍ପୃକ୍ତ ବ୍ୟକ୍ତି ତାଙ୍କ ପୁଅକୁ ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଛନ୍ତି। ଏ ପଟେ ସମ୍ପୃକ୍ତ ବ୍ୟକ୍ତି ମଧ ଘଟଣା ଦିନ ଡମ୍ବଗୁଡା ଆସିଥିବାବେଳେ ହତ୍ୟାକାଣ୍ଡ ପରେ ଦେଖା ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ମୋହନା ଥାନା ଓ ଚନ୍ଦ୍ରଗିରି ଫାଣ୍ଡି ପୋଲିସ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ଶନିବାର ସକାଳୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାଣ କରୁଥାଏ ମାଇପ ଆଗେ**
**ବୁଦ୍ଧି ନ ଆସଇ ପାଇକ ଆଗେ ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଟାଙ୍ଗରା ମୁଣ୍ଡରେ ମହଣ ପାତିଆ**
**ଉଞ୍ଚ କପାଳରେ ଟିକିଲି**
**ଟାକୁଆ ଗାଲକୁ ବାହାଡ଼ା ଦାନ୍ତ**
**ନାକ ଛିଣ୍ଡିଠେଇଁ ରସିଲି ।**

ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ, ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ, ତାହା ବିପରୀତବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବା କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ଗ୍ଲୋବାଲ ମୋବିଲିଟି ସମ୍ମିଳନୀରେ ଧର୍ମେନ୍ଦ୍ର ପ୍ରଧାନ

# ସ୍ୱଚ୍ଛ, ସବୁଜ ଇନ୍ଧନ ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ

ନୂଆଦିଲ୍ଲୀ,୮।୯

ବିଶ୍ୱ ଏବେ ସ୍ୱଚ୍ଛ ଓ ଶସ୍ତା ଯାତ୍ରା ପ୍ରତି ଆକର୍ଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସ୍ୱଚ୍ଛ ଏବଂ ସବୁଜ ଇନ୍ଧନ ପ୍ରଚଳନ ଉପରେ ଜୋର୍ ଦେବ ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କହିଛନ୍ତି। ଏଠାରେ ଗ୍ଲୋବାଲ ମୋବିଲିଟି ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ଏବେକାର ଯୁବପିଢ଼ି ନିଜ ପାଇଁ କାର୍ କିଣିବା ପରିବର୍ତ୍ତେ ଯାତ୍ରାର ବିକଳ୍ପ ବାଛୁଛନ୍ତି। ଏଦିଗରେ ଦିଲ୍ଲୀ ମେଟ୍ରୋ ଟ୍ରେନକୁ ଉଦାହରଣ ଭାବେ ନିଆଯାଇପାରେ। ଶସ୍ତା ଇଲେକ୍ଟ୍ରିକ ଯାନ ପ୍ରଚଳନ ଦ୍ୱାରା ଅଶୋଧିତ ତୈଳ ଉପରେ ଭାରତର ଆତ୍ମନିର୍ଭରଶୀଳତା ଅନେକାଂଶରେ ହ୍ରାସ ପାଇବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଦୀର୍ଘମିଆଦି ସୂତ୍ରରେ ସ୍ୱଚ୍ଛ ଇନ୍ଧନ ଦେଶ ପାଇଁ ଲାଭଜନକ ହେବ ବୋଲି ସରକାର ବିଚାର କରୁଛନ୍ତି। ବାୟୁ ପ୍ରଦୂଷଣ କରୁଥିବା ଅଧିକାଂଶ ଦେଶ ମଧ୍ୟରେ ଭାରତ ନ ଥିଲେ ହେଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଓପି୨୧ରେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରାଯିବ। ଜାତୀୟ ବାୟୋଫୁଏଲ ଓ ଗୋବର ଧନ ଯୋଜନାରୁ ଦେଶରେ ଅଙ୍ଗାରକାମ୍ଳ ନିର୍ଗତ ପରିମାଣ ଅନେକାଂଶରେ କମିବ ବୋଲି ସେ ଉଲ୍ଲେଖ କରିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

SPOT ADMISSION
B.Ed CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
GNM ANM OT. Tech DMLT ICU X-RAY
ଯୋଗ୍ୟତା: ୧୦ମ, +୨ ପାସ୍ ବା ତଦୁର୍ଦ୍ଧ
HOSTEL HOSPITAL PRATICAL PLACEMENT FACILITY AVAILABLE
KIMS, KHANDAGIRI, BBSR
7894487511

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

ତାନ୍ତ୍ରିକ ... 9911436726, 9540938429

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 2% ବାର୍ଷିକ ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339

SMS JOB
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ନାମ ଓ ଠିକଣା SMS କରନ୍ତୁ।
Laptop, Mobile FREE
09135937168
07258995324

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ 9874247647
Plot No: 86, Sarkar Street, Kolkata

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

GRAMIN FINANCE
1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
(ନୋ ଫାଇଲ୍ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ)
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts: 18001007280

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

ଧନଲକ୍ଷ୍ମୀ ଫାଇନାନ୍ସ
(Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ। ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ ୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now: 07078315986

SMS Marketing
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
7682981750


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ...... ସରକାର ବିପିଏଲ୍ କାର୍ଡଧାରୀ ମହିଳାମାନଙ୍କୁ ମାଗଣା ମୋବାଇଲ୍ ଯୋଗାଇଦେବାକୁ ଘୋଷଣା କରିଛନ୍ତି ?

୨– ପାକିସ୍ତାନର ନୂଆ ରାଷ୍ଟ୍ରପତି ଭାବେ ନିକଟରେ...... ଶପଥ ନେଇଛନ୍ତି ?

୩ – ଦି ଜଏଣ୍ଟ ମିଲିଟାରି ଏକ୍ସରସାଇଜ 'ର୍ୟାପିଡ୍ ଟ୍ରାଇଡେଣ୍ଟ ୨୦୧୮' ପ୍ରଥମେ..... ଦେଶରେ ଆରମ୍ଭ କରାଗଲା ?

୪– 'ଅଟଳଜୀ ନେ କାହା' ପୁସ୍ତକର ଲେଖକ.... ?

୫– ଆମ ଦେଶରେ ସମୁଦାୟ....... ଟି ହାଇକୋର୍ଟ ରହିଛି ?

## ଗତ ସପ୍ତାହର ଉତ୍ତର

୧ ଫର୍ମୁଲା ୧ ରେସ୍

୨ ୧୯୦୯

୩ ଏପ୍ରିଲ ୨୩

୪ ରୁଷିଆ

୫ ବେଲାରୁଷ୍

## ଉତ୍ତର ଦାତା



ଶାଶ୍ୱତ ରଞ୍ଜନ ବେହେରା
ଢେଙ୍କାନାଳ



ଦିଲୀପ କୁମାର ପୂଜାହାରୀ
ସୁବର୍ଣ୍ଣପୁର

### ୟୁଥ୍ ଆଲର୍ଟ



## ପାଦରେ ଫୋଟକା ହେଉଥିଲେ...

ଟାଇଟ୍ ଜୋତା ପିନ୍ଧିବା, ଅଧିକ ଚାଲିବା, ଷ୍ଟାଇଲ ପାଇଁ ବାରମ୍ବାର ନୂଆ ଜୋତା ବଦଳାଇବା ଆଦି ବିଭିନ୍ନ କାରଣରୁ ଅନେକ ଯୁବତୀଯୁବକଙ୍କଠାରେ ପାଦରେ ଫୋଟକା ହେଉଥିବା ଦେଖାଦେଇଥାଏ। ଏହା ପରବର୍ତ୍ତୀ ସମୟରେ ଜୋତା ପିନ୍ଧିବାରେ, ଚାଲିବାରେ ଖୁବ୍ କଷ୍ଟ ଦେଇଥାଏ। କେହି କେହି ଶୀଘ୍ର ଭଲ ହୋଇଯିବା ଲାଗି ଏହାକୁ ଫଟାଇବା ଯୋଗୁ ତାହା ଇନ୍‌ଫେକ୍ସନ ହୋଇ ଜଟିଳ ରୂପ ନେଇଥାଏ। ତେଣୁ ପାଦରେ ଫୋଟକା ହେଉଥିଲେ ଏହାକୁ ଭଲ କରିବା ଲାଗି ଫଟାଇବା କିମ୍ବା ଖଣ୍ଡିଆ କରିବା ପରିବର୍ତ୍ତେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ବ୍ୟବହାର କରନ୍ତୁ ନଚେତ୍ କେତୋଟି ଘରୋଇ ଉପଚାର ବି ଆପଣାଇ ପାରିବେ...


**ଘିକୁଆଁରୀ:** ଯଦି ଆପଣଙ୍କ ପାଦରେ ଫୋଟକା ହୋଇଛି ଏବଂ ଜୋତା ପିନ୍ଧିବାରେ କିମ୍ବା ଚାଲିବାରେ କଷ୍ଟ ହେଉଛି ତେବେ ଉକ୍ତ ସ୍ଥାନରେ ଘିକୁଆଁରୀ ରସ ବା ଜେଲ୍ ଲଗାଇ ଶୁଖିବା ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଅନେକ ପ୍ରକାର ସମସ୍ୟାର ସମାଧାନ ଲାଗି ଘିକୁଆଁରୀ ଏକ ଭଲ ଔଷଧ। ଏହାର ଥଣ୍ଡା ଏବଂ ଆରୋଗ୍ୟ ଗୁଣ ଫୋଟକାରେ ହେଉଥିବା ଜଳାପୋଡ଼ା କଷ୍ଟ ସହ ଫୁଲା କମାଇବାରେ ସାହାଯ୍ୟ କରିଥାଏ। ଏହାକୁ ଲଗାଇବା ସମୟରେ ଅଳ୍ପ ପୋଡିବା ଏବଂ କୁଣ୍ଡାଇହେବା ଭଳି ଅନୁଭବ ହୋଇଥାଏ, ହେଲେ ଏଥିରେ ବ୍ୟସ୍ତ ହେବାର କାରଣ ନାହିଁ। ଦିନକୁ ଦୁଇଥର ଏହି ଜେଲ୍ ଫୋଟକା ଉପରେ ଲଗାନ୍ତୁ ଏବଂ ଶୁଖିବା ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

**ଗ୍ରୀନ୍ ଟି:** ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ଫୋଟକାର କଷ୍ଟ ଏବଂ ଫୁଲା କମାଇଥାଏ। ଏଥିରେ ଥିବା ଆଣ୍ଟି ଇନ୍‌ଫ୍ଲାମେଟୋରି ଗୁଣ ଫୋଟକା ସ୍ଥାନରେ ହେଉଥିବା ପୋଡ଼ାଜଳା କମ୍ କରେ। ଏକ ଗ୍ରୀନ୍‌ଟି ବ୍ୟାଗ୍‌କୁ ଗରମପାଣିରେ ବୁଡାନ୍ତୁ ଏବଂ ସେଥିରେ ସାମାନ୍ୟ ବେକିଂ ସୋଡା ପକାନ୍ତୁ। ଥଣ୍ଡା ହେବା ପରେ ଫୋଟକା ଉପରେ ଟି ବ୍ୟାଗକୁ ଲଗାଇ କିଛି ସମୟ ରଖନ୍ତୁ। ବେକିଂ ସୋଡ଼ାରେ ଥିବା ଆଣ୍ଟିସେପ୍ଟିକ ଗୁଣ ଇନ୍‌ଫେକ୍ସନ୍ ହେବାକୁ ଦେଇ ନ ଥାଏ।

**ଆପଲ୍ ସାଇଡର ଭିନେଗାର:** ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି ଇନ୍‌ଫ୍ଲାମେଟୋରି ଏବଂ ଅନ୍ୟାନ୍ୟ ଉପାଦାନ ଫୋଟକାର କଷ୍ଟ ଏବଂ ଫୁଲା କମାଇବା ସହିତ ଇନ୍‌ଫେକ୍ସନର ଆଶଙ୍କା ଦୂର କରିଥାଏ। ତୁଳାରେ ଅଳ୍ପ ଆପଲ୍ ସାଇଡର ଭିନେଗାର ଆଣି ଫୋଟକା ଉପରେ ଲଗାନ୍ତୁ ଏବଂ କିଛି ସମୟ ରଖିବା ପରେ ଧୋଇଦିଅନ୍ତୁ। ଯଦିଓ ଏହାକୁ ଲଗାଇବା ସମୟରେ ଖୁବ୍ ପୋଡ଼ିଥାଏ ହେଲେ ଶୀଘ୍ର ଉପଶମ ମଧ୍ୟ ମିଳିଥାଏ।


**ଜଡ଼ାତେଲ:** ଅନେକ ସମୟରେ ଦେଖାଯାଏ, ଫୋଟକା ରହିଯିବା କାରଣରୁ ଧୀରେ ଧୀରେ ଟାଣ ହୋଇ ଲାଲ୍ ପଡି ଦରଜ ଏବଂ କୁଣ୍ଡାଇ ହେବା ଭଳି ସମସ୍ୟା ସୃଷ୍ଟିକରେ, ଯାହାକି ବେଶି କଷ୍ଟ ଦେଇଥାଏ। ଏହାକୁ ଦୂରକରିବା ଲାଗି ସବୁଠୁ ସହଜ ଏବଂ ସରଳ ଘରୋଇ ଉପଚାର ହେଉଛି ଜଡାତେଲ। ଏହାକୁ ରାତିରେ ଫୋଟକା ଉପରେ ଲଗାଇ ଶୋଇପଡନ୍ତୁ, ଦେଖିବେ ସକାଳେ କେତେ ଆରାମ ଲାଗିବ। ଦିନକୁ ୨–୩ ଥର ବ୍ୟବହାର କଲେ ଅଧିକ ଉପକୃତ ହୋଇପାରିବେ।

– ଏସବୁ ବ୍ୟତୀତ ସୋରିଷ ତେଲ, ପେଟ୍ରୋଲିୟମ୍ ଜେଲି ଆଦି ବି ଫୋଟକା ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।



# ବାଇକ୍ ଷ୍ଟିକରିଂ କ୍ରେଜ୍

**ସବୁଥିରେ ଅନ୍ୟଠାରୁ କିଛି ସ୍ପେଶାଲ କରିବାର ନିଶା ଯେମିତି ବର୍ତ୍ତମାନର ଯୁବପିଢ଼ିଙ୍କୁ ଘାରିଛି। ଯେଉଁଥିରୁ ବାଦ୍ ପଡ଼ିନି ସେମାନଙ୍କ ବାଇକ୍ ସିଲେକ୍ସନ। ମାର୍କେଟ୍‌ରେ ଯେଉଁ ଲାଟେଷ୍ଟ ମଡେଲ ବାଇକ୍ ଲଞ୍ଚ୍ କଲା ତାକୁ ପ୍ରଥମେ କିଣିବାକୁ ଚାହିଁ ରହୁଛନ୍ତି ସେମାନେ। କେବଳ ଏତିକି ନୁହେଁ, ନିଜ ବାଇକ୍‌କୁ ସବୁଠୁ ଡିଫରେଣ୍ଟ ଲୁକ୍ ଦେବା ଲାଗି ସେଥିରେ ଭଳିକି ଭଳି ଷ୍ଟିକରିଂ କରିବାକୁ ନେଇ ମଧ୍ୟ ସେମାନଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗିତା...**







ବାଇକ୍ ବର୍ତ୍ତମାନର ଯୁବପିଢ଼ିଙ୍କ ପାଇଁ କେବଳ ଏକ ବାହାନର ଆବଶ୍ୟକତା ପୂରଣ କରୁଥିବା ସାମଗ୍ରୀରେ ସୀମିତ ହୋଇ ରହିନାହିଁ ବରଂ ଏହା ମଧ୍ୟ ପାଲଟିଛି ସେମାନଙ୍କର ଷ୍ଟାଇଲ ଷ୍ଟେଟ୍‌ମେଣ୍ଟ। ଅନ୍ୟମାନଙ୍କଠାରୁ ଭିନ୍ନ ଲାଗିବା ସକାଶେ ସେମାନେ ଭଳିକି ଭଳି ଷ୍ଟାଇଲିଶ୍ ବାଇକ୍ ମଡେଲ ବି ବ୍ୟବହାର କରୁଛନ୍ତି। ତେବେ କେବଳ ଏତିକି ନୁହେଁ, ସେମାନଙ୍କ ବାଇକ୍ ଫ୍ୟାଶନ ବରଂ ଏହାକୁ ଅଧିକ ଆଇକ୍ୟାଚି କରିବା ଲାଗି ଯେମିତି ସେମାନଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗିତା। ଏମିତିରେ ବାଇକ୍ ଷ୍ଟିକରିଂ ପାଲଟିଛି ସେମାନଙ୍କ ପାଇଁ ବେଷ୍ଟ ଅପ୍ସନ। ଆଉ ଏହି ବାଇକ୍ ଷ୍ଟିକର ଲଭରଙ୍କ ଚାହିଦାକୁ ଆଖିଆଗରେ ରଖି ପ୍ରତି ସହରରେ ଷ୍ଟିକରିଂ ଦୋକାନ ମଧ୍ୟ ଖୋଲିଗଲାଣି, ଯେଉଁଠି ଇଚ୍ଛାନୁସାରେ ହ୍ୟାଣ୍ଡମେଡ୍ କିମ୍ବା କମ୍ପ୍ୟୁଟରାଇଜ୍ଡ ଷ୍ଟିକରିଂ କରାଯାଇପାରୁଛି। ଏହା ବ୍ୟତୀତ ବର୍ତ୍ତମାନ ଏଭଳି ଷ୍ଟିକର ଉଭୟ ମାର୍କେଟ୍‌ରେ ଏବଂ ଅନ୍‌ଲାଇନ୍‌ରେ ରେଡି ଟୁ ୟୁଜ୍ ଆକାରରେ ବି ମିଳୁଛି, ଯାହାକୁ ନିଜେ କିଣି ଆଣି ବାଇକ୍‌ରେ ପେଷ୍ଟ କରିପାରିବେ।

### ବର୍ତ୍ତମାନ ଅଧିକ ଡିମାଣ୍ଡରେ ଥିବା ବାଇକ୍ ଷ୍ଟିକର:

ବାଇକ୍‌କୁ ଅଧିକ ଆଇକ୍ୟାଚି କରିବା ଉଦ୍ଦେଶ୍ୟରେ କିଛି ଯୁବପିଢ଼ି ବାଇକ୍‌ର ବଡି ଉପରେ ବିଭିନ୍ନ କଲରର ଡଟ୍ କିମ୍ବା ଷ୍ଟ୍ରାଇପ୍ ଷ୍ଟିକରିଂ କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ରାତିରେ ଅନ୍ୟ ଗାଡି କିମ୍ବା ଷ୍ଟ୍ରିଟ୍ ଲାଇଟ୍ ପଡି ଚକ୍ ଚକ୍ କରିବା ଲାଗି ରେଡିୟମ ଏବଂ ଅନ୍ୟ ସାଇନିଂ ଟେପ୍‌ରେ ଷ୍ଟିକରିଂ କରୁଛନ୍ତି। ସେହିପରି ଗାଡିକୁ ସମ୍ପୂର୍ଣ୍ଣ ନିଆରା ଲୁକ୍‌ଦେବା ଲାଗି ଅନେକେ ମଣିଷ ଖପୁରି ଭଳି ଡିଜାଇନ୍ ବା ସ୍କଲ ଷ୍ଟିକର ଲଗାଉଛନ୍ତି। ଏହା ମଧ୍ୟରେ ପିଷ୍ଟନ ସ୍କଲ, ଫୁ ସ୍କଲ, ଫ୍ଲେମ୍‌ହେଡ୍ ସ୍କଲ ଭଳି ଡିଜାଇନ୍‌କୁ ଯୁବପିଢି ବେଶି ପସନ୍ଦ କରୁଛନ୍ତି। ତା'ଛଡା ଏହାକୁ ଡେଞ୍ଜର ସିମ୍ବଲ ଭାବେ ଗ୍ରହଣ କରାଯାଉଥିବାରୁ ଅନେକେ ନିଜ ଗାଡିରେ କେହି ହାତ ନ ମାରିବା ଉଦ୍ଦେଶ୍ୟରେ ଏହାକୁ ଲଗାଉଛନ୍ତି। ତେବେ ଯୁବତୀମାନଙ୍କ ସବୁଠୁ ପସନ୍ଦ ହେଉଛି ଫ୍ଲୋରାଲ ଷ୍ଟିକରିଂ। ନିଜ ଗାଡିକୁ ସୁନ୍ଦର ତଥା ଆଇକ୍ୟାଚି କରିବାକୁ ଅନେକେ ବିଭିନ୍ନ କଣ୍ଟ୍ରାଷ୍ଟ କଲରର ଫ୍ଲୋରାଲ ଷ୍ଟିକର ଲଗାଉଛନ୍ତି। ଏମିତି କି ସାଇନର ବା ରେଡିୟମ ଫ୍ଲାୱାର ଷ୍ଟିକର ମଧ୍ୟ ବ୍ୟବହାର କରୁଛନ୍ତି। ଏହା ବ୍ୟତୀତ ବାର୍ବି ଡଲ୍, ଟେଡି, ଫନି ଇମୋଜି ଷ୍ଟିକର ବି ସେମାନଙ୍କୁ ଭଲ ଲାଗୁଛି। ମ୍ୟୁଜିକ୍ ଲଭର ଯୁବପିଢ଼ି ଗିଟାର ଷ୍ଟିକର ବାଇକ୍‌ରେ ଲଗାଇବାକୁ ପସନ୍ଦ କରୁଛନ୍ତି। ଯେଉଁମାନେ ନିଜ ବାଇକ୍‌କୁ ଏକ କଳାତ୍ମକ ରୂପ ଦେବା ଲାଗି ଚାହୁଁଛନ୍ତି ସେମାନେ ଫିଦର କାଲିଗ୍ରାଫି ଷ୍ଟିକର ଲଗାଉଛନ୍ତି। ତେବେ ସ୍ପୋର୍ଟ୍ସ ବା ବାଇକ୍ ରେସିଂ ଆଦିରେ ରୁଚି ରଖୁଥିବା ଯୁବକମାନଙ୍କୁ କିନ୍ତୁ ରାଗିଂ ବୁଲ୍ ଡେକାଲ, ଲାୟନ, ଡ୍ରାଗନ ଷ୍ଟିକର, ବୁଲ୍, ହର୍ସ ଭଳି ଷ୍ଟିକର ବେଶି ପସନ୍ଦ ଆସୁଥିବା ଦେଖିବାକୁ ମିଳୁଛି। ସେହିପରି ହେଡ୍‌ଲାଇଟ୍ ଉପରେ ଆଖି ଷ୍ଟିକର ଲଗାଇବା ମଧ୍ୟ ଏବେ ଫ୍ୟାଶନ୍ ପାଲଟିଛି। ଏସବୁ ବ୍ୟତୀତ ନିଜ ପ୍ରିୟ ଠାକୁରଙ୍କ ଫଟୋ, ସୁପର ହିରୋ, ବିଭିନ୍ନ କୋଟ୍ କିମ୍ବା ଆୱାର୍‌ନେସ୍ ମେସେଜ୍ ଥିବା ଷ୍ଟିକର ବି ଅନେକେ ବାଇକ୍‌ରେ ଲଗାଉଥିବା ଦେଖିବାକୁ ମିଳୁଛି।

### କ'ଣ କରନ୍ତି ଏମାନେ...



**ସୌମ୍ୟରଞ୍ଜନ ଦାସ**(ଛାତ୍ର, ଅକ୍ସଫୋର୍ଡ ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱର)–କେବଳ ଦମ୍‌ଦାର ବାଇକ୍ ଚଲାଇବା ନୁହେଁ,ଏହାକୁ ଟିକେ ହଟ୍‌କେ ଲୁକ୍ ଦେବା ବି ମୋର ପସନ୍ଦ; ଯେଉଁଥିପାଇଁ ବାଇକ୍‌ରେ ଷ୍ଟିକର ଲଗାଇଛି। ସେଥିପାଇଁ ଏହା ଅଧିକ ଆଇକ୍ୟାଚି ହୋଇପାରୁଛି। ଆଉ ସାଙ୍ଗମାନେ ଯେତେବେଳେ ପ୍ରଶଂସା କରୁଛନ୍ତି ଖୁବ୍ ଖୁସି ଲାଗୁଛି।



**ମୌସୁମୀ ପରିଡା**(ଛାତ୍ରୀ, ଭୁବନେଶ୍ୱର)–ନିଜର ସବୁ ଜିନିଷକୁ ସଜାଇ ରଖିବାକୁ ମୋତେ ଭଲ ଲାଗେ। ଠିକ୍ ଯେମିତି ମୋ ସ୍କୁଟି। ଏହା ମୋର ସାଙ୍ଗ ଭଳି। କାରଣ ଏହା ବିନା କେଉଁଆଡେ ଯିବା ମୋ ପାଇଁ ମୁସ୍କିଲ୍। ତେଣୁ ଏହାକୁ ସବୁବେଳେ ଟିପ୍‌ଟପ୍ ରଖେ। ଆଉ ଏହାକୁ ଅଧିକ ସୁନ୍ଦର କରିବା ଲାଗି ଭଗବାନ୍‌ଙ୍କ ଷ୍ଟିକର୍ ବି ଲଗାଇଛି।

## ପାଠକଙ୍କ ମତ

■ ଗତ ସପ୍ତାହରେ ପ୍ରକାଶିତ ଷ୍ଟ୍ରିଟ୍‌ଫୁଡ୍ ପ୍ରସଙ୍ଗରେ ଯୁବପିଢ଼ିଙ୍କ ହେଲ୍‌ଦି ଫୁଡ୍ ହାବିଟ୍ ସମ୍ପର୍କରେ ଜାଣି ଭଲ ଲାଗିଲା। ତେଲ, ମସଲା, ରାଗ ଏବଂ ଫୁଡ୍ କଲର ବ୍ୟବହୃତ ଏଣୁତେଣୁ ଖାଦ୍ୟ ପରିବର୍ତ୍ତେ ଯୁବପିଢ଼ି ଏଭଳି ସୁଷମ ଖାଦ୍ୟ ପସନ୍ଦ କରୁଥିବା ନିଶ୍ଚିତ ଭାବେ ଖୁସିର ବିଷୟ।

*– ଅଲିମା ନନ୍ଦ, ଗୋପାଳପୁର*

■ ହ୍ରଦର ଜଳ ବି ରଙ୍ଗ ବଦଳାଇପାରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା। ଜାଣନ୍ତୁ ଦୁନିଆ ସ୍ତମ୍ଭରୁ ପୃଥିବୀର ବିଭିନ୍ନ କୋଣରେ ଥିବା ଏଭଳି ବିରଳ ତଥ୍ୟ ସବୁ ଜାଣିବାକୁ ମିଳୁଛି।

– ଲକ୍ଷେଶ୍ୱରୀ ସୁତାର, କେନ୍ଦ୍ରାପଡ଼ା

■ ବର୍ଷା ସମୟରେ ଆବଶ୍ୟକ ସତର୍କତା ସମସ୍ତଙ୍କ ପାଇଁ ଜରୁରୀ। ଏ ସମ୍ପର୍କରେ ଅବଗତ କରାଇଥିବାରୁ ଧନ୍ୟବାଦ।

– କୈବଲ୍ୟ ଆଚାର୍ଯ୍ୟ, ନବରଙ୍ଗପୁର

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitri-agamiasha@gmail.com

### କଲେଜ ଖଟି

## ଇଣ୍ଟରନେଟ୍ ପ୍ରଭାବକୁ ନେଇ ଚର୍ଚ୍ଚା ଜୋର

ସରିଥାଏ କ୍ଲାସ୍। ବର୍ଷା ପାଗରେ କ୍ୟାମ୍ପସ୍ ବାହାରକୁ ବାହାରିବା ମୁସ୍କିଲ। ତେଣୁ ଫାଙ୍କା ସମୟରେ କ୍ଲାସ୍ ରୁମ୍ ବାହାରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ସ୍ନାତକୋତ୍ତର ଇଂରାଜୀ ବିଭାଗର କେତେଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜମିଥାଏ ଜୋର୍‌ଦାର ଖଟି। ଏଥର ଖୁଦୁରୁକୁଣୀ ପୂଜାରେ କିଏ କେତେ ବଡ଼ ମୂର୍ତ୍ତି ଆଣିଛନ୍ତି, କାହାର ପୂଜାସ୍ଥଳୀ କେତେ ସୁନ୍ଦର ଡେକୋରେଶନ୍ ହୋଇଛି ତାକୁ ନେଇ ଆଲୋଚନା ଚାଲିଥାଏ, ଆଉ ମୋବାଇଲରେ ଫଟୋ ବି ଦେଖାଚାଲିଥାଏ। ଗଣେଶପୂଜା ପାଖେଇ ଆସୁଥିବାରୁ ମାର୍କେଟ୍‌କୁ କେଉଁ ସବୁ ନୂଆ ଡ୍ରେସ୍ କଲେକ୍ସନ ଆସିଛି, ଏଥରର ଲାଟେଷ୍ଟ ଟ୍ରେଣ୍ଡ କ'ଣ, କିଏ କେମିତି ଡ୍ରେସ୍ ପିନ୍ଧିବ ଏବଂ କେଉଁଠାରୁ କିଣିବ ତାକୁ ନେଇ ଚାଲିଥାଏ ଆଲୋଚନା। ତେବେ ଏ ପାଗରେ ମାର୍କେଟ୍ ନ ଯାଇ ଅନ୍‌ଲାଇନରେ ଡ୍ରେସ୍ ମଗାଇଦେବା ବେଶି ସହଜ ବୋଲି କୁହନ୍ତି ଛାତ୍ରୀ ଜ୍ୟୋତିର୍ମୟୀ ପଣ୍ଡା। ସତରେ ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ ଗୋଟିଏ ସ୍ଥାନରେ ବସି ବିଶ୍ୱର ସମସ୍ତ ଖବର ଜାଣିବା, ପାଠପଢ଼ା, ମନୋରଞ୍ଜନ, ବ୍ୟାଙ୍କ୍, ଶପିଂ, ଟିକେଟ୍ ବୁକିଂ, ସାଙ୍ଗସାଥୀଙ୍କ ସହ ଯୋଗାଯୋଗଠାରୁ ଆରମ୍ଭକରି ବିଭିନ୍ନ ପ୍ରକାରର କାର୍ଯ୍ୟ ଖୁବ୍ ସହଜରେ କରିହେଉଛି। ଏହା ଯେମିତି ସାଜିଛି ସମସ୍ତଙ୍କ ଲାଗି ବିଶେଷକରି ଆମ ଭଳି ଯୁବପିଢ଼ିଙ୍କ ଲାଗି ବରଦାନ ସଦୃଶ ବୋଲି ସମସ୍ତେ ମତ ପ୍ରକାଶ କରନ୍ତି। ହେଲେ ଅପରପକ୍ଷେ ଦିନକୁ ଦିନ ଇଣ୍ଟରନେଟ୍‌ର ଅପବ୍ୟବହାର ବଢ଼ିବାରେ ଲାଗୁଛି, ଆଉ ଯାହାର ଶିକାର ହେଉଛନ୍ତି ଖୋଦ୍ ଯୁବପିଢ଼ି ବୋଲି କୁହନ୍ତି ଛାତ୍ରୀ ସ୍ମୃତିମୟୀ ବିଶ୍ୱାଳ। ତାଙ୍କ ମତରେ ବର୍ତ୍ତମାନ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଅଧିକାଂଶ ଯୁବତୀଯୁବକଙ୍କ ଜୀବନଶୈଳୀ ଉପରେ କୁପ୍ରଭାବ ପକାଉଥିବା ଦେଖିବାକୁ ମିଳିଛି। ଇଣ୍ଟରନେଟ୍ ସେମାନଙ୍କ ଲାଗି ମନୋରଞ୍ଜନର ଏକ ଅଂଶ ପାଲଟିଛି। ଅଧିକାଂଶ ସମୟରେ ସେମାନେ ମୋବାଇଲ ଧରି ଅନ୍‌ଲାଇନରେ ଗେମ୍ସ ଖେଳିବାରେ ବ୍ୟସ୍ତ ରହୁଛନ୍ତି। ଏହା ସେମାନଙ୍କ ବୌଦ୍ଧିକ ଏବଂ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଉଛି। ଫଳରେ ଯୁବସମାଜ ନିଜ ଉପରେ ନିୟନ୍ତ୍ରଣ ହରାଇ ଜୀବନ ହାରିବାକୁ ମଧ୍ୟ ପଛାଉନାହାନ୍ତି। ଉଦାହରଣ ସ୍ୱରୂପ ବ୍ଲୁହ୍ୱେଲ୍ ଏବଂ ମୋମୋ ଭଳି ଗେମ୍‌କୁ ନିଆଯାଇପାରେ। ଅନ୍ୟ ଜଣେ ଛାତ୍ରୀ ସ୍ୱର୍ଣ୍ଣମୟୀ ବିଶ୍ୱାଳ କୁହନ୍ତି, କେବଳ ଏତିକି ନୁହେଁ, ବର୍ତ୍ତମାନ ଇଣ୍ଟରନେଟ୍ ଦ୍ୱାରା ବିଭିନ୍ନ ଅଶ୍ଳୀଳ ଏବଂ ଫେକ୍ ଭିଡିଓ ମଧ୍ୟ ଭାଇରାଲ୍ ହେଉଛି, ଯାହାର ସମାଜ ଉପରେ କୁପ୍ରଭାବ ପଡୁଛି। ଏଭଳି ସାଇଟ୍‌ଗୁଡ଼ିକ ଉପରେ ସରକାରଙ୍କ ପକ୍ଷରୁ କଟକଣା ଜାରି କରାଯିବା ଉଚିତ ବୋଲି ମତ ଦିଅନ୍ତି ଭାଗ୍ୟଶ୍ରୀ ବେହେରା ଓ କଲ୍ଲୋଳିନୀ ଜେନା। ତେବେ ଶିକ୍ଷା କ୍ଷେତ୍ରରେ ଏହାର ଆବଶ୍ୟକତା ଗୁରୁତ୍ୱ ବହନକରେ। ଏଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ଆବଶ୍ୟକତା ଅନୁଯାୟୀ ଏହାର ଠିକ୍ ବ୍ୟବହାର କଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ପ୍ରକାଶ କରନ୍ତି ପଦ୍ମାଳୟା ପାଣିଗ୍ରାହୀ । ତଥାପି ଇଣ୍ଟରନେଟ୍‌ର ମାୟାଜାଲରେ ଫସିଥିବା ଯୁବତୀଯୁବକଙ୍କୁ ଏଥିରୁ ମୁକୁଳାଇବା ଲାଗି ସଚେତନତା ଜରୁରୀ ବୋଲି ମତ ଦିଅନ୍ତି ଛାତ୍ର ସମୀର କୁମାର ମହାପାତ୍ର।

**– ପ୍ରଭାତ କୁମାର ପାଣିଗ୍ରାହୀ**



ଖଟିରେ ମସଗୁଲ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ରୀଛାତ୍ର।

## ସଂକ୍ଷେପରେ

### ଘରେ ପଶିଗଲା ଗାଡ଼ି, ୩ ଛେଳି ମୃତ



ହିନ୍ଦୋଳ, ୮।୯(ଡି.ଏନ.ଏ.)
ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କଂସରା ପଞ୍ଚାୟତ ଭଗତପୁରରେ ରହୁଥିବା ସଉରୀ ଦେହୁରୀଙ୍କ ଘରେ ଦୁଇଟି ଗାଡ଼ି ପଶିଯାଇଛି। ଏଥିରେ ଘର ଭାଙ୍ଗିଯିବା ସହ ୩ ଛେଳି ପ୍ରାଣ ହରାଇଛନ୍ତି। ପୂର୍ବାହ୍ନ ପ୍ରାୟ ୮ଟାରେ ପେଟ୍ରୋଲ ଟ୍ୟାଙ୍କର (ଓଆର ୦୯କ୍ୟୁ ୯୨୬୫) ଅନୁଗୋଳରୁ କଟକ ଯାଉଥିଲା। ଏହି ସମୟରେ ମିନିଟ୍ରକ୍ (ଓଡି ୧୭ ଏନ୍ ୫୯୩୬) ଓଭରଟେକ୍ କରିବାକୁ ଚେଷ୍ଟା କରୁଥିବାବେଳେ ଉଭୟ ଗାଡ଼ି ଭାରସାମ୍ୟ ହରାଇ ସଉରୀଙ୍କ ଘର ଭିତରକୁ ପଶିଯାଇଥିଲା। ସୌଭାଗ୍ୟବଶତଃ ଏଥିରେ ପରିବାର ସଦସ୍ୟଙ୍କ କୌଣସି କ୍ଷତି ହୋଇନାହିଁ। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ହଟାଇବା ସହ ତଦନ୍ତ ଆରମ୍ଭ କରିଛି।

### ଶିକ୍ଷା ତାଲିମ ଅନୁଷ୍ଠାନରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ଢେଙ୍କାନାଳ ଅଫିସ, ୮।୯
ଢେଙ୍କାନାଳ ସରକାରୀ ଶିକ୍ଷା ତାଲିମ ଅନୁଷ୍ଠାନରେ ଗୁରୁଦିବସ ଅବସରରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅତିଥି ଭାବେ ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର, ଅନୁଷ୍ଠାନର ଅଧକ୍ଷ ଚନ୍ଦ୍ରଶେଖର ତ୍ରିପାଠୀ, ମୁଖ୍ୟ ପ୍ରଶିକ୍ଷଣ ଅଧିକାରୀ ଅରୁଣ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଜ୍ଞାନ ଆହରଣ କରି ଭଲ ମଣିଷ ହେବାକୁ ସେମାନେ ନବାଗତ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଅଧାପକ ଶରତ ଚନ୍ଦ୍ର ପାଣିଗ୍ରାହୀ, ଧନେଶ୍ୱର ବେହେରା, ବୈଜୟନ୍ତୀ ସାହୁ, ସସ୍ମିତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଢାବାରେ ଗ୍ରାହକଙ୍କୁ ଆକ୍ରମଣ: ୩ ଗିରଫ

ଓଡ଼ାପଡ଼ା, ୮।୯(ଡି.ଏନ.ଏ.)
ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥର ବିଆରଜି ଛକ ନିକଟରେ ଥିବା ଢାବାକୁ ଖାଇବାକୁ ଆସିଥିବାବେଳେ ଆକ୍ରମଣର ଶିକାର ହୋଇଛନ୍ତି ସନାତନ ନାୟକ (୪୦)। ଏ ନେଇ ଶନିବାର ଥାନାରେ ଅଭିଯୋଗ ପରେ ଢାବା ମାଲିକଙ୍କ ସମେତ ୩ଜଣଙ୍କୁ ପୋଲିସ ଗିରଫ କରିଛି। ମଶାଣିଆ ଗ୍ରାମର ସନାତନ ଉକ୍ତ ଢାବାକୁ ଖାଇବାକୁ ଯାଇଥିଲେ। ଖାଇ ସାରିବା ପରେ ବିଲ୍ ଦେବାବେଳକୁ ତାଙ୍କ ପାଖରେ ଆବଶ୍ୟକ ଟଙ୍କା ନ ଥିଲା। ଏହାକୁ ନେଇ ଢାବା ମାଲିକ ରାଜକିଶୋର ଧଳଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏହାପରେ ମାଲିକଙ୍କ ସହକର୍ମୀ ବିଜୟ କୁମାର ଧଳ ଓ ଶିବାନନ୍ଦ ଧଳ ଆସି ସନାତନଙ୍କୁ ନିସ୍ତୁକ ମାଡ଼ମାରିଥିଲେ। ପରେ ତାଙ୍କୁ ହଳଦିଆବାହାଳ ନିକଟରେ ଫୋପାଡ଼ି ଦେଇଥିଲେ। ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବାବେଳେ ସନାତନ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ରହିଛି। ଏ ନେଇ ନଂ. ୧୬୩/୧୮, ଦଫା ୨୯୪, ୩୦୭, ୫୦୬, ୨୦୧, ୩୪ ଓ ୩ ଏସ୍ଟି/ଏସ୍ସି ପିଏ ଆକ୍ଟରେ ମାମଲା ରୁଜୁ କରାଯାଇଛି। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### ଭକ୍ତି ବନ୍ଧ ପୁନରୁଦ୍ଧାର ଦାବି

ହିନ୍ଦୋଳ, ୮।୯(ଡି.ଏନ.ଏ.)
ହିନ୍ଦୋଳ ଉପଖଣ୍ଡ ଅଞ୍ଚଳବାସୀଙ୍କ ଆଧାତ୍ମିକ ଭାବାବେଗ ସହିତ ଜଡ଼ିତ ଭକ୍ତି ବନ୍ଧ ପୁନରୁଦ୍ଧାର କରିବାକୁ ଦାବି ହୋଇଛି। ଚିତଲପୁର ପଞ୍ଚାୟତର ସର୍ବପୁରାତନ ଉଗ୍ରେଶ୍ୱର ମା' ଗୋଷାମଣିଙ୍କ ମନ୍ଦିର ନିକଟରେ ଥିବା ଉକ୍ତ ବନ୍ଧ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହାର ପଙ୍କୋଦ୍ଧାର ଠିକ୍ ଭାବେ ହୋଇନାହିଁ। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ କୃପାସିନ୍ଧୁ ମହାପାତ୍ର, ଧର୍ମାନନ୍ଦ ମହାପାତ୍ର, ଦିଲୀପ ମହାପାତ୍ର, ଗଦାଧର ଶତପଥୀ, ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି।

## ■ରେଳ ପ୍ରକଳ୍ପ ବଢ଼ାଇଛି ଚାଷୀଙ୍କ ଚିନ୍ତା

# ୫୦୦ ଏକର ଜମିରେ ଚାଷ ନଷ୍ଟ

■ଗୋଟିଏ କଲଭର୍ଟରେ ହୋଇପାରୁନି ପାଣି ନିଷ୍କାସନ

■ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଭୁବନ, ୮।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ସୁରପ୍ରତାପପୁର ଓ ଟିପିଲେଇ ଅଞ୍ଚଳରେ ନିର୍ମାଣାଧୀନ ସୁକିନ୍ଦା-ଅନୁଗୋଳ ରେଳପ୍ରକଳ୍ପ ଚାଷୀଙ୍କ ପାଇଁ ଦୁର୍ଦ୍ଦଶା ଆଣିଛି। ରେଳ ଧାରଣା ଯୋଗୁ ପାଣି ନିଷ୍କାସନ ହୋଇପାରୁନାହିଁ। ପାଣିରେ ବୁଡ଼ି ରହିଥିବାରୁ ୫୦୦ ଏକର ଜମିର ଧାନ ଚାଷ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚିନ୍ତାରେ ପଡିଛନ୍ତି ଚାଷୀକୁଳ।

ଚାଷୀଙ୍କ କହିବା ଅନୁଯାୟୀ, ଲଘୁଚାପ ପ୍ରଭାବରେ ଚଳିତବର୍ଷ ପ୍ରବଳ ବର୍ଷା ହୋଇଛି। ଆଗରୁ ବର୍ଷାଜଳ ସ୍ୱାଭାବିକ ଭାବେ ଜମିରୁ ନିଷ୍କାସିତ ହୋଇଯାଉଥିଲା। ରେଳ ଧାରଣା ନିର୍ମାଣ ପରେ ଗୋଟିଏ ପାର୍ଶ୍ୱ ଉଚ୍ଚ ହୋଇଯାଇଛି। ଫଳରେ ପାଣି ଜମି ରହୁଛି। ଜଳ ନିଷ୍କାସନ ପାଇଁ ରେଳ ବିଭାଗ ପକ୍ଷରୁ ମାତ୍ର ଗୋଟିଏ କଲଭର୍ଟ ନିର୍ମାଣ କରାଯାଇଛି। ତେଣୁ ଜମି ରହିଥିବା



ପାଣି ତଳମୁଣ୍ଡକୁ ଯାଇପାରୁନାହିଁ। ତଳି ରୋଇବା ପରେ ଲଗାଣବର୍ଷା ପରେ ପାଣି ଜମି ରହିବାରୁ ଧାନଗଛ ମୂଳ ପଚିଯାଇଛି। ଏଥିରେ ଶତାଧିକ ଚାଷୀ ପ୍ରଭାବିତ ହୋଇଛନ୍ତି। ଏ ନେଇ ରେଳ କାର୍ଯ୍ୟ ନେଇଥିବା ଠିକାଦାର ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପ୍ରତିକାର କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଆଉ ଦୁଇଟି କଲଭର୍ଟ ନିର୍ମାଣ କରାଗଲେ ସମସ୍ୟା ଦୂର ହୋଇପାରନ୍ତା। ରେଳ ଧାରଣା ନିର୍ମାଣ କରାଯିବା ଭଲ କଥା, ହେଲେ ଏହାଦ୍ୱାରା ଚାଷୀ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଉଚିତ କ୍ଷତିପୂରଣ ପ୍ରଦାନ ସହ ଜୀବନଜୀବିକାର ସୁରକ୍ଷା ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ପ୍ରଫୁଲ୍ଲ କୁମାର ମହାନ୍ତି, ଶଙ୍କର୍ଷଣ ନାୟକ ଏବଂ ଧନେଶର ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏ ନେଇ ରେଲୱେ କାର୍ଯ୍ୟ ତଦାରଖ କରୁଥିବା ସାଇଲକ୍ଷ୍ମୀ ଠିକାସଂସ୍ଥାର ସୁପରଭାଇଜର ଦେବାଶିଷ ଶତପଥୀ କୁହନ୍ତି, ଆଉ ଦୁଇଟି କଲଭର୍ଟ ନିର୍ମାଣ କରା ନ ଗଲେ ସମସ୍ୟା ସମାଧାନ ହେବନାହିଁ। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଆଲୋଚନା କରାଯାଇ କଲଭର୍ଟ ନିର୍ମାଣ ଲାଗି ପ୍ରସ୍ତାବ ଦିଆଯିବ।

## ■ଦେବେନ୍ଦ୍ର ଶତପଥୀ ଜୟନ୍ତୀ ସମାରୋହ

# 'ନିଜ ଭିତରେ ଥିବା ଦକ୍ଷତାକୁ ଚିହ୍ନ'



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ଭାପୁର, ୮।୯(ଡି.ଏନ୍.ଏ.)

ପ୍ରତ୍ୟେକ ଛାତ୍ରୀଛାତ୍ର ବିଶେଷ ଦକ୍ଷତାର ଅଧିକାରୀ। ସମସ୍ତଙ୍କ ନିକଟରେ କିଛି ନା କିଛି ସୃଜନଶୀଳ ପ୍ରତିଭା ରହିଛି। ଏହାକୁ ଚିହ୍ନିବା ଆବଶ୍ୟକ। ନିଜ ଭିତରେ ଥିବା ସ୍ୱତନ୍ତ୍ର ଗୁଣାବଳୀକୁ ଜାଣିପାରି ତାହାକୁ ଉଚିତ ଢଙ୍ଗରେ ବିନିଯୋଗ କରିପାରିଲେ ନିଶ୍ଚିତ ଭାବେ ସଫଳତା ମିଳିବ। ଶିକ୍ଷା ହିଁ ପରିବର୍ତ୍ତନର ମାଧ୍ୟମ। ଏହା ମନୁଷ୍ୟକୁ ଅନ୍ଧାରରୁ ଆଲୋକ ଆଡ଼କୁ ନେଇଥାଏ। ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଜରୁରୀ ବୋଲି କହିଛନ୍ତି ଅନୁଗୋଳ କଲେଜର ପୂର୍ବତନ ଅଧକ୍ଷ ଶାନ୍ତନୁ କୁମାର ସର। ଢେଙ୍କାନାଳ ସଦର ବ୍ଲକ ଭାପୁରସ୍ଥିତ ଦେବେନ୍ଦ୍ର ଶତପଥୀ ସ୍ମାରକୀ ମହାବିଦ୍ୟାଳୟର ୨୮ତମ ବାର୍ଷିକ ଉତ୍ସବ ଏବଂ ଦେବେନ୍ଦ୍ର ଶତପଥୀ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏପରି ମର୍ମସ୍ପର୍ଶୀ ଅଭିଭାଷଣ ଦେଇଥିଲେ।

କଲେଜ ପରିସରରେ ଶନିବାର ବର୍ଣ୍ଣାଢ୍ୟ ପରିବେଶରେ ଆୟୋଜିତ ଉକ୍ତ ସମାରୋହରେ ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଭକ୍ତିପ୍ରସାଦ ଦାସ, ଅଧକ୍ଷ ପ୍ରଭାତ ରଞ୍ଜନ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବାର୍ଷିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମୋନାଲିସା ପଣ୍ଡା (ସମାଜ ବିଜ୍ଞାନ), ଶୁଭଲକ୍ଷ୍ମୀ ଦାସ (ଇତିହାସ), ଜଗମୋହନ ରାଉତ (ଯୁକ୍ତ ୨ ବିଜ୍ଞାନ), ଦୀପୁନା ଜେନା (ଯୁକ୍ତ ୨କଳା)ଙ୍କୁ ନନ୍ଦିନୀ ଦେବୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

ବିଶିଷ୍ଟ କଣ୍ଠଶିଳ୍ପୀ ନାଭ୍ୟାଜ୍ୟୋତି, ତାରିକ ମହମ୍ମଦଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ କରତାଳି ସାଉଁଟିଥିଲା। ଗିରିଶ ଚନ୍ଦ୍ର ସାହୁଙ୍କ ରଚିତ, ବଳରାମ ପୃଷ୍ଟିଙ୍କ ନିର୍ଦ୍ଦେଶିତ ନାଟକ 'ମିଛ ସମ୍ପର୍କ'କୁ ଛାତ୍ରୀଛାତ୍ର ସାବଲୀଳ ଢଙ୍ଗରେ ପରିବେଷଣ କରିଥିଲେ। ଆଶିଷ ପାଲ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। କାର୍ଯ୍ୟକ୍ରମରେ ଛଦେଶ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଅଭିଭାବକମାନେ ଯୋଗଦେଇଥିଲେ। ପୋଲିସ ଏବଂ ଏନ୍‌ସିସି କ୍ୟାଡେଟ୍ ଶାନ୍ତିଶୃଙ୍ଖଳା ରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

## ପ୍ରଧାନଶିକ୍ଷକଙ୍କ ବୈଠକ

ଢେଙ୍କାନାଳ ଅଫିସ, ୮।୯

ଢେଙ୍କାନାଳ ମୁକ୍ତାଦେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ପୌରାଞ୍ଚଳ ଅଧୀନ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନବଗଠିତ ମୁକ୍ତାଦେଇପୁର କ୍ଲଷ୍ଟରର ନୂତନ ସିଆର୍‌ସିସି ମମତା ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପ୍ରତି ସ୍କୁଲରେ ସେପ୍ଟେମ୍ବର ୧ରୁ ୧୫ ତାରିଖ ଯାଏ 'ସ୍ୱଚ୍ଛତାପକ୍ଷ' ଏବଂ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୨ ଯାଏ 'ସ୍ୱଚ୍ଛତା ହିଁ ସେବା' ଦିବସ ପାଳନ କରାଯିବ। ସେହିପରି ସେପ୍ଟେମ୍ବରରୁ ଦ୍ୱିତୀୟ ପର୍ଯ୍ୟାୟ ଉଜ୍ଜ୍ୱଳ, ଉତ୍‌ଥାନ କାର୍ଯ୍ୟକ୍ରମ ସୂଚାରୁ ରୂପେ ସମ୍ପାଦନ କରାଯିବ। ସରକାରୀ ନିଷ୍ପତ୍ତି ଅନୁଯାୟୀ ସମସ୍ତ ସ୍କୁଲର ନାମ ପରିବର୍ତ୍ତନ ହେବ। ସ୍କୁଲ ନାମ ଆଗରେ 'ସରକାରୀ' ଶବ୍ଦ ସଂଯୋଗ କରାଯାଇ ନୂତନ ଭାବେ ନାମକରଣ କରାଯିବ। ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ଜାତୀୟ କୃମିନାଶକ ଦିବସକୁ ସଫଳତାର ସହ ପାଳନ କରିବାକୁ ଆହ୍ୱାନ କରାଯାଇଛି। ପୌରାଞ୍ଚଳ କ୍ଲଷ୍ଟରରୁ ଅବସର ନେଇଥିବା ଶିକ୍ଷକଙ୍କୁ ସେପ୍ଟେମ୍ବର ଶେଷ ସୁଦ୍ଧା ସମ୍ବର୍ଦ୍ଧିତ କରାଯିବ। ସିଆରସିସି ବିଷ୍ଣୁ ମଲ୍ଲିକ, ସୁବାସିନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ୩୨ ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ dklselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ନର



@ ମହିମା



@ ଦିନେଶ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍ଫି ପ୍ରକାଶ ପାଇବ)

## ■ଗ୍ୟାସ ନିଆଁରୁ ମା, ଝିଅ ମୃତ୍ୟୁ ଘଟଣାର ଭିନ୍ନ ମୋଡ଼

# ପରିବାର ଆଣିଲା ହତ୍ୟା ଅଭିଯୋଗ

ଭୁବନ, ୮।୯(ଡି.ଏନ.ଏ.)

ଭୁବନ ଏନ୍‌ଏସି ୩ନଂ. ୱାର୍ଡ ଅଧୀନ ଗୋଡ଼ିପାଟଣାରେ ଶୁକ୍ରବାର ଗ୍ୟାସ ନିଆଁରୁ ମା'ଝିଅ ଜୀବନ୍ତ ଦଗ୍ଧ ହେବା ଘଟଣା ଭିନ୍ନ ମୋଡ଼ ନେଇଛି। ଗ୍ୟାସ୍ ନିଆଁରେ ଝିଅକୁ ପୋଡ଼ି ମାରି ଦିଆଯାଇଥିବା ମୃତ ମମତାଙ୍କ ବାପା ଗଗନ ବେହେରା ଶନିବାର ଅଭିଯୋଗ କରିଛନ୍ତି। ଗଗନ ଅଭିଯୋଗରେ ଦର୍ଶାଇଛନ୍ତି, ୧୬ବର୍ଷ ତଳେ ମମତାଙ୍କ ବିବାହ ଦୁର୍ଯ୍ୟୋଧନ ପୋଥାଳଙ୍କ ସହ ହୋଇଥିଲା। ବିଭିନ୍ନ ସମୟରେ ସେ ଝିଅକୁ ମାରପିଟ୍ କରୁଥିଲେ। ସେ ହିଁ ଝିଅ ଏବଂ ନାତୁଣୀକୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ତାଙ୍କର ସନ୍ଦେହ ହେଉଛି। ଏହାକୁ ଗୁରୁତ୍ୱ ଦେଇ ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି। ଏ ନେଇ ନଂ. ୧୬୮/୨୦୧୮, ଦଫା ୩୦୨, ୪୯୮(ଏ), ୩୪ରେ ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି। ମମତାଙ୍କ ବାପଘର ଯାଜପୁର ଜିଲା ଖଣ୍ଡରା ଗ୍ରାମରେ ବୋଲି ଜଣାପଡ଼ିଛି।

ଗ୍ୟାସ ନିଆଁରୁ ଅଗ୍ନିକାଣ୍ଡ ଘଟି ଦୁର୍ଯ୍ୟୋଧନ ପୋଥାଳଙ୍କ ସ୍ତ୍ରୀ ମମତା ଏବଂ ଝିଅ ଜ୍ୟୋସ୍ନାମୟୀ ପ୍ରାଣ ହରାଇଥିଲେ। ପୋଲିସ, ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯିବା ସହ ବ୍ୟବଚ୍ଛେଦ ହୋଇଥିଲା। ମୃତ ମହିଳାଙ୍କ ପରିବାର ପକ୍ଷରୁ ଶୁକ୍ରବାର କୌଣସି ଅଭିଯୋଗ ହୋଇ ନ ଥିଲା। ଶନିବାର ମମତାଙ୍କ ବାପା ଥାନାର ଦ୍ୱାରସ୍ଥ ହେବା ପରେ ଏହି ଘଟଣା ଅଧିକ ରହସ୍ୟାବୃତ୍ତ ହୋଇଛି। ଏହାର ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ■ସାଇକୃପା କଲେଜରେ ନବାଗତଙ୍କୁ ସ୍ୱାଗତ

# 'ଭଲ ପାଠ ପଢ଼, ଲକ୍ଷ୍ୟ ସ୍ଥିର କର'




ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ ଅଫିସ, ୮।୯

ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ସାଇକୃପା କଲେଜରେ ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ଉତ୍ସବରେ ଅନୁଷ୍ଠାନର ଅଧକ୍ଷ ଅନ୍ନଦା କୁମାର ମହାନ୍ତି ଯୋଗଦେଇ ଭଲ ପାଠ ପଢ଼ି, ଲକ୍ଷ୍ୟ ସ୍ଥିର କରିବାକୁ ପରାମର୍ଶ ଦେଇଥିଲେ। ଗଣିତ ବିଭାଗ ଅଧାପକ ପ୍ରଦୀପ ଜେନାମଣି ସ୍ୱାଗତ ଭାଷଣ ଦେଇଥିବାବେଳେ ଯୁକ୍ତ୩ ବିଭାଗର ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ସାହୁ ଓ କର୍ମଚାରୀମାନେ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

ସେହିପରି ଗୁରୁଦିବସରେ ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ତୁଷାର କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ପରିଚାଳନା ପରିଷଦର ଅଧକ୍ଷ ଅନ୍ନଦା କୁମାର ମହାନ୍ତି, ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର, ଡ. ସୁରେନ୍ଦ୍ର ନାଥ ଷଡଙ୍ଗୀ, ପ୍ରଫେସର ଅଖିଳ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ମଧ୍ୟରେ ଥିବା ସମ୍ପର୍କକୁ ସବୁଠାରୁ ପବିତ୍ର ବୋଲି ମନେ କରାଯାଏ। ହେଲେ ସମ୍ପ୍ରତି ନୈତିକତାର ଅଧୋପତନରୁ ବିଭିନ୍ନ ସମୟରେ ଏଥିରେ କଳଙ୍କର ଛିଟା ଲାଗୁଛି। ଏ ଦିଗରେ ଚିନ୍ତା କରିବାର ସମୟ ଆସିଛି। ଉଭୟେ ଗୁରୁ ଏବଂ ଶିଷ୍ୟ ନିଜ ନିଜର ଦାୟିତ୍ୱ, କର୍ତ୍ତବ୍ୟକୁ ଗୁରୁତ୍ୱ ଦେଲେ ପୂଜ୍ୟପୂଜାର ଏପରି ମହାନ ପରମ୍ପରା ଆଗାମୀ ପିଢ଼ି ପାଇଁ ଉଦାହରଣ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ■୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୬୧ ମାମଲାର ଫଇସଲା

ଢେଙ୍କାନାଳ ଅଫିସ, ୮।୯

ଢେଙ୍କାନାଳ ଜିଲାର ବିଭିନ୍ନ କୋର୍ଟରେ ଶନିବାର ୪ର୍ଥ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୬୧ ମାମଲାର ଫଇସଲା କରାଯାଇଛି। ତନ୍ମଧ୍ୟରୁ ୨୨ ମୋଟର ଦୁର୍ଘଟଣାଜନିତ, ୧୦ ବିବାହ ଏବଂ ପାରିବାରିକ ମାମଲା, ୨୮ ଦେୱାନି, ୧୦୧ଟି ଫୌଜଦାରି ଓ ବ୍ୟାଙ୍କ ମାମଲା ରହିଛି। ମୋଟର ଦୁର୍ଘଟଣାଜନିତ ପ୍ରାପ୍ୟ ବାବଦକୁ ୬୨ଲକ୍ଷ ୬୦ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଅନ୍ୟାନ୍ୟ ମାମଲା ଏବଂ ବ୍ୟାଙ୍କ ଋଣ ଫଇସଲା ବାବଦକୁ ୨୧ଲକ୍ଷ ୩ହଜାର ୯୮୮ଟଙ୍କା ଆଦାୟ କରାଯାଇଛି।

ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତାରାପ୍ରସାଦ ରଥଙ୍କ ତତ୍ତ୍ୱାବଧାନରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ବିରଞ୍ଚି କୁମାର ରଥ, ଅତିରିକ୍ତ ଜିଲା ଦୌରାଜଜ୍ ଲଲାଟେନ୍ଦୁ ଜେନା, ମୁଖ୍ୟବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୋନାଲୀ ପଟ୍ଟନାୟକ, ବରିଷ୍ଠ ଦେୱାନି ବିଚାରପତି



ସିଭିଲ କୋର୍ଟ ପରିସରରେ ଜିଲା ଦୌରାଜଜ୍ ତାରାପ୍ରସାଦ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତ।

ଅଳ୍ପନା ସ୍ୱାଇଁ, ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ଶିବାନୀ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରେଖାରାଣୀ ନାୟକ ବିଭିନ୍ନ ଅଦାଲତରେ ମାମଲା ପରିଚାଳନା କରିଥିଲେ। ସିଭିଲକୋର୍ଟ ରେଜିଷ୍ଟ୍ରାର ସଞ୍ଜିତ କୁମାର ବେହେରା, ବରିଷ୍ଠ ଦେୱାନି ବିଚାରପତି (ମହିଳା ଅଦାଲତ) ଗୀତାଞ୍ଜଳି ନନ୍ଦ, ଜିଲା ଆଇନସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଅରୁଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସରକାରୀ ଆଇନଜୀବୀ ହରିହର ପଣ୍ଡା, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କନ୍‌ସିଲିସିଟର ସୁବାସିନୀ ମହାକୁଡ, କୋର୍ଟ ମ୍ୟାନେଜର ପ୍ରିୟଙ୍କା ମିଶ୍ରଙ୍କ ସମେତ ଜିଲା ଆଇନସେବା ପ୍ରାଧିକରଣ ସଦସ୍ୟ, ପାରାଲିଗାଲ ଭଲ୍ୟୁଣ୍ଟିୟର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

■ରାଜପଥରେ ଗ୍ୟାସ ଲିକ୍ ଘଟଣା

### ଝାରସୁଗୁଡ଼ା ଗଲା ଟ୍ୟାଙ୍କର

ଅନୁଗୋଳ ଅଫିସ, ୮।୯- କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥରେ ଶୁକ୍ରବାର ଗ୍ୟାସ ଲିକ୍ ହୋଇଥିବା ଟ୍ୟାଙ୍କରଟି ବିଳମ୍ବିତ ରାତିରେ ଝାରସୁଗୁଡ଼ା ଯାଇଛି। ଝାରସୁଗୁଡ଼ାରୁ ଆସିଥିବା ଆଇଓସିଏଲର ୫ ଜଣିଆ ଏକ୍ସପର୍ଟ ଟିମ୍ ଫ୍ୟାକ୍ଟ୍ରି ଓ ବଏଲ ଅଧିକାରୀଙ୍କୁ କ୍ଲିୟରାନ୍ସ ରିପୋର୍ଟ ଦେବା ପରେ ଉକ୍ତ ଗାଡ଼ିଟି ଝାରସୁଗୁଡ଼ା ଅଭିମୁଖେ ଯାଇଥିଲା। ଏତଲା ଅନୁଯାୟୀ ଟ୍ୟାଙ୍କର ଡ୍ରାଇଭର ଅନୁଗୋଳ ଥାନାରେ ଆସି ପହଞ୍ଚିବାକୁ କୁହାଯାଇଥିବା ଜଣାପଡିଛି।

### ଆଜି ଜିଲା କନଷ୍ଟେବଳ ପରୀକ୍ଷା

ଅନୁଗୋଳ ଅଫିସ, ୮।୯- ଅନୁଗୋଳ ଜିଲା ପୋଲିସର କନଷ୍ଟେବଳ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ରବିବାର ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏ ନେଇ ଶନିବାର ପୂର୍ବାହ୍ନରେ ଆଶାୟୀ ପ୍ରାର୍ଥୀଙ୍କୁ ମହାବିଦ୍ୟାଳୟ ଅଡ଼ିଟୋରିୟମ୍‌ରେ ଜିଲା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମଧ୍ୟାହ୍ନ ସାଢ଼େ ଗୋଟାଏରେ କଟକରୁ ପ୍ରଶ୍ନ ଆସି ଅନୁଗୋଳରେ ପହଞ୍ଚିଛି। ଏହି ପ୍ରଶ୍ନପତ୍ରକୁ ଜିଲା ସଶସ୍ତ୍ରଗାରରେ ରଖାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ପରୀକ୍ଷାରେ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ଅଧକ୍ଷ ଥିବାବେଳେ ପରୀକ୍ଷା ପରିଚାଳନା କରିବାକୁ ୫ ଜଣ ଇନ୍‌ସପେକ୍ଟର ର୍ୟାଙ୍କର ଅଧିକାରୀ ଓ ମହାବିଦ୍ୟାଳୟର ୫ ଜଣ ଅଧ୍ୟାପକ ରହିଛନ୍ତି। ସେହିପରି ଫ୍ଲାଇଙ୍ଗ ସ୍କ୍ୱାଡ଼ରେ ଆଡ଼ିସିନାଲ ଏସ୍‌ପି ସନ୍ତୋଷ କୁମାର ମିଶ୍ର ଓ ଡିଏସ୍‌ପି ରମେଶ କୁମାର ମୁଖୀ ରହିଛନ୍ତି। ୨୫ ଜଣ କନଷ୍ଟେବଳ ଓ ହାବିଲଦାର ଶାନ୍ତିଶୃଙ୍ଖଳା ପାଇଁ ନିୟୋଜିତ ହୋଇଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ତେବେ ପରୀକ୍ଷା ହଲ୍‌କୁ ପ୍ରାର୍ଥୀମାନେ ମଧ୍ୟାହ୍ନ ୧ଟାରେ ପ୍ରବେଶ କରିବେ। ଅପରାହ୍ନ ସାଢ଼େ ୪ଟାରୁ ୫ ଟା ୧୫ ପର୍ଯ୍ୟନ୍ତ ପରୀକ୍ଷା ହେବ। ସୂଚନାଯୋଗ୍ୟ, ଜିଲା ପୋଲିସ କନଷ୍ଟେବଳ ପାଇଁ ୨୧ଟି ପଦବୀରେ ୧୪୭ ପ୍ରାର୍ଥୀ ପରୀକ୍ଷା ଦେବେ।

### କଂଗ୍ରେସର ବନ୍ଦ ପାଳନ ପ୍ରସ୍ତୁତି

ଅନୁଗୋଳ ଅଫିସ,୮।୯- ଅନୁଗୋଳ କଂଗ୍ରେସ ଭବନଠାରେ ଆସନ୍ତା ୧୦ ତାରିଖରେ ହେବାକୁ ଥିବା ଭାରତ ବନ୍ଦ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟାରୁ ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇ ଆନ୍ଦୋଳନ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହେବ ବୋଲି କଂଗ୍ରେସ ଜିଲା ସଭାପତି ବିପ୍ଲବ ଜେନା ସୂଚନା ଦେଇଛନ୍ତି। ସେହିପରି ବନ୍ଦ ସମୟରେ ଆମ୍ବୁଲାନ୍ସ ଯାତାୟାତରେ କୌଣସି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି। କଂଗ୍ରେସ ଜିଲା ସଭାପତି ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ବେହେରା, ଜିତେନ୍ଦ୍ର ସାହୁ, ଦିଲୀପ ଦାସ, ପୂର୍ବତନ ନଗରପାଳିକା ସୁକାନ୍ତି ଦାସ, ଗୋପାଳ ନାଥ, ପୂର୍ବତନ ବ୍ଲକ ସଭାପତି ମୋହନ ସାହୁ, ଅନୁଗୋଳ ଆରସିଓମଏସ ସଭାପତି ଚିତ୍ତରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଜନଶୁଣାଣି କାର୍ଯ୍ୟକ୍ରମରେ ପରିବର୍ତ୍ତନ

ଅନୁଗୋଳ ଅଫିସ, ୮।୯- ଅନୁଗୋଳ ଜିଲା କଣିହାଁ ବ୍ଲକରେ ସୋମବାର ହେବାକୁ ଥିବା ଜନ ଶୁଣାଣି କାର୍ଯ୍ୟକ୍ରମରେ ପରିବର୍ତ୍ତନ ହୋଇଛି। କଣିହାଁ ପରିବର୍ତ୍ତେ ଜିଲା ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କଂଗ୍ରେସର ବନ୍ଦ ଡାକରା କାରଣରୁ ଏହି କାର୍ଯ୍ୟକ୍ରମ ପରିବର୍ତ୍ତନ କରାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରକାଶ କରିଛନ୍ତି।

### ଷ୍ଟେଶନରୁ ସାପ ଉଦ୍ଧାର

ଅନୁଗୋଳ ଅଫିସ, ୮।୯- ଅନୁଗୋଳ ରେଳ ଷ୍ଟେଶନରୁ ଶନିବାର ସନ୍ଧ୍ୟାରେ ଏକ ନାଗ ଛୁଆ ଉଦ୍ଧାର କରାଯାଇଛି। ସର୍ପ ଉଦ୍ଧାରକାରୀ ଆଦିତ୍ୟ ବେହେରା ନାଗ ଛୁଆକୁ ଉଦ୍ଧାର କରି ଏକ ସୁରକ୍ଷିତ ସ୍ଥାନରେ ଛାଡି ଦେଇଥିବା ଜଣାପଡ଼ିଛି।

ଅଟୋନମସ୍ ମାନ୍ୟତା ପାଇଁ ବୈଠକ

# ୩ ଦିନରେ ୟୁଜିସିକୁ ଦିଆଯିବ ଦସ୍ତାବିଜ

ଅନୁଗୋଳ ଅଫିସ, ୮।୯

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାର ସ୍ୱୟଂଶାସିତ ମାନ୍ୟତା ପାଇଁ ଥିବା ମାନଦଣ୍ଡ କମିଟିର ଏକ ବୈଠକ ବସିଥିଲା। ମାନ୍ୟତା ପାଇଁ ମହାବିଦ୍ୟାଳୟ ପକ୍ଷରୁ ସେଲ୍ଫ ଷ୍ଟଡ଼ିଜ ରିପୋର୍ଟ ପ୍ରସ୍ତୁତ ସରିଥିବା ଅଧକ୍ଷ ଡକ୍ଟର ଗଙ୍ଗାଧର କର ସୂଚନା ଦେଇଛନ୍ତି। ୩ ଦିନ ମଧ୍ୟରେ ଏ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ନିକଟକୁ ସମସ୍ତ ଦସ୍ତାବିଜ ପ୍ରଦାନ କରାଯିବା ସହ ଉତ୍କଳ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଆବେଦନ କରାଯିବ। ତେବେ ସ୍ୱୟଂଶାସିତ ମାନ୍ୟତା କଟାଯିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ହେଁ ସରକାରଙ୍କ ନିକଟରୁ କୌଣସି ଚିଠି କି ସୂଚନା ଆସି ନ ଥିବା ଅଧକ୍ଷ କର ସୂଚନା ଦେଇଛନ୍ତି।

ଅଧକ୍ଷଙ୍କ ସୂଚନା ମୁତାବକ, ମହାବିଦ୍ୟାଳୟ ପକ୍ଷରୁ ବାରମ୍ବାର ସରକାରଙ୍କ ନିକଟକୁ ଏକଜିକ୍ୟୁଟିଭ କମିଟି ଗଢ଼ିବା ପାଇଁ ଚିଠି ଲେଖାଯାଇଥିଲା। କିନ୍ତୁ ସରକାର ୨୦୧୭ ନଭେମ୍ବର ମାସରେ କମିଟି ଗଢ଼ିବା ପାଇଁ ସହମତି ପ୍ରଦାନ କରିଥିଲେ। ଏହାପରେ ୟୁଜିସି ଚଳିତବର୍ଷ ମେ ଶେଷରେ ଏକାଡେମିକ କାଉନସିଲ ଗଠନ କରିବାକୁ ସହମତି ଦେଇଥିଲେ। ଏହାପରେ ମହାବିଦ୍ୟାଳୟ ପକ୍ଷରୁ ସେଲ୍ଫ ଷ୍ଟଡ଼ିଜ ପାଇଁ ପ୍ରସ୍ତୁତି ଚାଲିଥିଲା। ତେବେ ଅଟୋନୋମିକ ଏକ୍ସଟେନ୍‌ସନ୍ ପାଇଁ ୨୦୧୨-୧୩ ଶିକ୍ଷା ବର୍ଷରେ ଅନୁଗୋଳର ପୂର୍ବତନ ଅଧକ୍ଷ ଆବେଦନ କରିଥିଲେ। କିନ୍ତୁ ସରକାରଙ୍କ ପକ୍ଷରୁ କୌଣସି ଉତ୍ତର ଆସି ନ ଥିଲା। ସେହିପରି ନାକ୍ ଟିମ୍ ୨୦୧୬ରେ ଆସିବାର କାର୍ଯ୍ୟକ୍ରମ ଥିଲେ ହେଁ ଏହି ଟିମ୍ ୨୦୧୭ ରେ ମହାବିଦ୍ୟାଳୟକୁ ଆସିବାରୁ ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। ତେବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବରୁ ନିଜସ୍ୱ ନାକ୍ ଟିମ୍ ନ ଥିବାବେଳେ ଏହା ଏବେ ନୂତନ ଭାବେ ଗଠନ ହୋଇଛି। ତେଣୁ ଏପରି ସମସ୍ୟା ଉପୁଜ ଥାଇପାରେ ବୋଲି କଲେଜ କର୍ତ୍ତୃପକ୍ଷ ଅନୁମାନ କରୁଛନ୍ତି। ଅନୁଗୋଳ ମହାବିଦ୍ୟାଳୟ ନାକ୍ ଟିମର ଥିବା ସମସ୍ତ ମାନଦଣ୍ଡ ପୂରଣ କରୁଛି। ତେଣୁ ଏନେଇ ଛାତ୍ରୀଛାତ୍ର କି ଅଭିଭାବକମାନେ ଭୟଭୀତ ନ ହେବା ପାଇଁ ମହାବିଦ୍ୟାଳୟ ଇଣ୍ଟରନାଲ କ୍ୱାଲିଟି ଆସ୍ୟୁରାନ୍ସ କୋଅର୍ଡିନେଟର ଡକ୍ଟର ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।



ବୈଠକରେ ଉପସ୍ଥିତ କଲେଜ କର୍ତ୍ତୃପକ୍ଷ।

## ଗ୍ରାମ ସମସ୍ୟା ନେଇ ଉପଜିଲାପାଳଙ୍କୁ ଦାବିପତ୍ର

ତାଳଚେର, ୮।୯(ନି.ପ୍ର.)

ତାଳଚେର ବ୍ଲକ ବାଲୁଙ୍ଗା ଓ ବାଲୁଙ୍ଗା ଖମାର ଗ୍ରାମବାସୀ ବିଭନ୍ନ ସମସ୍ୟା ନେଇ ଶନିବାର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ୧୯୮୯ ଠାରୁ ୨୦୦୬ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଗ୍ରାମର ଜମି ଏମସିଏଲ ପକ୍ଷରୁ ଅଧିଗ୍ରହଣ କରାଯାଇଛି। ଶାଗମାଛ ଦରରେ ଜମି ଦେଇ ନୂତନ କଲୋନୀରେ ବାସ କରୁଥିଲେ ହେଁ ଦୀର୍ଘ ବର୍ଷ ହେଲା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗରୁ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ଗ୍ରାମ ନିକଟରେ ଯାଇଥିବା କୋଲ କରିଡର ରାସ୍ତାରେ ପ୍ରତ୍ୟହ ହଜାର ହଜାର କୋଇଲା ଟ୍ରକ ଚଳାଚଳ ଦ୍ୱାରା ଗ୍ରାମବାସୀ ଧୂଳିଝଡ ଏବଂ ପ୍ରଦୁଷଣରେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ଆନ୍ଦୋଳନ କଲେ କେବଳ ପ୍ରତିଶ୍ରୁତି ମିଳୁଛି। ତେଣୁ ତୁରନ୍ତ ଗ୍ରାମବାସୀଙ୍କ ସମସ୍ତ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନ ନିଆଗଲେ ହେଲେ ଆସନ୍ତା ୧୮ ତାରିଖରେ ଗ୍ରାମବାସୀ ଖଣିବନ୍ଦ ସହିତ କୋଲ କରିଡର ରାସ୍ତାବନ୍ଦ କରିବେ ବୋଲି ପ୍ରଶାସନ ଓ ଏମସିଏଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ଗ୍ରାମ ସଭାପତି ରଙ୍ଗାଧର ନାହାକ, ସମ୍ପାଦକ ତପନ ବେହେରା, ଶ୍ରୀପତି ପ୍ରଧାନ, ମହେନ୍ଦ୍ର ବେହେରା, ପ୍ରଶାନ୍ତ ପ୍ରଧାନ, ଆଦିତ୍ୟ ପ୍ରଧାନ, ଅସିତ ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି।

## ସାପ୍ତାହିକ କାର୍ଯ୍ୟକ୍ରମ

➡୯।୯।୧୮
**ଢେଙ୍କାନାଳ**
ଜିଲାସ୍ତରୀୟ କବି ସମ୍ମିଳନୀ
ସ୍ଥାନ: ଗୋପବନ୍ଧୁ ଟାଉନ୍ ହଲ
ସମୟ: ପୂର୍ବାହ୍ନ ୯ଟା।
**ନାଲକୋ ନଗର**
ଉତ୍କଳ କରାଟେ ସ୍କୁଲ ଶାଖାର ପ୍ରତିଷ୍ଠା ଦିବସ
ସ୍ଥାନ: ନାଲ୍‌କୋ କର୍ମଚାରୀ ସଂଘ କାର୍ଯ୍ୟାଳୟ
ସମୟ: ସନ୍ଧ୍ୟା ୬ଟା।
➡୧୦।୯।୧୮
**ଢେଙ୍କାନାଳ**
ଜନ ଅଭିଯୋଗ ଶୁଣାଣି ଶିବିର
ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।
**ନାଲ୍‌କୋ ନଗର**
ଗଣେଶ ପୂଜା ପ୍ରସ୍ତୁତି ବୈଠକ
ସ୍ଥାନ: କାଣ୍ଡସର
ସମୟ: ମଧ୍ୟାହ୍ନ ୧୨ଟା।
**ଅନୁଗୋଳ**
ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ
ସ୍ଥାନ: ଥାନା ଛକ
ସମୟ: ସକାଳ ୬ଟା।
■ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ
ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।
➡୧୧।୯।୧୮
**ଢେଙ୍କାନାଳ**
ମହିମା ଗାଦିରେ ନବାହ୍ନ ଉତ୍ସବ
ସମୟ: ଭୋର ୪ଟା
ସ୍ଥାନ: ଯୋରନ୍ଦା ମହିମାଗାଦି।
**ନାଲ୍‌କୋ ନଗର**
ନେସ୍‌ର ବୈଠକ
ସ୍ଥାନ: ନେସ୍ ସଂଘ କାର୍ଯ୍ୟାଳୟ
ସମୟ: ସନ୍ଧ୍ୟା ୬ଟା।
**ବଅଁରପାଳ**
ମା' ମହାପାଟଙ୍କର ବାର୍ଷିକ ପୂଜା
ସ୍ଥାନ: ତୁଳସୀପାଳ
ସମୟ: ଅପରାହ୍ନ ୨ଟା।
➡୧୨।୯।୧୮
**ଅନୁଗୋଳ**
ସରସ ମେଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମ
ସ୍ଥାନ: ନାଲକୋନଗର
ସମୟ: ଅପରାହ୍ନ ୫ଟା।
■ମା' ଡାଙ୍ଗରାଶୁଣୀ ଗ୍ରାମଦେବୀଙ୍କ ବାର୍ଷିକ ପୂଜା ଉତ୍ସବ
ସ୍ଥାନ: ପଣ୍ଡପୁର
ସମୟ: ମଧ୍ୟାହ୍ନ ୧୨ଟା।
➡୧୩।୯।୧୮
**ନାଲ୍‌କୋ ନଗର**
ବିଶ୍ୱକର୍ମା ପୂଜା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ
ସ୍ଥାନ: ନାଲ୍‌କୋ ଟ୍ରକ ମାଲିକ ସଂଘ
ସମୟ: ପୂର୍ବାହ୍ନ ୧୦ଟା।
**ଅନୁଗୋଳ**
ଗଣେଶ ପୂଜା
ସ୍ଥାନ: ଅନୁଗୋଳ
ସମୟ: ମଧ୍ୟାହ୍ନ ୧୨ଟା।
➡୧୪।୯।୧୮
**ନାଲ୍‌କୋ ନଗର**
ମା' କଳାପାଟ ପୂଜା ପାଇଁ ବୈଠକ
ସ୍ଥାନ: କୁଲାଡ଼
ସମୟ: ଅପରାହ୍ନ ୨ଟା।

■ଜନଜୀବନ ସୁରକ୍ଷା କମିଟିର ସମାବେଶ

# ସ୍ୱାସ୍ଥ୍ୟସେବା ନ ସୁଧୁରିଲେ ଆନ୍ଦୋଳନ

ଅନୁଗୋଳ ଅଫିସ, ୮।୯

ଅନୁଗୋଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାରେ ସୁଧାର ଦାବିରେ ଅନୁଗୋଳ ଜନ ଜୀବନ ସୁରକ୍ଷା କମିଟି ପକ୍ଷରୁ ଏକ ଜିଲାସ୍ତରୀୟ ସମାବେଶ ଶନିବାର ସ୍ଥାନୀୟ କଳାକେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ଆଇନ୍‌ଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ତାଳଚେରରେ ନିର୍ମାଣ ହେଉଥିବା ମେଡ଼ିକାଲ କଲେଜରେ ଚଳିତ ବର୍ଷ ଠାରୁ ନାମ ଲେଖା ଆରମ୍ଭ କରାଯିବା, ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡ଼ିକାଲ କଲେଜରେ ପରିଣତ କରିବା, ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର ଆଦି ପାଇଁ ସମାବେଶରେ ସାମିଲ ହୋଇଥିବା ୨୫ଟି ସଙ୍ଗଠନ ପକ୍ଷରୁ ଦାବି ହୋଇଥିଲା।

କମିଟିର ଅଭିଯୋଗ ମୁତାବକ, ଧୂଳି, ଧୂଆଁ, ପାଉଁଶ ପ୍ରଦୂଷଣରେ ଅତିଷ୍ଠ ଜିଲାବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିଲେ ହେଁ ସେମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ସରକାର ତତ୍ପର ହେଉନାହାନ୍ତି। ଜିଲାର ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ୪୬ଟି ଡାକ୍ତରଖାନାରେ ୧୯୬ ଡାକ୍ତର ପଦବୀ ବଦଳରେ ମାତ୍ର ୯୨ଜଣ ଡାକ୍ତର ଅଛନ୍ତି। ତୁରନ୍ତ ନୂତନ ଡାକ୍ତର ନିଯୁକ୍ତି ସହ ଦାବି ପୂରଣ ଦିଗରେ ସରକାର ବିହିତ ପଦକ୍ଷେପ ନ ନେଲେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ କମିଟିର ଅନ୍ୟତମ ଆବାହକ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଆଇନ୍‌ଜୀବୀ ପ୍ରଭାତ କୁମାର ଦାସ, ନଗରପାଳ ଅକ୍ଷୟ କୁମାର ସାମନ୍ତ, ଓକିଲ ସଂଘ ସଭାପତି ଦିଲୀପ କୁମାର ଦାସ, ଅବସରପ୍ରାପ୍ତ ପ୍ରାଧାପିକା ରମାମଣି ସାହୁ, ଇନ୍ଦିରା ଦାସ, ଜୟାନନ୍ଦ ନାୟକ, ତାଳଚେର ପରିବେଶ ଓ ଜନଜୀବନ ସୁରକ୍ଷା କମିଟି ଆବାହକ ପଦ୍ମନାଭ ସାମଲ, ମାନସୀ ସ୍ୱାଇଁ, ଜିଲା ବଣିକ ସଂଘ ସଭାପତି ଅଶୋକ କୁମାର ଜୈନ, ସମ୍ପାଦକ ନୀଳାଚଳ ପ୍ରଧାନ, ବଡକେରା ଜନଜାଗରଣ ମଞ୍ଚ ସଭାପତି ଅଚ୍ୟୁତାନନ୍ଦ ମିଶ୍ର, କିଶୋର ଚନ୍ଦ୍ର ରାଉଳ, ରମେଶ ଚନ୍ଦ୍ର ସାହୁ, ନିର୍ମଳ କୁମାର ସାହୁ, ମାନସ ପାଳ, ଛୋଟଗାଡି ମାଲିକ ସଂଘ ସଭାପତି ଅକ୍ଷୟ କୁମାର ନାଏକ, ସାମାଜିକ କର୍ମୀ ଅଜୟ ଭାଇ, ପ୍ରସାଦି ପ୍ରଧାନ, ସୂର୍ଯ୍ୟକାନ୍ତ ଦାସ, ହେମନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




# ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

ତାଳଚେର, ୮।୯(ନି.ପ୍ର.)

ତାଳଚେର ବ୍ଲକ ସାଉଥବଳଣ୍ଡା ସ୍ଥିତ ଜଗନ୍ନାଥ କଳାକେନ୍ଦ୍ର ପରିସରରେ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗନ୍ନାଥ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଶ୍ରୀବତ୍ସ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ବୟନ ଶିଳ୍ପ ଅଧିକାରୀ ଉପେନ୍ଦ୍ର କୁମାର ଦେବତା, ସ୍ୱାଧୀନବାଳା ସାହୁ, ସାମାଜିକ କର୍ମୀ କ୍ଷୀରୋଦ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରକଳ୍ପ ଅଧିକାରୀ ସାହୁ ପ୍ରଦର୍ଶନୀରେ ପଡ଼ିଥିବା ବିଭିନ୍ନ ପ୍ରକାର ଶାଢ଼ି, ବେଡସିଟ୍, ଡ୍ରେସ କପଡା ଆଦିର ଡିଜାଇନ୍, ଗୁଣବତାକୁ ଦେଖି ପ୍ରଶଂସା କରିଥିଲେ। ପରେ ଓଡ଼ିଶାର କୋଣ ଅନୁକୋଣରେ ହସ୍ତତନ୍ତ କଳାର ପ୍ରଚାର, ପ୍ରସାର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଗୋଳ, ବରଗଡ, ଢେଙ୍କାନାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର ଆଦି ଜିଲାର ୧୮ଟି ପ୍ରାଥମିକ ବସ୍ତ୍ର କ୍ରୟ ସହଯୋଗ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ବିଭାଗୀୟ ବୟନ ତତ୍ତ୍ୱାବଧାରକ ଶାନ୍ତନୁ କୁମାର ମେହେର, ସଂପୂର୍ଣ୍ଣାନନ୍ଦ ପ୍ରଧାନ, ବୟନ ସହାୟକ ମାୟାଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସାତମାଇଲ, ୮।୯(ଡି.ଏନ୍.ଏ.)

ସାତମାଇଲସ୍ଥିତ ଜନତା କଲେଜରେ ରାଜନୀତି ବିଜ୍ଞାନ (ସମ୍ମାନ) ବିଭାଗ ପକ୍ଷରୁ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବିଭାବତୀ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ. ପ୍ରମୋଦ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ସହ କଲେଜର ସୁନାମ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ରୁମୁଲି ନନ୍ଦ, ଅନିତା ଅଞ୍ଜଳୀ ସାହୁ ପ୍ରମୁଖଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# 'ଜନ ବିରୋଧୀ ନୀତିରେ ଚାଲୁଛି କେନ୍ଦ୍ର'

ଅନୁଗୋଳ ଅଫିସ/ ବଇଣ୍ଡା/ଛେଣ୍ଡିପଦା/ତାଳଚେର/ କଣିହାଁ ୮।୯(ଡି.ଏନ.ଏ.)(ନି.ପ୍ର)

ତୈଳ ଦର ବୃଦ୍ଧି ପ୍ରତିବାଦରେ ଶାସକ ବିଜେଡି ପକ୍ଷରୁ ପେଟ୍ରୋଲ ପମ୍ପଗୁଡିକରେ ପ୍ରତିବାଦ କରାଯାଇଛି। ଜନ ବିରୋଧୀ ନୀତିରେ କେନ୍ଦ୍ର ସରକାର ଚାଲିବା ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ଦିନକୁ ଦିନ ବୃଦ୍ଧି ହେଉଥିବା ଜିଲା ବିଜେଡି ଅଭିଯୋଗ କରିଛି। ଫଳରେ ସାଧାରଣ ଜନତା ଶୋଷଣର ଶିକାର ହେଉଛନ୍ତି। ତେଣୁ ତୁରନ୍ତ ପେଟ୍ରୋଲ, ଡିଜେଲ ଦର ହ୍ରାସ କରିବାକୁ ଦଳୀୟ ନେତା, କର୍ମୀ ଦାବି କରି ଜିଲାର ସମସ୍ତ ପେଟ୍ରୋଲ ପମ୍ପରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦିନେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଗୋଳ କାଲଟାକ୍ସ ସ୍ଥିତ ପେଟ୍ରୋଲ ପମ୍ପରେ ଅନୁଷ୍ଠିତ ବିକ୍ଷୋଭରେ ତାମଡ଼ା ଅଧକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ, ବଅଁରପାଳ ବ୍ଲକ ଉପାଧକ୍ଷ ପ୍ରଶାନ୍ତ କୁମାର ବେହେରା, ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ସପେନ୍ଦ୍ର ସାହୁ, ଚନ୍ଦ୍ରକାନ୍ତ ପ୍ରଧାନ, ଚନ୍ଦନ କୁମାର ନାୟକ, ବଅଁରପାଳ ବ୍ଲକ ଯୁବ ବିଜେଡ଼ି କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଥମ୍ବ, ଆଇନଜୀବୀ ପ୍ରଦୀପ ଦେବତା, ସୁଜିତ ସାହୁ, ବିଜୁ ମହିଳା ଜନତା ଦଳ ଉପାଧକ୍ଷା ତପସ୍ୱିନୀ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିଭଳି ଅନୁଗୋଳର ରାଜ ହୋଟେଲ ନିକଟରେ ଥିବା ପେଟ୍ରୋଲ ପମ୍ପ ଠାରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ପ୍ରସାଦ ଦ୍ୱିବେଦୀ, ନଗର ସଭାପତି ବିଜୁ ଜନତା ଦଳ ମହେନ୍ଦ୍ର କୁମାର ବସ୍ତିଆ, ନିର୍ବାଚନ ମଣ୍ଡଳୀ ସଭାପତି ଯୁବ ଅଜିତ ପ୍ରସାଦ ଦ୍ୱିବେଦୀ, ନଗର ସଭାପତି ବିଜୁ ଯୁବ ଜନତା ଦଳର ବିଶ୍ୱରଞ୍ଜନ ସାହୁ ପ୍ରମୁଖ ପ୍ରତିବାଦରେ ସାମିଲ ହୋଇଥିଲେ। କିଶୋରନଗର ବ୍ଲକ ବିଜେଡି ପକ୍ଷରୁ ବ୍ଲକ ବିଜେଡି ଯୁବ ସଭାପତି ପ୍ରତାପ ମାଝିଙ୍କ ନେତୃତ୍ୱରେ ଡେବେରାପାଲି ଓ ଜାମୁନାଳୀଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୁର୍ଯ୍ୟୋଧନ ପ୍ରଧାନଙ୍କ ନେତୃତ୍ୱରେ ବିକ୍ଷୋଭରେ ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ରଞ୍ଜନ କୁମାର ସାହୁ, ବିପିନ ପରିଡ଼ା, ଅନୀଲ ବେହେରା, ଦୟାନିଧି ନାୟକ, ନିର୍ମଳ ସେଠୀ, ଅରିକ୍ଷିତ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଛେଣ୍ଡିପଦା ବ୍ଲକ ବିଜେଡି ଯୁବ ସଭାପତି ରାକେଶ କୁମାର ନାଥଙ୍କ ନେତୃତ୍ୱରେ ବ୍ଲକ ବିଜେଡି ସଭାପତି ଶ୍ରୀଧର ଗଡନାୟକ, ଛାତ୍ର ସଙ୍ଗଠନ ସଭାପତି ସତ୍ୟବ୍ରତ ଦେହୁରୀ, ପଞ୍ଚୁନାଥ ପ୍ରଧାନ, ସରପଞ୍ଚ ସଞ୍ଜୟ ପ୍ରଧାନ, ଶଶିଭୂଷଣ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଏଥିସହ ଛେଣ୍ଡିପଦା, ଗୋପୀନାଥପୁର, ମାମୁରିଆ, ନୂଆପଡା, ବାଗେଡିଆ, ଫୁଲଝରୀ, ଜରପଡା ଆଦି ସ୍ଥାନରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ଦଳୀୟ କର୍ମୀମାନେ ପ୍ରତିବାଦ କରିଥିଲେ। ସେହିପରି ତାଳଚେର ବିଜେଡି ପକ୍ଷରୁ ଆସିଫ୍ ଖାନଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ବିଜେଡି ଜିଲା ଉପସଭାପତି ସନ୍ତୋଷ ପ୍ରଧାନ, ଜିଲା ଯୁବ ସାଧାରଣ ସମ୍ପାଦକ ରାଜେଶ ଦାସ, ଯୁବ ସଭାପତି ମନୋଜ ସାହୁ, ଶୋଭେନ୍ ମିଶ୍ର, ଅକ୍ଷୟ ମହାପାତ୍ର, କାଉନସିଲର ଅରବିନ୍ଦ ବାରିକ, ବ୍ଲକ୍ ସାଧାରଣ ସମ୍ପାଦକ ସନ୍ତୋଷ ପ୍ରଧାନ, ମନୋଜ ମହାପାତ୍ର, ନିର୍ମଳ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। କଣିହାଁ ବିଜେଡି ତରଫରୁ ଏନ୍‌ଟିପିସି କଣିହାଁ ଓ ଡେରେଙ୍ଗ ରାସ୍ତାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପାଲଲହଡ଼ା ବିଧାୟକ ମହେଶ ସାହୁଙ୍କ ନେତୃତ୍ୱରେ ବିଜେଡି କାର୍ଯ୍ୟକର୍ତ୍ତା ବିକାଶ ସାହୁ, ଶ୍ୟାମସୁନ୍ଦର ସାହୁ, ସୁନୀଲ ପ୍ରଧାନ, ପ୍ରଫୁଲ୍ଲ ସ୍ୱାଇଁ, ରଞ୍ଜନ ସାହୁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।



ଅନୁଗୋଳର ଏକ ପେଟ୍ରୋଲ ଟାଙ୍କିରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ପୂର୍ଣ୍ଣ ଅନୁଦାନ ଦାବିରେ ଆନ୍ଦୋଳନ

ଛେଣ୍ଡିପଦା,୮।୯(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ଜରପଡ଼ା ପତିତପାବନ କଲେଜର ଅଧ୍ୟାପିକା ଅଧ୍ୟାପକମାନେ ପୂର୍ଣ୍ଣ ଅନୁଦାନ ଦାବିରେ ଶନିବାର କଲେଜରେ ତାଲା ପକାଇବା ସହ ଫାଟକ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଯୋଗ୍ୟତା ଦିନଠାରୁ ପୂର୍ଣ୍ଣ ଅନୁଦାନ ଦାବିରେ ସ୍କୁଲ ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନକ୍ରମେ ଦୀର୍ଘ ୨୫ ଦିନ ଧରି ଭୁବନେଶ୍ୱର ଗାନ୍ଧିମାର୍ଗରେ ଅହୋରାତ୍ର ଧାରଣାରେ ବସିଥିଲେ ମଧ୍ୟ ସରକାର ସେମାନଙ୍କ ଦାବିଗୁଡ଼ିକୁ କର୍ଣ୍ଣପାତ କରୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ସରକାର ଦାବି ଗୁଡ଼ିକୁ ପୂରଣ ନ କଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। କଲେଜ ଅଧ୍ୟାପକ ସୁଶୀଲ କୁମାର ପ୍ରଧାନ, ଅଶୋକ ବିଶ୍ୱାଳ, ହରମୋହନ ଦାସ, ଅଧ୍ୟାପିକା ଶୋଭାଗିନୀ ସାମଲ, ରୀତାରାଣି ସ୍ୱାଇଁ, ନିରଞ୍ଜନ ନାଏକଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଅଧ୍ୟାପିକାଅଧ୍ୟାପକ ଧାରଣା ଦେଇଥିଲେ।

**ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।




## BRIDE WANTED

Manglic bride professional, serving for my son B.Engg., MBA working at Bangalore as Business analyst. Contact: Dr. Satrughna Behera. 7750852243. D-64148

Need any caste bride for a sc handsome boy (29) working in L&T. 7381460017. D-60812

## GROOM WANTED

ଭୁବନେଶ୍ୱରର ବ୍ରାହ୍ମଣ ଝିଅ ୩୪ ପାଇଁ ଉପଯୁକ୍ତ ପାତ୍ର ଆବଶ୍ୟକ। 9861135199. D-8205

(Chemical laboratory) ସରକାରୀ ଚାକିରି କରୁଥିବା 45 ବର୍ଷ ଝିଅ ପାଇଁ ଯେ କୌଣସି ଜାତିର ଘର ଜ୍ୱାଇଁ ବରପାତ୍ର ଆବଶ୍ୟକ। 8658204685. D-8193

Searching only caste groom (32-45) for a beautiful Khandayat girl (30) working in private company. 9658674636. D-60811

Now Matrimonial ads. only on Wednesday & Sunday
Book 1 Get 1 FREE




## SALE

Maruti Scross diesel 2016, Hondacity 2014, WagonR- 2011, Pajero- 2012, BMW- 1987, Skoda- 2015. 9438736070. D-63363

2013 model Ashok Leyland bus (AC sleeper, push back) tiptop running condition for sale. Contact: 8895475842, 8270120771. D-64139

Used car for sales. All models, attractive prices, spot finance, free accessories. Call: 9776900444, 9583011021. Conditions apply. D-64147

## HIRE

ଭାଟିକାମରେ ଦଶ ଚକିଆ/ ଛଅ ଚକିଆ/ 1109/ ଟ୍ରକ/ (ଟ୍ରାକ୍ଟର ଲୋଡର) ଆବଶ୍ୟକ। 9348100744, 9938732257. D-63488




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64125

ଜଟଣୀଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି ପ୍ଲଟ୍ ମିଳୁଅଛି। 9439864322. D-64301

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

**2/3BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 30 Lakhs Contact: 9937059891, 8908312315, 8908292617.** D-8309

1300, 2500, 4500 sqft. individual boundary wall residential plot at Canal Road, Hanspal. Owner: 9437033320. D-64308

ଭୁବନେଶ୍ୱର ପଟିଆ Railway Stationରୁ 1.5km. ଘରକରିବା ପାଇଁ plot 1200 ବର୍ଗଫୁଟକୁ 4,20,000/-ରେ ମିଳୁଛି। Immediate registration/ possession. 9937032327, 9337061817. D-64311

Readymade new 3BHK flat at BJB Nagar, no tax. 9439716901 (Broker not allowed). D-64143

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64144

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-8305

Bhubaneswar AIIMS Hospital DOON School 30' road gharabari possession plot. 9438763122. D-62786

Ready to move 2/3BHK flat and duplex 200 mtrs from mainroad near Patia Bigbazaar/ Raghunathpur. 8249533255. D-62788

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡକୁ ଲାଗି sqft. 450/-ରେ ବିକ୍ରିହେବ। 9438855652, 9090053827. D-64302

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

BDA, RERA, SBI approved 3BHK flats for sale at Hanspal with PMAY benefits upto Rs.- 2.67 lakh at "Surekha Niwas" nearing completion. Contact: 9124000999, 9124000333. D-61497

4BHK duplex at Balianta/ (land-1400 construction-2100) @ 50 lakh. Residential gharabari land at Patrapada @ 2100, Malipada @ 1050, Nuagaon @ 800/1400, Hanspal @ 1700. Contact- M-Planets: 9861022055, 9938219397. D-8306

GA plot freehold in Sahidnagar, Bhubaneswar. Builtup area approximately 5000 sqft. Interested person please contact: 9337388522, 9938622897. D-62789

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9853035888, 9437285016. D-8186

ଭୁବନେଶ୍ୱର ଧଉଳି ଛକରେ 3000 sft. ଜାଗା ଉପରେ 1800sft ର ଏକମହଲା ରହିବା ଘର, ଉପର ମହଲା ଛାତ ଲେବୁଲ ପିଲର, 80,00,000/- ଟଙ୍କାରେ ବିକ୍ରିହେବ। କେବଳ କ୍ରେତା ଯୋଗାଯୋଗ କରିବେ। 9437077990. D-8317

15.12 lacs 1BHK flats ପୁରୀରେ କିଣନ୍ତୁ, book @ 50,000. 9124289585. D-8304

One two storied residential building on 16 Decimal land at Kanchan Bazar, Dhenkanal is ready for sale. 9437864529, 7978040150, 9090677600. D-59519

## PURCHASE

Required developed land outright/ sharing in BDA only owner: 9861211481. D-64304

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64145

ନୟାପଲ୍ଲୀରେ 3BHK, 3/2 ବାଲ୍‌କୋନୀ, 3/2 bathroom, garage ଥିବା flat 55,00,000/- ଭିତରେ sale କରିବାକୁ ଚାହୁଁଛନ୍ତି କି? 8249533255. D-62790




Construction of home and shop with branded materials for 450/- and 1000/-. Mob: 9176647692. D-7923

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-8310




3BHK first floor with terrace, garage available at Lewis Road, Bhubaneswar for rent. Ideal for Govt./ Company Executive. Contact: 7978961726. D-63364

**Furnished office space 2000 sqft. at Nalco Square, Chandrasekharpur, Bhubaneswar. 9776021815.** D-64305

3BR with separate drawing, dining, 2nd floor, rent- 9000/- Bramheswarpatna, Tankapani Road, Bhubaneswar. Contact: 9437199397. D-63366

Single room for ladies at Prachi Vihar, Rasulgarh, BBSR. Contact: 6371073404. D-63487

House at CRP Square available for family of Government employee. Contact: 9438048807. D-58693

2BHK marble furnished at Indira housing Colony Lingipur for family/ office, Rs. 8000/-. 9778031311. D-59836

Ground floor 3BHK at Sivanagar, Tankapani Road, Bhunbaneswar contact for rent: 9090431400. D-8314

Commercial 2000 sqft., 1st floor house near main road side, Ekamra Kanan, Jaydev Vihar, Bhubaneswar with 3AC, chairs and partitions, conference hall on rent bank and corporate houses preferred. 9437267037, 8895704207, 7978915845. D-64146

Duplex bungalow with 3bedrooms, drawing, dinning with kitchen, puja and garage at Shri Jagannatha Villa Radhakrushna Nagra, Garage Chhak, Lewis Road, Bhubaneswar. Contact: 7008898546. D-63914

4400 sft. GA 267 available in Sailashree Vihar for companies and residences etc. Contact No: 9437284089. D-63838

## GENERAL

## SALE

କଲେଜବ୍ୟାଗ୍ ସ୍କୁଲ, ଲଗେଜ, ଲେଡିଜ୍‌ବ୍ୟାଗ କଲିକତା ଦାମ୍‌ରେ ବିକ୍ରିହେବ। College bag School, luggage, ladies bag for sale. 7978677350, 9778250077. D-59917

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64306

Gun for sale, 12 bore webly & scott, single barrel, good condition: 9437009519. D-63367




Gangtok, Darjeeling, Jaipur, Agra, Ajmer Rs. 12,500/-. Simla, Manali Rs. 12,000/-, Goa Rs. 9000/-, Siridi, Tryambakeswar, Nasik Rs. 5500/-. Each includes accommodation, food, taxi, Sight seeing. 8763309307. D-60921




A-class packers & movers. Household relocation countrywide. 9338820222, 9938534188. D-8198




Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Newly open herbal full body massage with refreshment. 7381239335. D-63085

Ayurvedic full body massage ladies / gents smart expert therapist. 9114697517. D-63068

Bangkok spa special offer 50% off on all 1hrs any full body massage. 9861688844, 8018739084. D-63599

Newly opening ayurvedic body massage in joint pains, smart therapist. 9776383819. D-64132

Newly opening ayurvedic body massage smart therapist, Shree Herbal. 7750020754. D-64133

Experience full body massage with us by experts enquiry. 7377048581. D-64142

Herbal full body massage by smart/ expert therapist. Contact: 8338067247. D-64134

Sonali ayurvedic full body massage/ smart lady expert therapist. Best facility. 9661643016, 9572698260, 9934132232, 9631368840. D-8096

Opening newly ayurvedic full body massage ladies & gents. 7438851534, 7609923705. D-38527

Singar massage club fully relaxed by expert lady also home service available. Contact: 9937637219. D-8319

All type of massage and good therapy full body massage Sai herbal spa. 7609005923. D-64202

Physiotherapy and herbal massage by trained ladies/ gents therapist. 7008773793. D-63492




Earn huge income become channel partner, networker, stockist, distributor of India's biggest herbal co. offering products herbal drops, medicines & cosmetics. 09868021369. D-8250

## LOST

ଏତଦ୍ୱାରା ଆପଣଙ୍କୁ ବିନମ୍ର ଅନୁରୋଧଯେ, ଆମ୍ଭର ଅସଲ ଖତିୟାନ (ନଂ. ୧୭୩/୫୫୬), ପ୍ଲଟ ନଂ- ୧୧୩୩, ମୌଜା- ବେଗୁନିଆ ବରେଇ, ଏରିଆ (୦.୦୫୫ଡି) ତା. ୦୫।୦୯।୨୦୧୮ ଦିନ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ 9437030244ରେ ଯୋଗାଯୋଗ କରନ୍ତୁ। ଧ-୬୩୯୧୩

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



(କ୍ରିସ୍)
**ସୌରଭ ରଞ୍ଜନ ବିଶ୍ୱାଳ**
**ପହଙ୍ଗା, ନିଆଳୀ, କଟକ**

ଆଜି ତୋର ତୃତୀୟ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ ଓ ମଧୁମୟ କରିବା ସହ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବଡବାବା, ବଡମମି, ମଝିଆବାବା, ମଝିଆମମି, ବାବା, ମାମା, ମୁନୁ, ମାମୁ, ଦିଦି, ଭାଇ, ବନ୍ଧୁ ଓ ପରିବାରବର୍ଗ। ଧ-୬୩୪୯୧

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# CLASSIFIED BOOKING STATIONS

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob-9337180581, 9124380581

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph-2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**PANCHAMUKHI ADVERTISERS**
Baramunda, Jagannath Vihar, Lane no-4, Road No-2, BBSR. Mr. Prasanta Kumar Nayak, Mob: 9438689186.

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଦୁର୍ଗା ଚରଣ ନାୟକ**

ହଜି ଯାଇଥିବା ତୁମ
ଜୀବନର ବର୍ଷଟିଏ,
ତୁମ ସମ ସ୍ୱାଭିମାନୀ
ସତ୍ୟ ନ୍ୟାୟ ମୂର୍ତ୍ତିଟିଏ।
ତୁମ ନୀତି ଆଦର୍ଶର
ଏଇ ଚଲା ପଥଟିଏ,
କରୁଣା ଆଶିଷ ତବ
ହୋଇଗଲା ଗପଟିଏ।

ତୁମ କରୁଣା ଆଶାୟୀ ହତଭାଗିନି କାବେରୀ, ଲିଟୁ, ମାମିନା, ବାବୁଲି, ବଟ, ଟୁନା, ମମ, ରାନୁ, ଝୁନୁ, ରିଷି, ମାମୁନି, ବାପୁ, ମାମାଲି, ସୋନୁ ଓ ତୁମ ପ୍ରମୋଦ। ଧ-୬୪୩୦୯

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ପୃଷ୍ଟି**

ତିରୋଧାନ: ୦୭।୦୯।୨୦୧୦
(ଭାଦ୍ରବ କୃଷ୍ଣ ଚତୁର୍ଦ୍ଦଶୀ)
ଆଜି ୮ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୬୩୪୯୦

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଶ୍ରୀମତୀ ସୁଷମା ସୁନ୍ଦରୀ ପଟ୍ଟନାୟକ**

ଆବିର୍ଭାବ: ମଇ ୧୯୩୩ ମସିହା
ତିରୋଧାନ: ତା ୦୧।୦୯।୨୦୧୬ ରିଖ
ବୋଉ ଲୋ ତୋ ଯିବା ସରଗ ରାଇଜ
ଦୁଇବର୍ଷ ପୂରା ହେଲା,
ତୋ ଚରଣ ତଳେ ସରଗ ଆମର
କାହିଁ ସେତ ହଜିଗଲା।
ତୋ' ସ୍ନେହ କାଙ୍ଗାଳ ଚିରଦିନ ଆମେ
ରହିଗଲୁ ଏହିପରି,
ବଞ୍ଚିଛୁ ବଞ୍ଚିବୁ ଏ ସାରା ଆୟୁଷ
ତୋର' ମମତା କୁ ଝୁରି।
ହତଭାଗ୍ୟ ପୁଅ/ ଝିଅ ତଥା ସମସ୍ତ ପଟ୍ଟନାୟକ ପରିବାର ଓ ବନ୍ଧୁବର୍ଗ। ମଳିପଡା, ଭୁବନେଶ୍ୱର। ଧ-୮୩୨୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଏସ୍. ପ୍ରକାଶ ରାଓ ଦୋରା**
**ଭେଟନଇ (ଗଞ୍ଜାମ)**
**ତିରୋଧାନ : ୨୧-୦୮-୨୦୧୭**

ଆଜି ଆପଣଙ୍କ ତିରୋଧାନର ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
ଅଭାଗିନୀ ପତ୍ନୀ - ଏସ୍. ଲାଛ୍ମୀ
ପୁତ୍ର- ତୁଳସୀ ରାଓ, ପୁତ୍ରବଧୂ - ପିଙ୍କି
ଝିଅ - ପଦ୍ମିନୀ, ବୁନୁ, ଜ୍ୱାଇଁ- ଗୋପୀ, ସାଇ
ନାତି-ନାତୁଣୀ- ରାଜ୍‌ଦୀପ, ସନ୍ଦୀପ, ମାମାଲି, ଚିନୁ, ସୋନାଲି
ଏବଂ ପରିବାର ଓ ଆତ୍ମୀୟ ସ୍ୱଜନ
ଧ-୮୩୧୬

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ରବୀନ୍ଦ୍ର ନାଥ ପରିଡ଼ା**

ଅଲଣ୍ଡା, ପୁରୀ,
ଗଡଗୋପୀନାଥପ୍ରସାଦ, ଭୁବନେଶ୍ୱର
ପୂର୍ବତନ ହାଲ୍ ସୁନାବେଡ଼ା କର୍ମଚାରୀ
ଆବିର୍ଭାବ: ଶ୍ରାବଣ ଶୁକ୍ଳ ଏକାଦଶୀ ୧୯୩୦
ତିରୋଧାନ: ଭାଦ୍ରବ ସପ୍ତପୁରୀ ଅମାବାସ୍ୟା ୨୦୧୬
ଚାହୁଁ ଚାହୁଁ ୨ ବର୍ଷ ବିତିଗଲା। ଆପଣଙ୍କ ଅବର୍ତ୍ତମାନରେ ଆପଣଙ୍କ ସ୍ମୃତିକୁ ପାଥେୟ କରି ଆମ୍ଭେମାନେ ଚାଲୁଅଛୁ। ଆଜି ଏ ପବିତ୍ର ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପ୍ରଭାତୀ ଓ ପରିବାରବର୍ଗ। ଧ-୫୬୧୪୮

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

| | | |
|---|---|---|
| Dollar | 26 | 71.73 |
| Sensex | 147.01 | 38,389.82 |
| Nifty | 52.20 | 11,589.10 |
| Gold | ₹ 100 | 30,350.00 |
| Silver | ₹ 50 | 37,275.00 |

"କମ୍ପାନୀରୁ ଅବସର ନେବା ଏକ ଯୁଗର ଅବସାନ ନୁହେଁ, ବରଂ ନୂଆ ଆରମ୍ଭ । ଶିକ୍ଷାକୁ ଭଲପାଏ, ଏଣୁ ଏଥିରେ ଅଧିକରୁ ଅଧିକ ସମୟ ବିନିଯୋଗ କରିବି ।

– ଜ୍ୟାକ୍ ମା, ପ୍ରତିଷ୍ଠାତା, ଆଲିବାବା



"ଆଗାମୀ ୫ ବର୍ଷରେ ଇରାନ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଦ୍ୱିଗୁଣିତ କରିବାକୁ ପ୍ରସ୍ତାବ ଦିଆଯାଇଛି ।

– ସୁରେଶ ପ୍ରଭୁ, ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ



# ୮୦ ଟପିଲା ପେଟ୍ରୋଲ

## ନଭେମ୍ବରରେ ମିଳିପାରେ ଆଶ୍ୱସ୍ତି



ନୂଆଦିଲ୍ଲୀ,୮–୯

ଦେଶରେ ପେଟ୍ରୋଲ ଓ ଡିଜେଲ ଦର ଦୈନିକ ରେକର୍ଡ ଭାଙ୍ଗି ଚାଲିଛି । ଶନିବାର ଦିଲ୍ଲୀରେ ପେଟ୍ରୋଲ ଦର ପ୍ରଥମଥର ଲିଟର ପିଛା ୮୦ ଟଙ୍କା ଛୁଇଁଛି । ଶୁକ୍ରବାର ଅପେକ୍ଷା ୩୯ ପଇସା ବଢ଼ି ୮୦.୩୮ଟଙ୍କା ହୋଇଛି । ସେହିପରି ଡିଜେଲ ଦର ୪୦୪ ପଇସା ବୃଦ୍ଧି ପାଇ ଲିଟର ପିଛା ୭୨.୫୧ଟଙ୍କାରେ ପହଞ୍ଚିଛି । ସେହିପରି ମୁମ୍ବାଇରେ ପେଟ୍ରୋଲ ଲିଟର ପ୍ରତି ୮୭.୭୭ ଟଙ୍କା ଏବଂ ଡିଜେଲ ୭୬.୯୮ ଟଙ୍କାରେ ପହଞ୍ଚିଛି । ତେଲକୁ ନେଇ ଉପଭୋକ୍ତା ତ୍ରାହି ତ୍ରାହି ଡାକ ଛାଡୁଥିବା ବେଳେ କେନ୍ଦ୍ର ସରକାର ନଭେମ୍ବରରୁ ଲୋକଙ୍କୁ ଆଶ୍ୱସ୍ତି ଦେଇପାରନ୍ତି । କାରଣ ଏହି ମାସରୁ ୪ଟି ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ ଓ ମିଜୋରାମରେ ବିଧାନସଭା ନିର୍ବାଚନ ପର୍ବ ଆରମ୍ଭ ହୋଇଯିବ ।

ଇତିହାସ କହୁଛି ଦେଶରେ ବିଧାନସଭା ନିର୍ବାଚନ ଆରମ୍ଭ ହେବା ମାତ୍ରେ ତେଲ ଦର ଆଉ ବଢ଼େନି । ନିର୍ବାଚନ ପରେ ପୁଣି ବଢ଼ିବା ଆରମ୍ଭ କରେ । କର୍ଣାଟକ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଚଳିତ ବର୍ଷ ଏପ୍ରିଲ ୨୪ରୁ ମେ' ୧୩ ପର୍ଯ୍ୟନ୍ତ ୨୦ ଦିନ ତେଲ ଦର ବଢ଼ି ନ ଥିଲା । ସେତେବେଳେ ପେଟ୍ରୋଲ ଲିଟର ପିଛା ୭୪.୬୩ଟଙ୍କାରେ ସ୍ଥିର ରହିଥିଲା । ମେ' ୧୨ରେ ଭୋଟ ଶେଷ ହେବା ମାତ୍ରେ ୧୭ ଦିନ ଭିତରେ ପେଟ୍ରୋଲ ଦର ୪ ଟଙ୍କା ବଢ଼ିଥିଲା । ସେହିପରି ପଞ୍ଜାବ, ଗୋଆ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଏବଂ ମଣିପୁରରେ ନିର୍ବାଚନ ପରିପ୍ରେକ୍ଷୀରେ ଗତ ବର୍ଷ ଜାନୁୟାରୀ ୧୬ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ୭୫ ଦିନ ତେଲ ଦର ବଢ଼ି ନ ଥିଲା । ସେହି ସମୟରେ ପେଟ୍ରୋଲ ଲିଟର ପିଛା ୭୧.୧୪ଟଙ୍କାରେ ଦର ସ୍ଥିର ରହିଥିଲା । ଅନ୍ୟପକ୍ଷରେ କେନ୍ଦ୍ର ସରକାର ତେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିବା ସପକ୍ଷରେ ନାହାନ୍ତି । କିନ୍ତୁ ଏବେ ତେଲକୁ ନେଇ ରାଜନୀତି ଜୋର ଧରିଲାଣି । କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳଗୁଡିକ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ବିରୋଧରେ ବ୍ୟାପକ ଆନ୍ଦୋଳନ ପନ୍ଥା ଆପଣାଇବାକୁ ଯାଉଛନ୍ତି । ଆସନ୍ତା ୧୦ରେ କଂଗ୍ରେସ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି । ଅପରପକ୍ଷରେ ନିର୍ବାଚନ କମିଶନ ତେଲେଙ୍ଗାନାରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିବା ପରେ ସେଠାରେ ମଧ୍ୟ ୪ଟି ରାଜ୍ୟ ସହ ଏକାଠି ବିଧାନସଭା ନିର୍ବାଚନ ହୋଇପାରେ । ତେବେ ସରକାର ତେଲ ଦର କମାଇବାକୁ ଚାହୁଁ ନ ଥିଲେ ହେଁ ବିଧାନସଭା ନିର୍ବାଚନ ଦୃଷ୍ଟିରୁ ଏଥିପାଇଁ ବାଧ୍ୟ ହେବେ । ଏହି ସମୟରେ ସରକାର ତେଲ ଦରକୁ ସ୍ଥିର ରଖିବାକୁ ବାଧ୍ୟ ହେବେ ଅଥବା ଉତ୍ପାଦ ଶୁଳ୍କ ହ୍ରାସ ଘୋଷଣା କରିବେ । ଉଭୟ କ୍ଷେତ୍ରରେ ଉପଭୋକ୍ତା ଆଶ୍ୱସ୍ତ ହେବା ନିଶ୍ଚିତ ।

## ସାପ୍ତାହିକ ସମୀକ୍ଷା

### ୬ ସପ୍ତାହର ରାଲି ଥମିଲା

ମୁମ୍ବାଇ,୮–୯

ଷ୍ଟକ ମାର୍କେଟ କ୍ରମାଗତ ୬ ସପ୍ତାହ ଧରି ରାଲିରେ ଭାଗ ନେବା ପରେ ଚଳିତ ସପ୍ତାହରେ ଥମିଛି । ବିଏସ୍ଇ ସେନସେକ୍ସ ୨୫୫.୨୫ ପଏଣ୍ଟ ହ୍ରାସ ପାଇ ୩୮,୩୮୯.୮୨ ଏବଂ ନିଫ୍ଟି ୯୧.୪୦ ପଏଣ୍ଟ ହ୍ରାସ ପାଇ ୧୧,୫୮୯.୧୦ରେ ବନ୍ଦ ହୋଇଛି । ମୁଦ୍ରା ବଜାରରେ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇବାର ପ୍ରଭାବ ଚଳିତ ସପ୍ତାହରେ ଷ୍ଟକ ବଜାରରେ ଦେଖିବାକୁ ମିଳିଥିଲା । ଡଲାର ତୁଳନାରେ ଟଙ୍କାର ବିନିମୟ ୭୨ର ସର୍ବକାଳୀନ ରେକର୍ଡ ଭାଙ୍ଗି ଏକ ସମୟରେ ୭୨.୧୧ରେ ପହଞ୍ଚିଯାଇଥିଲା । ଅଶୋଧିତ ତୈଳ ଦର ସେଣ୍ଟିମେଣ୍ଟକୁ ଆହୁରି ବିଗାଡି ଦେଇଥିଲା । ଟଙ୍କାର ମୂଲ୍ୟ ହ୍ରାସ ଦେଶର ଅର୍ଥନୀତି ସାଙ୍ଗକୁ କମ୍ପାନୀର ଆୟ ଉପରେ ପଡିବାର ଆଶଙ୍କା କରି ନିବେଶକ ମାନେ ଭୟଭୀତ ହୋଇପଡିଥିଲେ । ୫ଟି ଟ୍ରେଡିଂ ସେସନ ମଧ୍ୟରେ ୩ଦିନ ଶେୟାର ବିକ୍ରି ଜୋର୍ ଧରିଥିଲା । ବିଏସ୍ଇ ସେନସେକ୍ସ ୩୮,୯୧୫.୯୧ରୁ କାରବାର ଆରମ୍ଭ କରିଥିଲା । ଏହା ୩୮,୯୩୪.୩୫ର ଉଚ୍ଚତମ ଏବଂ ୩୮,୭୭୪.୪୨ ପଏଣ୍ଟ ମଧ୍ୟରେ କାରବାର କରିଥିଲା । ସପ୍ତାହ ଶେଷରେ ଏଥିରେ ୨୫୫.୨୫ ପଏଣ୍ଟ ହ୍ରାସ ପାଇଥିଲା ।

## ନୂଆ ନିଯୁକ୍ତି

### ଅମିତାଭ ଚୌଧୁରୀ ଆକ୍ସିସ୍ ବ୍ୟାଙ୍କ ସିଇଓ ଓ ଏମ୍‌ଡି



ଶିଖା ଶର୍ମାଙ୍କ ପରେ ଆକ୍ସିସ୍ ବ୍ୟାଙ୍କର ପରବର୍ତ୍ତୀ ସିଇଓ ତଥା ଏମ୍‌ଡି ଭାବେ ଅମିତାଭ ଚୌଧୁରୀ ଦାୟିତ୍ୱ ତୁଲାଇବେ । ଏନେଇ ବ୍ୟାଙ୍କ ବୋର୍ଡ ନିଷ୍ପତ୍ତି ନେଇଛି । ସେ ବର୍ତ୍ତମାନ ଏଚ୍‌ଡିଏଫ୍‌ସି ଲାଇଫ ଇନସ୍ୟୁରାନ୍ସରେ ମ୍ୟାନେଜିଂ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି । ଆସନ୍ତା ବର୍ଷ ଜାନୁୟାରୀ ପହିଲାରେ ସେ ଆକ୍ସିସ ବ୍ୟାଙ୍କର ସିଇଓ ତଥା ଏମ୍‌ଡି ଭାବେ ଦାୟିତ୍ୱ ନେବେ ଏବଂ ୨୦୨୧ ଡିସେମ୍ବର ୩୧ ପର୍ଯ୍ୟନ୍ତ ୩ ବର୍ଷ ଧରି କାର୍ଯ୍ୟ ତୁଲାଇବେ । ବ୍ୟାଙ୍କ ପକ୍ଷରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଉକ୍ତ ସୂଚନା ଦିଆଯାଇଛି । ଚୌଧୁରୀଙ୍କ ନିଯୁକ୍ତିକୁ ପୂର୍ବରୁ ରିଜର୍ଭ ବ୍ୟାଙ୍କ ଅନୁମୋଦନ କରିଛନ୍ତି । ଅତିରିକ୍ତ ଡାଇରେକ୍ଟର ଭାବେ ତାଙ୍କୁ ନିଯୁକ୍ତ କରିବା ଲାଗି ବ୍ୟାଙ୍କ ବୋର୍ଡ ଆଉ ଏକ ବୈଠକରେ ବସିବାକୁ ନିଷ୍ପତ୍ତି ନେଇଛି ।

### ଅଂଶୁଲା କାନ୍ତ ଏସ୍‌ବିଆଇ ଏମ୍‌ଡି



ଅଂଶୁଲା କାନ୍ତଙ୍କୁ କେନ୍ଦ୍ର ସରକାର ଶୁକ୍ରବାର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ମ୍ୟାନେଜିଂ ଡାଇରେକ୍ଟର(ଏମ୍‌ଡି) ଭାବେ ନିଯୁକ୍ତ କରିଛନ୍ତି । ୨୦୨୦ ସେପ୍ଟେମ୍ବର ୩୦ ସୁଦ୍ଧା ପେନସନ ପାଇବାକୁ ଯୋଗ୍ୟ ବିବେଚିତ ବୟସସୀମାରେ ପହଞ୍ଚିବା ଅଥବା ପରବର୍ତ୍ତୀ ନିର୍ଦ୍ଦେଶ ପାଇବା ପର୍ଯ୍ୟନ୍ତ ଯେଉଁଟା ପ୍ରଥମେ ଘଟିବ ସେ ଉକ୍ତ ପଦବୀରେ ରହିବେ । ତାଙ୍କର ନିଯୁକ୍ତି ପରେ ଏସବିଆଇରେ ମୋଟ୍ ଏମ୍‌ଡିଙ୍କ ସଂଖ୍ୟା ୩ରେ ପହଞ୍ଚିଲା । ଅନ୍ୟ ଦୁଇଜଣ ହେଲେ ପି.କେ. ଗୁପ୍ତା ଏବଂ ଡି.କେ. ଖାରା । ବ୍ୟାଙ୍କ ବୋର୍ଡସ ବ୍ୟୁରୋ ପକ୍ଷରୁ ତାଙ୍କ ନାମ ସୁପାରିସ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ନିଯୁକ୍ତି ସଂକ୍ରାନ୍ତୀୟ କ୍ୟାବିନେଟ କମିଟି କାନ୍ତଙ୍କ ନିଯୁକ୍ତିକୁ ଅନୁମୋଦନ କରିଥିଲେ ।

## ଖବର ଏଇ ସପ୍ତାହ

### ଜିଏସ୍‌ଟି ସ୍ଲାବ ୨କୁ ହ୍ରାସ ପାଇବ

ଦେଶରେ ବର୍ତ୍ତମାନ ୪ଟି ଜିଏସ୍‌ଟି ସ୍ଲାବ କାର୍ଯ୍ୟକାରୀ ହେଉଛି । ଆଗାମୀ ଦିନରେ ଏହାକୁ ୨କୁ ହ୍ରାସ କରାଯିବ । ଏନେଇ କେନ୍ଦ୍ର ସରକାର ବିଚାର କରୁଛନ୍ତି ବୋଲି ବେଙ୍ଗାଲୁରୁ ଜୋନ୍‌ର ପ୍ରିନ୍ସିପାଲ ଚିଫ୍ କମିଶନର ଏ.କେ.ଜ୍ୟୋତିଷୀ ପ୍ରକାଶ କରିଛନ୍ତି । ବାଙ୍ଗାଲୋର ଚାମ୍ବର ଅଫ ଇଣ୍ଡଷ୍ଟ୍ରି ଆଣ୍ଡ୍ କମର୍ସ(ବିସିଆଇସି) ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ପ୍ରାୟ ୯୦% ସାମଗ୍ରୀ ୧୮% ସ୍ଲାବ୍‌ରେ ଆସିଯାଇଛି । ଏଣୁ ଦୁଇଟି ସ୍ଲାବ ରଖିବାରେ ଅସୁବିଧା ନାହିଁ । ସେ କହିଛନ୍ତି ଯେ, ଜିଏସ୍‌ଟି ଲାଗୁ ହେବା ବେଳେ ଅନେକଙ୍କ ମନରେ ଭୁଲ୍ ଧାରଣା ଜନ୍ମ ନେଇଥିଲା । ଏହା ଟିକସଦାତାଙ୍କ ଲାଗି ବାଧକ ନୁହେଁ, ବରଂ ଏହାକୁ ପରିବର୍ତ୍ତନଶୀଳ ଆଇନ କୁହାଯାଇପାରେ ।

### ବଦଳିବ ଆୟକର ଆଇନ

କେନ୍ଦ୍ରରେ ଭାଜପା ସରକାର ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣି ଦେଶରେ ଏକକ ଟିକସ ବ୍ୟବସ୍ଥା ଜିଏସ୍‌ଟି ଲାଗୁ କଲେ । ଲାଗୁ ହେବାର ଦୀର୍ଘ ୫୦ ବର୍ଷ ପରେ ସରକାର ଆୟକର ଆଇନକୁ ବଦଳାଇବାକୁ ଯାଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ବିଶିଷ୍ଟ ଆୟକର ବିଶେଷଜ୍ଞ ଅରବିନ୍ଦ ମୋଦିଙ୍କ ନେତୃତ୍ୱରେ ସରକାର ଏକ ଟାସ୍କଫୋର୍ସ ଗତବର୍ଷ ନଭେମ୍ବରରେ ଗଠନ କରିଥିଲେ । ଏବେ ଏହା ତାଙ୍କର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛନ୍ତି । ଆୟକର ଆଇନରେ ପରିବର୍ତ୍ତନ ଆଣିବା ସହ ଆୟକର ତଥ୍ୟ ଲୁଚାଇବା କ୍ଷେତ୍ରରେ ଟିକସଦାତାଙ୍କଠାରୁ ୨୦୦% ଜରିମାନା ଆଦାୟ ପାଇଁ ସୁପାରିସ କରାଯାଇଛି ।

### ଅଭିବୃଦ୍ଧି ସତ୍ତ୍ୱେ ନିଯୁକ୍ତି ପ୍ରଭାବିତ

ଦେଶରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରଠାରୁ ବିଭିନ୍ନ ଅସୁବିଧା ନଜରକୁ ଆସିଛି । ଏହାର ସମାଧାନ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ନିକଟରେ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ) ପକ୍ଷରୁ ପ୍ରକାଶ ଜିଡିପି ତଥ୍ୟ ଅନୁସାରେ ଦେଶର ତ୍ରୈମାସ ଅଭିବୃଦ୍ଧି ୮.୨% ରହିଛି । ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିବାରେ ସକ୍ଷମ ହୋଇଛି ସତ ମାତ୍ର ଜିଏସ୍‌ଟି ଭଳି ଆର୍ଥିକ ସଂସ୍କାରର ଚାପରେ ଦେଶର କ୍ଷୁଦ୍ର ଶିଳ୍ପଗୁଡିକ ପ୍ରଭାବିତ ହେବା ସହ ଅନେକ ଲୋକ ନିଯୁକ୍ତି ହରାଇଥିବା ଜଣାଯାଇଛି ।

### ୨୩ ବ୍ୟାଙ୍କଙ୍କୁ ଜରିମାନା ଭୟ

ନଭେମ୍ବର ପହିଲାରୁ ପିଛିଲା ଭାବେ ପ୍ରତି ଶାଖାରେ ୮ଟି ଆଧାର ପଞ୍ଜୀକରଣ ଅଥବା ସଂଶୋଧନ ନ କଲେ ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫସି ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ ବରୋଦା ସହ ଦେଶର ୨୩ ବ୍ୟାଙ୍କ ବିରୋଧରେ ଆଧାର ପଞ୍ଜୀକରଣ ଏଜେନ୍ସି ୟୁଆଇଡିଏଆଇ ଜରିମାନା ଆଦାୟ କରିବ ବୋଲି ଚେତାବନୀ ଶୁଣାଇ ସାରିଛି । ଏହାକୁ ନେଇ ବ୍ୟାଙ୍କଗୁଡିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ରିଜର୍ଭ ବ୍ୟାଙ୍କକୁ ବାଦ୍ ଦେଇ ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) କିପରି ଜରିମାନା ଆଦାୟ କରିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି ।

### ଜନଧନ ଓଭରଡ୍ରାଫ୍ଟ ୧୦ ହଜାରକୁ ବୃଦ୍ଧି

ଜନଧନ ଆକାଉଣ୍ଟ ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ଉଦ୍ଦେଶ୍ୟରେ ଏହାକୁ ଓପନ ଏଣ୍ଡେଡ ସ୍କିମ୍ ରୂପେ ପରିବର୍ତ୍ତନ କରାଯିବ । ଏହି ଯୋଜନାର ସଫଳତାକୁ ଦେଖି ସରକାର ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଖୋଲା ରଖିବାକୁ ନିଷ୍ପତ୍ତି ନେଇଥିବା କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟଲୀ ଏଠାରେ କହିଛନ୍ତି । ଜେଟଲୀ କହିଛନ୍ତି ଯେ, ଜନଧନ ଆକାଉଣ୍ଟଧାରୀଙ୍କ ଓଭରଡ୍ରାଫ୍ଟ ସୁବିଧାକୁ ଦ୍ୱିଗୁଣିତ କରାଯାଇ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହା ୫ ହଜାର ଟଙ୍କା ଥିଲା ।

## ନୂଆ ଉତ୍ପାଦ

### ଏନ୍‌ଭିର ନୂଆ ଡିଓଡ୍ରାଣ୍ଟ




ପ୍ରମୁଖ ପରଫ୍ୟୁମ ବ୍ରାଣ୍ଡ ଏନ୍‌ଭି ପକ୍ଷରୁ ଅଟୋ ପଚ୍ ଜ୍ଞାନ କୌଶଳଯୁକ୍ତ ଗ୍ୟାସ୍ ଡିଓଡ୍ରାଣ୍ଟ ବଜାରକୁ ଆସିଛି । ଏହି ଜ୍ଞାନ କୌଶଳ ଦ୍ୱାରା ଆବଶ୍ୟକ ମୁତାବକ ଡିଓଡ୍ରାଣ୍ଟ ସ୍ପ୍ରେ ହୋଇଥାଏ । ଉକ୍ତ ଡିଓଡ୍ରାଣ୍ଟ ସୁଗନ୍ଧକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖିବା ସହ ବ୍ୟବହାରକାରୀଙ୍କୁ ଆନନ୍ଦ ପ୍ରଦାନ କରିଥାଏ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି ।

### ସାମ୍‌ସଙ୍ଗର ପୋର୍ଟେବୁଲ୍ ଷ୍ଟୋରେଜ୍ ସଲ୍ୟୁଶନ

ସାମ୍‌ସଙ୍ଗ ପକ୍ଷରୁ ବଜାରକୁ ଆସିଛି ନୂଆ ପୋର୍ଟେବୁଲ୍ ଷ୍ଟୋରେଜ ସଲ୍ୟୁଶନ ଏସ୍‌ଏସ୍‌ଡି ଏକ୍ସ୫ । ଉକ୍ତ ଡିଭାଇସ୍ ଦ୍ୱାରା ଗ୍ରାହକମାନେ ଉନ୍ନତ ତଥା ଭରଷାଯୋଗ୍ୟ ପରଫରମାନ୍ସ ଲାଭ କରିବାକୁ ସକ୍ଷମ ହେବେ । ସେହିଭଳି ସ୍ପିଡ୍, ହାଲକା ଏବଂ ପୋର୍ଟେବୁଲ୍ ଡିଜାଇନ ଏହା ଦ୍ୱାରା ଗ୍ରାହକମାନେ ଲାଭ କରିପାରିବେ । ଅପରପକ୍ଷରେ ଡାଟା ପ୍ରୋଟେକଶନ, ଉନ୍ନତ ଡାଟା ଏନକ୍ରିପଶନ, ସହଜ କନଫିଗରେଶନ, ପାସୱାର୍ଡ ସୁରକ୍ଷା ଫିଚର ଗ୍ରାହକମାନେ ଏଥିରେ ପାଇପାରିବେ । ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ଏଭଳି ଏକ ଉତ୍ପାଦ ବଜାରକୁ ଆସିଥିବା କମ୍ପାନୀ ସୂଚନା ଦେଇଛି ।




■ ଆମେରିକା ଏକ ବିକାଶଶୀଳ ଦେଶ

### ଭାରତ–ଚାଇନାକୁ ସବ୍‌ସିଡି ବନ୍ଦ ସପକ୍ଷରେ ଟ୍ରମ୍ପ

ସିକାଗୋ, ୮–୯



ଭାରତ ଓ ଚାଇନା ଭଳି ଆମେରିକା ମଧ୍ୟ ଏକ ବିକାଶଶୀଳ ଦେଶ । ଏହି ଦୁଇ ଦେଶ ଆମେରିକାରୁ ସବ୍‌ସିଡି ପାଉଥିଲେ ହେଁ ଏହାକୁ ସେ ବନ୍ଦ କରିଦେବା ସପକ୍ଷରେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମତପ୍ରକାଶ କରିଛନ୍ତି । ଉତ୍ତର ଡାକୋଟା ପ୍ରଦେଶର ଫାର୍ଗୋ ସିଟିରେ ନିଜ ଦଳ ପକ୍ଷରୁ ଆୟୋଜିତ ଏକ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ଭାରତ ଓ ଚାଇନା ଭଳି ଆମେରିକା ମଧ୍ୟ ଏକ ବିକାଶଶୀଳ ଦେଶ ବୋଲି ତାଙ୍କର ମତ । ଏଣୁ ଉକ୍ତ ଦୁଇ ଦେଶକୁ ସେ ସବ୍‌ସିଡି ଦେବାକୁ ଚାହାନ୍ତି ନାହିଁ । ଏହା ଏକ ପାଗଳାମୀ ଛଡା ଆଉ କିଛି ନୁହେଁ ବୋଲି ସେ କହିଛନ୍ତି । ଏହି ଅବସରରେ ସେ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)କୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ଏହି ସଂଗଠନ ଚାଇନାକୁ ଏହାର ସଦସ୍ୟ ଭାବେ ଗ୍ରହଣ କରି ବିଶ୍ୱର ଏକ ବଡ଼ ଆର୍ଥିକ ଶକ୍ତି ଭାବେ ଉଭା ହେବାକୁ ଏହାକୁ ସୁଯୋଗ ଦେଇଛି । ସେ କହିଛନ୍ତି ଯେ, ଭାରତ ଓ ଚାଇନା ଭଳି ଦେଶଗୁଡିକ ନିଜକୁ ବିକାଶଶୀଳ ଦେଶ ଭାବେ ଉପସ୍ଥାପନ କରି ସବ୍‌ସିଡି ହାସଲ କରୁଛନ୍ତି । ଆମେ ଏହାକୁ ବନ୍ଦ କରିବାକୁ ଯାଉଛୁ । ଆମେରିକା ଅନ୍ୟ ଦେଶ ତୁଳନାରେ ଦ୍ରୁତ ବିକାଶ ପଥେ ଅଗ୍ରସର ହେଉଛି । ଆମେରିକାର ସବ୍‌ସିଡି ଅର୍ଥରେ ଏହି ବିକାଶଶୀଳ ଦେଶଗୁଡିକ ନିଜର ଭାଗ୍ୟ ଫେରାଉଛନ୍ତି । ସେମାନଙ୍କର ସାମରିକ ଖର୍ଚ୍ଚ କମ୍ ରହିଥିବା ବେଳେ ଅନ୍ୟକୁ ସୁରକ୍ଷିତ ରଖିବାକୁ ଯାଇ ଆମେରିକା ଏଦିଗରେ ବ୍ୟାପକ ଅର୍ଥ ବ୍ୟୟ କରୁଛି ବୋଲି ଟ୍ରମ୍ପ କହିଛନ୍ତି ।

# ଚ୍ୟାଲେଞ୍ଜିଂ ହେବ ଟୁହ୍ୱିଲର୍ସ ବଜାର

ଦୁଇଚକିଆ ଯାନ ବଜାରରେ ପତିଆରା ହାସଲ ଲାଗି ଦେଶର ବିଭିନ୍ନ କମ୍ପାନୀ ସେମାନଙ୍କ କୌଶଳରେ ଅନେକ ପରିବର୍ତ୍ତନ ଆଣୁଥିବା ଦେଖାଯାଉଛି । ଗ୍ରାହକଙ୍କୁ ନିଜ ସହ ଯୋଡି ରଖିବା ପାଇଁ ଉନ୍ନତ ଉତ୍ପାଦ, ମାର୍କେଟିଂ, ସର୍ଭିସ ସହ ସ୍ୱତନ୍ତ୍ର ଯୋଜନା ଉପରେ କମ୍ପାନୀଗୁଡିକ କାର୍ଯ୍ୟ କରୁଛନ୍ତି । ଦୁଇଚକିଆ ଯାନର ପ୍ରମୁଖ କମ୍ପାନୀ 'ହିରୋ ମୋଟୋକର୍ପ' ଉକ୍ତ କ୍ଷେତ୍ରରେ ଏକ ଅନ୍ୟତମ ଲୋକପ୍ରିୟ ବ୍ରାଣ୍ଡ । ଘରୋଇ ବଜାରରେ ପ୍ରମୁଖ ସ୍ଥାନରେ ଥିବା ଉକ୍ତ କମ୍ପାନୀ ଦେଶର ବିଭିନ୍ନ ସ୍ଥାନରେ ଡିଲରଶିପ୍ ଓ ଶୋ'ରୁମଗୁଡିକରେ ଏହାର ନିରନ୍ତର ସେବା ଯୋଗାଣ ଧାରା ଜାରି ରଖିଛି । ଏହି ଧାରାରେ ସାମିଲ ହୋଇ ୨୦୧୧ ପରଠାରୁ ଭୁବନେଶ୍ୱର ବରମୁଣ୍ଡା ସ୍ଥିତ 'ରୋହନ ହିରୋ' ଡିଲରଶିପ ଗ୍ରାହକଙ୍କ ବହୁବିଧ ଆବଶ୍ୟକତା ପୂରଣ ଦିଗରେ କାର୍ଯ୍ୟ କରୁଛି । ଏହାର ପରିଚାଳନା ନିର୍ଦ୍ଦେଶକ ରାଜୀବ ଦୁବେ 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତକାରର କିୟଦଂଶ....


ରାଜୀବ ଦୁବେ

**◆ଓଡିଶାରେ ଦୁଇଚକିଆ ଯାନ ବଜାରର ସ୍ଥିତି କିଭଳି ରହିଛି?**

❖ ଓଡିଶା ଦେଶର ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ଦୁଇଚକିଆ ଯାନ ବଜାର । ଏଠାରେ ବାର୍ଷିକ ୭ ଲକ୍ଷ ୟୁନିଟ୍ ଦୁଇ ଚକିଆ ଯାନ ବିକ୍ରି ହେଉଛି । ଏହା ମଧ୍ୟରେ ହିରୋ ମୋଟୋକର୍ପ ୩.୭୫ ଲକ୍ଷ ୟୁନିଟରୁ ଉର୍ଦ୍ଧ୍ୱ ଯାନ ବିକ୍ରି କରୁଛି । ଏଠାରେ କମ୍ପାନୀର ବଜାର ଅଂଶ ୫୫.୫% ରହିଛି । ମୋଟ୍ ଉପରେ କହିବାକୁ ଗଲେ ଓଡିଶାର ୨ ଚକିଆ ଯାନ ବଜାର ବାର୍ଷିକ ୪ ହଜାର କୋଟି ଟଙ୍କା ରହିଛି । ଭୁବନେଶ୍ୱରରେ ବାର୍ଷିକ ୭୫ ହଜାର ଯାନ ବିକ୍ରି ହେଉଥିବା ବେଳେ ହିରୋର ୩୮ ହଜାରରୁ ଅଧିକ ଯାନ ବିକ୍ରି ହେଉଛି । ଏଠାକାର ବିଭିନ୍ନ ଡିଲରଶିପଗୁଡିକରେ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ୨ ଲକ୍ଷ ଲୋକ ନିଯୁକ୍ତି ପାଇଛନ୍ତି । ସେହିଭଳି ସରକାର ଉକ୍ତ ଶିଳ୍ପଗୁଡିକରୁ ପରୋକ୍ଷ ତଥା ପ୍ରତ୍ୟକ୍ଷ ଟିକସ ବାବଦକୁ ୫୦୦ କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି ।

**◆ଟୁହ୍ୱିଲର୍ସ ଡିଲରଶିପକୁ କେବେ ପ୍ରବେଶ କଲେ?**

❖ ପରିବାରର ପୂର୍ବପିଢି କେହି ବ୍ୟବସାୟରେ ନ ଥିଲେ । ବାପା ସରକାରୀ ଚାକିରିରେ ଥିଲେ । ଆଗ୍ରାରେ ଜନ୍ମ ହୋଇଥିଲେ ମଧ୍ୟ ଦିଲ୍ଲୀରେ ପାଠପଢା । ଏମ୍‌ବିଏ ପରେ ୧୯୮୪ରେ ଚାକିରି କ୍ଷେତ୍ରକୁ ପ୍ରବେଶ କରିଥିଲି । ହର୍ଲିକ୍ସ, ନେସଲେ, ସିଏଟ୍ ଏବଂ ଜି କ୍ୟାପିଟାଲ ଭଳି ପ୍ରମୁଖ କମ୍ପାନୀରେ କାର୍ଯ୍ୟ ଅଭିଜ୍ଞତା ରହିଛି । ୧୯୯୧ରେ ଓଡିଶାରେ ଫାଇନାନ୍ସ ବାଣିଜ୍ୟରେ ପ୍ରବେଶ କରିବା ସହ ୧୯୯୩ରେ ଟିମ୍ ଫାଇନାନ୍ସ ନାମରେ ଏକ କମ୍ପାନୀ ସ୍ଥାପନ କରିଥିଲି । ୧୯୯୩ ପରଠାରୁ ସମ୍ବଲପୁରରେ ହିରୋହୋଣ୍ଡା କମ୍ପାନୀ ସହ ପ୍ରଥମେ ଯୋଡି ହୋଇଥିଲି । ଓଡିଶାରେ ହିରୋ ବାଇକ ପ୍ରତି ରହିଥିବା ଚାହିଦାକୁ ଧ୍ୟାନରେ ରଖି ଦୁଇଚକିଆ ଡିଲରଶିପ୍ ବ୍ୟବସାୟକୁ ପ୍ରବେଶ କରିଥିଲି ।

**◆'ରୋହନ ହିରୋ' ଡିଲରଶିପର ଯାତ୍ରା ସମ୍ପର୍କରେ କ'ଣ କହିବେ?**

❖ଦୁଇଚକିଆ ଡିଲରଶିପ ବାଣିଜ୍ୟ କ୍ଷେତ୍ରରେ ବର୍ତ୍ତମାନ ଆମେ ୧୫ ବର୍ଷର ପୂର୍ତ୍ତି ପାଳନ କରୁଛୁ । ପୂର୍ବରୁ 'ରୋହନ ଅଟୋ ରାଇଡର୍ସ'ନାମରେ ଥିବା ଶୋ'ରୁମ ୨୦୧୧ରେ 'ରୋହନ ହିରୋ' ଭାବେ ପରିଗଣିତ ହେଲା । ଏହି ସମୟ ମଧ୍ୟରେ ଆମେ ୨.୫ ଲକ୍ଷ ଗ୍ରାହକଙ୍କ ସହ ଯୋଡି ହୋଇଛୁ । ୨୦୦୮ ଠାରୁ ୨୦୧୨ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଜୋନ୍‌ରେ ପ୍ରମୁଖ ଡିଲରଶିପ ମାନ୍ୟତା ଲାଭ କରିଥିଲୁ । ସେହିଭଳି ଦେଶର ପ୍ରମୁଖ ୧୦ ଡିଲରଶିପ ମଧ୍ୟରେ ମଧ୍ୟ ଆମ ଶୋ'ରୁମ ସ୍ଥାନିତ ଥିଲା । ଭୁବନେଶ୍ୱରରେ ଆର୍ଟ ଅଫ୍ ଶୋରୁମ ଏବଂ ୨ ୱାର୍କଶପ ସହ ବର୍ତ୍ତମାନ ଆମେ ସେବା ଯୋଗାଇ ଦେଉଛୁ । ଏହି ଶୋ'ରୁମ ଭୁବନେଶ୍ୱର ସମେତ ଖୋର୍ଦ୍ଧା, ରାଜସୁନାଖଳା, ବେଗୁନିଆ ଭଳି ଅନ୍ୟାନ୍ୟ ଅଞ୍ଚଳଗୁଡିକୁ ସେବା ଯୋଗାଉଛି । ମାସିକ ୧୫୦୦ ୟୁନିଟ ଯାନ ସହ ବାର୍ଷିକ ୧୦୦ କୋଟି ଟଙ୍କାର ବ୍ୟବସାୟ କରିବାକୁ ସକ୍ଷମ ହୋଇଛୁ । ଏଠାରେ ୧୭୦ କର୍ମଚାରୀ ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି ।

**◆ଆଗାମୀ ଦିନରେ ଟୁହ୍ୱିଲର୍ସ କ୍ଷେତ୍ରରେ କ'ଣ ସବୁ ଚ୍ୟାଲେଞ୍ଜ ଦେଖୁଛନ୍ତି?**

❖ଦୁଇଚକିଆ ଯାନ ବାଣିଜ୍ୟରେ ଆଗାମୀ ପାଞ୍ଚ ବର୍ଷରେ ଅନେକ ଚ୍ୟାଲେଞ୍ଜ ଆସିବ ବୋଲି ଦେଖିବାକୁ ପାଉଛୁ । ବର୍ତ୍ତମାନ ସ୍କୁଟରାଇଜେଶନର ଧାରା ଦ୍ରୁତ ହୋଇଛି । ୨୦୦୬ରେ ହିରୋ 'ପ୍ଲେଜର' ମଡେଲ ବଜାରକୁ ଆଣିଥିଲା । ଏହା ପରେ ୨୦୧୩ରେ ପ୍ରତି ବର୍ଗକୁ ସୁହାଇଲା ଭଳି ସ୍କୁଟର ମଡେଲରେ ପ୍ରବେଶ କରିଛି । ଏହି ଧାରାରେ ଆଗକୁ ବହୁ ଚ୍ୟାଲେଞ୍ଜ ରହିଛି । ମୋଟ୍ ଯାନ ବିକ୍ରି କ୍ଷେତ୍ରରେ ବର୍ତ୍ତମାନ ସ୍କୁଟରର ବଜାର ଅଂଶ ୩୦–୩୫% ରହିଛି । ସହରାଞ୍ଚଳରେ ଆଗାମୀ ୩ ରୁ ୫ ବର୍ଷରେ ଏହା ୫୦% ଛୁଇଁବ ବୋଲି ଆକଳନ କରାଯାଇଛି । ସହରାଞ୍ଚଳରେ ସ୍କୁଟରାଇଜେଶନ ଧାରା ଉନ୍ନତ ଥିବା ବେଳେ ଗ୍ରାମାଞ୍ଚଳଗୁଡିକରେ ଏବେ ମଧ୍ୟ ବାଇକ୍ ସେଗମେଣ୍ଟ ଭଲ ବିକ୍ରି ହେଉଛି ।

**◆ଉତ୍ତମ ଗ୍ରାହକ ସେବାକୁ କିଭଳି ଭାବେ ବିଚାର କରନ୍ତି?**

❖ଗ୍ରାହକଙ୍କ ଆବଶ୍ୟକତାକୁ ବୁଝିବାକୁ ପଡିବ । ଶୋ'ରୁମରେ ସେମାନେ ଯେଉଁଭଳି ଭାବେ ଭଲ କଲ୍‌ଚର ପାଇବେ ତାକୁ ବିଚାର କରିଥାଉ । କେବଳ ରିହାତି ଦେଇଦେଲେ ଯେ ଜଣେ ଗ୍ରାହକଙ୍କୁ ସନ୍ତୁଷ୍ଟ କରାଯାଇପାରିବ ସେ କଥା ଭାବିବା ଭୁଲ । ଗ୍ରାହକଙ୍କୁ ସମ୍ମାନ, ସନ୍ତୁଷ୍ଟି, ଉନ୍ନତ କ୍ରୟ ଅଭିଜ୍ଞତା, ବିକ୍ରି ପରବର୍ତ୍ତୀ ସେବା ତଥା ସେମାନଙ୍କ ସହ ସମ୍ପର୍କରେ ରହିବା ଭଳି ପ୍ରମୁଖ ପ୍ରସଙ୍ଗକୁ ଅଗ୍ରାଧିକାର ଦେଇଛୁ । ଯୁବପିଢିଙ୍କ ଚାହିଦାରେ ଏବେ ଢେର ପରିବର୍ତ୍ତନ ଆସିଛି । ସେମାନେ ଏବେ ଷ୍ଟାଇଲ, ମାଇଲେଜ, ରିସେଲ ଭାଲ୍ୟୁ ଭଳି ପ୍ରମୁଖ ବିଷୟକୁ ଧ୍ୟାନ ଦେଉଛନ୍ତି ।

# ବିଜୟ ସହ ପୂର୍ବାଞ୍ଚଳର ଅଭିଯାନ ଆରମ୍ଭ

**ଜେ.କେ. ବୋଷ ଟ୍ରଫି**

ଭୁବନେଶ୍ୱର, ୮।୯(କ୍ରୀଡ଼ା ପ୍ରତିନିଧି)

ବାଙ୍ଗାଲୋରଠାରେ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ ଇଣ୍ଡିଆ (ଏସଜେଏଫଆଇ)ର ୪୧ତମ ଜାତୀୟ ସମ୍ମିଳନୀ ଆରମ୍ଭ ହୋଇଛି। ଏହାର ଏକ ଅଂଶବିଶେଷଭାବେ ଆୟୋଜିତ ଜେ.କେ.ବୋଷ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ପୂର୍ବାଞ୍ଚଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଦଳ ୯ ଉଇକେଟରେ ଉତ୍ତରାଞ୍ଚଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରାଞ୍ଚଳ ୨୦ ଓଭର ବିଶିଷ୍ଟ ମ୍ୟାଚରେ ୫ ଉଇକେଟ ହରାଇ ୧୧୨ ରନ କରିଥିଲା। ଦଳ ପକ୍ଷରୁ ଚେତନ ଶର୍ମା ସର୍ବାଧିକ ୩୧ ରନ କରିଥିଲେ। ପ୍ରତିପକ୍ଷ ଦଳର ଅଲପନ୍ ଶର୍ମା ୨ଟି ଓ ସୁକେଶ ବେହେରା ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ପୂର୍ବାଞ୍ଚଳ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ(ଓସ୍‌ଜା) ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସୁକେଶଙ୍କ ଅପରାଜିତ ଅର୍ଦ୍ଧଶତକ (୫୨ ରନ) ସହାୟତାରେ ୧୫.୫ ଓଭରରେ ମାତ୍ର ୧ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଅଲପନ୍ ୨୯ ରନ କରିଥିଲେ।

ଅନ୍ୟ ଏକ ମ୍ୟାଚରେ ପଶ୍ଚିମାଞ୍ଚଳକୁ ଦକ୍ଷିଣାଞ୍ଚଳ ୩ ରନରେ ହରାଇ ଦେଇଛି। ସ୍ପୋର୍ଟ୍ସ ରାଇଟର୍ସ ଆସୋସିଏଶନ ଅଫ୍ ବାଙ୍ଗାଲୋର ଆନୁକୂଲ୍ୟରେ ଆୟୋଜିତ ୫ ଦିନ ବିଶିଷ୍ଟ ଜାତୀୟ ସମ୍ମିଳନୀକୁ କ୍ରିକେଟ କିମ୍ବଦନ୍ତୀ ଗୁଣ୍ଡାପ୍ପା ବିଶ୍ୱନାଥ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭାରତୀୟ ଟେନିସ କିମ୍ବଦନ୍ତୀ ବିଜୟ ଅମୃତରାଜଙ୍କୁ ଏସଜେଏଫଆଇ ମେଡାଲରେ ସମ୍ମାନିତ କରାଯାଇଥିଲା। ପୂର୍ବତନ ଭାରତୀୟ ମହିଳା ଶୁଟର ଅଞ୍ଜଳି ଭଗବତ, କ୍ରିକେଟର ଡବ୍ଲ୍ୟୁ.ଭି. ରମଣ ଏବଂ ଫୁଟବଲର ପି.କେ.ବାନାର୍ଜୀଙ୍କୁ ଏସଜେଏଫଆଇର ଆଜୀବନ ସଦସ୍ୟଭାବେ ଗ୍ରହଣ କରାଯାଇଥିଲା।

## ଏସିଆ ପ୍ୟାସିଫିକ୍ ମାଷ୍ଟର୍ସ କ୍ରୀଡ଼ା

# ଜାଭେଲିନ୍ ଥ୍ରୋରେ ନମିତାଙ୍କୁ ରୌପ୍ୟ



ରୌପ୍ୟ ପଦକ ସହ ନମିତା ପଟେଲ ।

ସମ୍ବଲପୁର,୮।୯(ବ୍ୟୁରୋ)

ମାଲେସିଆର ପେନାଙ୍ଗ ସହରରେ ପ୍ରଥମ ଏସିଆ ପ୍ୟାସିଫିକ୍ ମାଷ୍ଟର୍ସ କ୍ରୀଡ଼ା ପ୍ରତିଯୋଗିତା ଚାଲିଛି। ୪୫ ବର୍ଷ ମହିଳା ବର୍ଗ ଜାଭେଲିନ୍ ଥ୍ରୋରେ ସମ୍ବଲପୁରର ନମିତା ପଟେଲ ଦେଶର ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ବିଜେତା ହୋଇଛନ୍ତି। ସେହିପରି ଅନ୍ୟ ମହିଳା ଖେଳାଳି ରେଖା ଦେ ୪୦ ବର୍ଷ ୧୦୦ ମିଟର ବର୍ଗରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଓଡ଼ିଶା ମାଷ୍ଟର୍ସ କ୍ରୀଡ଼ା ସମ୍ପାଦକ ଶିବପ୍ରସାଦ ମିଶ୍ର ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବରଗଡ଼ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଯୁଗଳ ପ୍ରସାଦ ସିଂ, ଅନ୍ତର୍ଜାତୀୟ ମାଷ୍ଟର୍ସ ଆଥଲେଟ ସୁନ୍ଦରମଣୀ ବାରିକ, ମାଷ୍ଟର୍ସ କ୍ରୀଡ଼ା ସହ ସମ୍ପାଦକ ସନ୍ଦୀପ ଦାଶ, ମଳୟ ପତି, ରେଣୁବାଲା ତ୍ରିପାଠୀ, ଦିପେଶ ତିର୍କୀ, କିଶୋର ଆଚାର୍ଯ୍ୟ ଓ ସୁଶାନ୍ତ ରଥ ରୌପ୍ୟରେ ଚମକିଥିବା କ୍ରୀଡ଼ାବିତ୍ ନମିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜାତୀୟ ସବ୍‌ଜୁନିୟର ଫୁଟବଲ

# ଫାଇନାଲ ରାଉଣ୍ଡରେ ଓଡ଼ିଶା



ଓଡ଼ିଶା ସବ୍‌ଜୁନିୟର ଫୁଟବଲ୍ ଦଳ।

ଭୁବନେଶ୍ୱର, ୮।୯ (ସ୍ପୋର୍ଟ୍ସ ବ୍ୟୁରୋ)

ବିହାରର ପାଟ୍‌ନାଠାରେ ଆରମ୍ଭ ହୋଇଥିବା ଜାତୀୟ ସବ୍‌ଜୁନିୟର (ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ) ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଛି। ଦଳ ପକ୍ଷରୁ ଅଜୟ ଟପ୍ପୋ ୭୫ତମ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଏହି ବିଜୟ ଫଳରେ ଓଡ଼ିଶା ଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଛି।


**OFFICE OF THE EXECUTIVE ENGINEER, RWS&S DIVISION, BALASORE**

Tel: 06782-262249, Fax: 262931, email: eerwss_bls@nic.in, eerwssbls@gmail.com

**NATIONAL COMPETITIVE BIDDING THROUGH e-Tendering**

Identification No. 21 Dt. 05.09.2018

No. 748-O:-

1. Nos. of Work : 02 Nos. RPWS in Khaira block of Balasore district.
2. Estimated cost : Rs. 88.02 lakh & Rs. 110.46 lakh
3. Period of completion : 240 days
4. Availability of bid document in Portal : Dt. 11.09.2018 at 10.00 hours to 20.09.2018 upto 17.00 hours through online.
5. Seeking of Clarification : Dt. 11.09.2018 at 10.00 hours to Dt. 17.09.2018 upto 15.00 hours
6. Date of opening of Bid : Dt. 22.09.2018 at 11.00 hours in the O/O EE, RWSS Division, Balasore.
7. Name and address of the Officer Inviting Tender : Executive Engineer, RWS&S Division, Balasore

Bid Cost & Bid Security will be receved through electronic payment by NEFT / RTGS.

Further details can be seen from the e-Procurement Portal: http://tendersodisha.gov.in

*EXECUTIVE ENGINEER, RWS&S DIVISION, BALASORE*

25013/11/0025/1819

**GOVERNMENT OF ODISHA** No. 254-C

**OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR**

**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB) Dtd.05.09.2018**

| S. N | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | Improvement of Water Supply to Uncovered areas of Cuttack under PH Division-I (AMRUT/OD/CTC/WS/47) & Improvement of Water Supply to Scarcity areas of Cuttack under PH Division-I (AMRUT/OD/CTC/WS/48) | EICPH-13/ 2018-19 | 3938.05 + 479.49 = 4417.54 | 11 (Eleven) Months | 11.00 Hrs. of 12.09.2018 | 17.00 Hrs. of 03.10.2018 |

- Name & Address of Officer Inviting Bid: Engineer-in-Chief (PH), Heads of Deptt. Building, 1st Floor, Unit-V, Bhubaneswar, Odisha. Phone # 0674-2393909, mail:eicphodisha@gmail.com
- Further details can be seen from the e-Procurement portal "https://www.tendersodisha.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

13068/11/0018/1819 **Sd./- ENGINEER-IN-CHIEF, PH**

**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION**

**JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA**

Tel: 0674-2395734, FAX: 0674-2394946, e-mail: eerwssodisha@gmail.com

**NOTICE INVITING BID**

**NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**

No. 7465 **REQUEST FOR PROPOSAL (RFP)** Date: 25.08.2018

**No. 669-O:-** The Engineer-in-Chief, RWSS (Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of work | Bid Identification No. | Indicative project cost (Rs. in crore) | Period for completion & O&M period | Availability of Bid document for online Bidding | |
|---|---|---|---|---|---|---|
| | | | | | From | To |
| Pkg-III | Execution of 4 nos. individual Rural Piped Water Supply Project pertaining to the mining affected villages in Patangi, Koraput, Laxmipur, Koraput Block of Koraput district & Lakhanpur block of Jharsuguda District including 5 years O&M on EPC contract under the package | EIC, RWSS-18/18-19 | 433.41 | 24 (Twenty four months) & 60 (Sixty Months) | 17.00 hrs of 11.09.2018 | 17.00 hrs of 23.10.2018 |
| Pkg-IV | Execution of 4 nos. individual Rural Piped Water Supply Project pertaining to Mining affected villages of Sukinda Block (Project 1&2) of Jajpur District, Hatadihi Block of Keonjhar District and Kusumi Block of Mayurbhnaj District including 5 years O&M on EPC contract under the package | EIC, RWSS-19/18-19 | 439.84 | 24 (Twenty four months) & 60 (Sixty Months) | 17.00 hrs of 11.09.2018 | 17.00 hrs of 23.10.2018 |

Name & address of officer inviting Bid: Engineer-in-chief, RWSS, Jal "O" Parimal Bhawan, Unit-V, Bhubaneswar, Ph: 0674-2395734/ 0674-2531533, e-mail: cerwssodisha@gmail.com

Further details can be seen from the e-procurement portal http://tendersorissa.gov.in

**25040/11/0017/1819** **Sd./- *Engineer-in-chief, RWSS***

**GOVT. OF ODISHA, DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER, CENTRAL IRRIGATION CIRCLE, BHUBANESWAR** 487-A

**'e' Procurement Notice No. SECIC - 03 / 2018-19**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractors | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| S.E, C.I.C., Bhubaneswar | SECIC/ KID-01 of 2018-19 | Improvement to Gherry from Gaudapatana to Baiganatali on Malaguni Right. | 203.43 | 203500/- (On-line) | 10000/- (On-line) | "B" Class & "A" Class | 11.09.2018 at 11.00 AM | 25.09.2018 upto 5.00 PM | 26.09.2018 at 11.00 AM | 11 (Eleven) Calendar Months |
| | SECIC/ NGR-02 of 2018-19 | Protection to Duanto Right and Left Bank with river side packing from Bayapalli to Godipalli. | 329.56 | 329600/- (On-line) | 10000/- (On-line) | "A" Class & "Special" Class | 11.09.2018 at 11.00 AM | 25.09.2018 upto 5.00 PM | 26.09.2018 at 11.00 AM | 11 (Eleven) Calendar Months |
| | SECIC/ NGR-03 of 2018-19 | Protection & Improvement to Dahuka Left & Right Embankment from Dahuka Diversion weir to Sajanpada. | 308.66 | 308700/- (On-line) | 10000/- (On-line) | "A" Class & "Special" Class | 11.09.2018 at 11.00 AM | 25.09.2018 upto 5.00 PM | 26.09.2018 at 11.00 AM | 11 (Eleven) Calendar Months |
| | SECIC/ NGR-04 of 2018-19 | Protection to Mahanadi Right Embankment near Nilamadhaba Temple at Kantilo | 334.28 | 334300/- (On-line) | 10000/- (On-line) | "A" Class & "Special" Class | 11.09.2018 at 11.00 AM | 25.09.2018 upto 5.00 PM | 26.09.2018 at 11.00 AM | 11 (Eleven) Calendar Months |
| | SECIC/ NGR-05 of 2018-19 | Protection to Mahanadi Right Bank from Dankarisahi to Kalapat Temple including construction of four Nos. of spur | 293.65 | 293700/- (On-line) | 10000/- (On-line) | "B" Class & "A" Class | 11.09.2018 at 11.00 AM | 25.09.2018 upto 5.00 PM | 26.09.2018 at 11.00 AM | 11 (Eleven) Calendar Months |
| | SECIC/ PID-01 of 2018-19 | Protection to Village Tigiria on right bank of river Luna in Kanas Block of Puri District. | 267.96 | 268000/- (On-line) | 10000/- (On-line) | "B" Class & "A" Class | 11.09.2018 at 11.00 AM | 25.09.2018 upto 5.00 PM | 26.09.2018 at 11.00 AM | 11 (Eleven) Calendar Months |

e-mail ID:- secic_dowr@yahoo.com

Further details conditions can be seen from Govt. website www.tenderorissa.gov.in

32160/11/0007/1819 *Superintending Engineer, Central Irrigation Circle*

**GOVERNMENT OF ODISHA**
**SUPERINTENDING ENGINEER, PHULBANI (R&B) CIRCLE, PHULBANI** No. 566-B

Email: sembphulbani@gmail.com

**INVITATION FOR BIDS (IFB)**

Bid Identification No. SE-(R&B)-PLB-03/2018-19

No. 1061 Dated: 30.08.2018

| | | |
|---|---|---|
| 1. | The Superintending Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system through ONLINE MODE for construction of road & building works detailed in the table below from eligible contractors. | |
| 2. | Nature of work | Road & Building work |
| 3. | No. of tenders | 1 No. of road work with building also. |
| 4. | Tender cost | Rs. 10,000/- (through online) only |
| 5. | Class of Contractor | "B" Class and "A" Class |
| 6. | Date & time of sale & receipt of bids | 10.00 AM of 11.09.2018 to 5.00PM of 25.09.2018 |
| 7. | Date of opening of Bid | 11.00 AM of dtd.26.09.2018 |
| 8. | The bidders shall have to participate in online bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason. | |

*Sd./- Er. T.R. Parida*
*Superintending Engineer*
*Phulbani (R&B) Circle, Phulbani*

34066/11/0013/1819

**STATE BLOOD TRANSFUSION COUNCIL, ODISHA**
**HEALTH & FAMILY WELFARE DEPARTMENT, GOVT. OF ODISHA**

1st Floor, Oil Odisha Building, Nayapalli, Bhubaneswar-12
Tel/Fax -0674-2391747, E-Mail : sbtcorissa@yahoo.co.in

**No. 1245/SBTC** **Dated : 07.09.2018**

**TENDER CALL NOTICE FOR NATIONAL VOLUNTARY BLOOD DONATION DAY-2018**

No. 413-E: State Blood Transfusion Council (SBTC), Odisha invites sealed tenders from the registered experienced and reputed Event Management Agencies for conducting two days programme on occasion of National Voluntary Blood Donation Day 2018" at Bhubaneswar. The detailed activities to be undertaken during the Programme and Terms of Reference (ToR) are available in the website of www.odisha.gov.in, which may be downloaded for use. Interested parties may submit their proposal super-scribing as "Tender for National Voluntary Blood Donation Day event 2018" to the undersigned through speed post / Registered Post / courier services only which should reach on or before 1pm of 18.09.2018 positively and the same will be opened at 3.30 PM of the same date. The undersigned reserves the right to reject any or all the tender without assigning any reason thereof.

10080/11/0006/1819 **Sd./- Director**

OFFICE OF THE EXECUTIVE ENGINEER
CUTTACK (R&B) DIVISION NO.I: CUTTACK

E-Mail I.D.-eepwdctc1.owd@gov.in, Tel./ Fax No.(0671)-2304128

**GOVERNMENT OF ODISHA Quotation Notice**

**Quotation Notice for Supply of Furnitures**

**Bid Identification No. E.E. CTC(R&B)-04 of 2018-19**

No.7157 Dt. 04.09.2018

1. Name of the work :- Supply, delivery & installation of Godrej make Furnitures at (A) Patient Waiting Hall, Seminar hall & Library of SCB Dental College & Hospital, Cuttack., (B) All HODs & Principal's Office chamber and Record room of SCB Dental College & Hospital, Cuttack
2. Estimated Cost :- (A) Rs.42,03,121/-, (B) Rs.32,59,775/-
3. Period of completion :- 1(One) calendar Month
4. Date & time of sale & receipt of Quotation :- From 12.09.2018 to 4PM of 19.09.2018
5. Last date / time of receipt of Quotation :- 4PM of 19.09.2018
6. Date & time of Opening of Quotation :- 11AM of 20.09.2018
7. Name and address of the Officer Inviting Quotation :- Executive Engineer, Cuttack (R&B) Division No.I, Cuttack

No.563-B

Further details can be seen from the State Govt. portal **"http://www.odisha.gov.in"**.

**Sd./- (Er. M.R. Khan)**
**Executive Engineer,**
**Cuttack (R&B) Division No.I**

34091/11/0037/1819

**GOVERNMENT OF ODISHA**
**"e"-PROCUREMENT NOTICE**
**WORKS DEPARTMENT** No.562-B

E-mail: ceroads.bbsr@gmail.com

**Bid Identification No. CE-DPI & R-33/2018-19**

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE form eligible contractors for Road/ Bridge works as mentioned below :
2. Nature of work : Road/ Bridge works
3. No. of work : 31Nos.
4. Tender Paper cost : Rs. 10,000.00
5. Class of Contractor : 'A' Class/ Super Class/ Special Class
6. Available of bid document in the website : From 10.00 A.M. of 12.09.2018 to 5.00 PM of 03.10.2018
7. Date of opening of Bid : Dt.04.10.2018 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Chief Engineer**
**(DPI & Roads), Odisha**

34117/11/0108/1819

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**

Sijua, Post : Dumuduma, Bhubaneswar - 751019
www.aiimsbhubaneswar.edu.in

F.No. J-11057(018)/2018-19/S&P Date: 05.09.2018

**E-TENDER CALL NOTICE**

Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for **"(1) High Frequency Mobile C-ARM, (2) Fully Integrated and Fully Automated Walk Away Compact Nucleic Acid Testing System on Reagent Rental Basis, (3) Electrolyte Analyser, (4) Motorised Treadmill with Monitoring System, (5) CO2 Incubator with O2 Control, (6) Fractional CO2 Laser at AIIMS, Bhubaneswar"** in Two Bid System". The e-tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.edu.in / www.tenderwizard.com and CPP Portal www.eprocure.gov.in.** The sealed e-Tender will be received through Speed post/Reg. post/Courier/by hand only on or before due date & time by office of Sr. Procurement-Cum Store Officer, AIIMS, Bhubaneswar and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected.

Director, AIIMS, Bhubaneswar reserves the right to reject any or all the e-tenders without assigning any reason thereof.

**Sd/-**
**Sr. Procurement-Cum Store Officer**
**AIIMS, Bhubaneswar**

See Career Appointment on every Wednesday & Saturday

**OFFICE OF THE MUNICIPAL COUNCIL, BHADRAK**

**BHADRAK - 756100 (ODISHA)**
**Tel. No.: 06784-251519 (O), Fax No.: 06784-251221**
**E-mail: eobdkmunicipal@gmail.com**

**No.: 10987** **Date:07.09.18**

**TENDER CALL NOTICE**

The Executive Officer, Bhadrak Municipality, Bhadrak invites sealed tenders from manufacturers companies on their Authorized Dealer having special authorization letter from the above company for supply of Hydraulic Tractor & Trolley for Bhadrak Municipality (Details of which along with other information can be collected from Bhadrak Municipal Office on working days). The tender will be received by the undersigned during office hour till **12.09.2018 upto 4.00 P.M.** in the tender box which is kept in the Office of the Executive Officer, Bhadrak Municipality. The tender will be opened on **14.09.2018 at 4.00 P.M.** in presence of the tenderer or their authorized agent. The tender paper will be sold from **07.09.2018** to **12.09.2018 upto 12.00 Noon** on payment of Rs.200/- (Rupees two hundred) + 18% GST (Non-refundable). The tender should be accompanied with Xerox copy of PAN Card, GST Clearance, Authorized Dealer Certificate failing which the tender should not be taken into the consideration. The tender should be furnish **EMD Rs.5,000/- (Rupees five thousand)** only in shape of Demand Draft pay order in favour of **"Executive Office, Bhadrak Municipality"**. The authority reserve the right to cancel or reject any or all the tender without assigning any reason thereof.

**Sd./- Executive Officer,**
**Bhadrak Municipality**

**GOVERNMENT OF ODISHA**
**ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT**

**No. 17316 /SSD** **Dtd. Bhubaneswar the, 06.09.2018**
**STSCD-WOEP-CASE 3-0007-2015**

**NOTICE**

No. 48-V: It is hereby brought to the notice of Sri Manas Ranjan Pattanaik, Ex-WEO, Rayagada Block, Gajapati, S/O – Sarat Chandra Pattanaik, through this notice that the 1st Show Cause Notice along with a copy of the enquiry report of the Inquiring Officer in the Disciplinary Proceeding drawn vide this Department Memorandum no. 13706/SSD, dated 27.04.2011 has been issued vide no. 17314 /SSD, dated 06.09.2018.

He is hereby directed to appear in person and receive a copy of the above mentioned 1st Show Cause Notice from the office of the Director (ST)-cum-Special Secretary to Govt., ST & SC Development Department, Odisha Secretariat, Bhubaneswar within 7(seven) days of publication of this notice and submit his representation against the findings of the Inquiring Officer, failing which the matter shall be decided on its own merit as per the prevailing rules.

**Sd./- Director(ST)-cum-Special Secretary to Govt.**

26001/11/0009/1819

**REGIONAL INSTITUTE OF PLANNING, APPLIED ECONOMICS AND STATISTICS (RIPAE&S);**
**PLOT NO. 4X, NAYAPALLI, BHUBANESWAR-12**

**(A Govt. Training Institute under Planning & Convergence Department)**

No. 946 / RIPAE&S/29/2018 Bhubaneswar Dt. 06.09.2018

**TENDER CALL NOTICE**

**[For award of contract for catering services to RIPAE&S, Bhubaneswar]**

No. 11-X: Sealed Tenders are invited from intending service providers having valid GSTIN for providing catering services to RIPAE&S, Bhubaneswar.

The detailed tender document may either be downloaded from the website www.ripaesodisha.nic.in or can be obtained in person from the Office of Director, RIPAE&S, Bhubaneswar in any working day from 10.09.2018 to 05.10.2018 between 11.00 A.M. to 4.00 P.M. on payment of Rs.500/- in cash or in shape of Bank Draft for Rs.500/- which is non-refundable. The downloaded Tender Document from the website should be submitted along with a Bank Draft/Bankers Cheque of Rs.500/- (non-refundable). The Bank Draft/ Bankers cheque should be in favour of Assistant Director, **RIPAE&S, A/65, Nayapalli, Bhubaneswar-12.**

The tender document will be received only through speed post/ registered post during office hour. The last date and time for receipt of filled in Tender Documents is 06.10.2018 by 5.00 P.M. The office shall not be responsible for any kind of postal delay.

Tenders received after due date and time will be summarily rejected.

The undersigned reserves the right to extend the date and accept or reject any or all tenders without assigning any reasons thereof.

21005/11/0006/1819 **Sd/- Director**



"ସାନିଆ ମିର୍ଜା ଓ ମୋ ଔରସରୁ ଜନ୍ମଲାଭ କରିବାକୁ ଥିବା ସନ୍ତାନ ସମ୍ଭବତଃ ତୃତୀୟ ଦେଶର ନାଗରିକତ୍ୱ ଗ୍ରହଣ କରିବ।
-ଶୋଏବ ମଲିକ, ପାକିସ୍ତାନ କ୍ରିକେଟର



"ଆଣ୍ଠୁରେ ଆଘାତ ପାଇଁ ୟୁଏସ ଓପନ୍ ସେମିଫାଇନାଲ ମ୍ୟାଚରୁ ଓହରି ଯାଇଥିଲେ ମଧ୍ୟ ମୁଁ ଖୁବ୍‌ଶୀଘ୍ର ଟେନିସ୍‌କୁ ପ୍ରତ୍ୟାବର୍ତ୍ତନ କରିବି ।
-ରାଫାଲ ନାଡାଲ, ସ୍ପାନିଶ୍ ଟେନିସ୍ ଖେଳାଳି

## ସଂକ୍ଷେପରେ

### କାଉଣ୍ଟି ଖେଳିବେ ବିଜୟ୍

ନୂଆଦିଲ୍ଲୀ, ୮।୯(ପି.ଟି.): ସିନିୟର ଭାରତୀୟ ଓପନର୍ ମୁରଲୀ ବିଜୟ୍ କାଉଣ୍ଟି କ୍ରିକେଟ୍ ଖେଳିବେ। ଇଂଲିଶ କାଉଣ୍ଟି ଚାମ୍ପିୟନଶିପ୍ ଡିଭିଜନ-୧ରେ ଏସେକ୍ସ କ୍ଲବ ପକ୍ଷରୁ ବିଜୟ୍ ୩ଟି ମ୍ୟାଚ୍ ଖେଳିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖରାପ ପ୍ରଦର୍ଶନ ଲାଗି ୩୪ ବର୍ଷୀୟ ବିଜୟ୍‌ଙ୍କୁ ଗସ୍ତ ଅଧାରୁ ଦଳରୁ ବାଦ୍ ଦିଆଯାଇଥିଲା। ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଯୋଗାଯୋଗରେ ରହିବା ଲାଗି ବିସିସିଆଇ ବିଜୟ୍‌ଙ୍କ ପାଇଁ କାଉଣ୍ଟି ବନ୍ଦୋବସ୍ତ କରିଥିବା ଜଣାପଡ଼ିଛି। ସେପ୍ଟେମ୍ବର ୧୦ରୁ ଟ୍ରେଣ୍ଟବ୍ରିଜରେ ନଟିଂହାମଶାୟର ବିପକ୍ଷ ୪ ଦିବସୀୟ ମ୍ୟାଚ୍‌ରୁ ବିଜୟ୍ କାଉଣ୍ଟି ଅଭିଯାନ ଆରମ୍ଭ କରିବେ।

### ପ୍ରଥମ ବାଉଟ୍ ଜିତିଲେ ନୀରଜ

ନୂଆଦିଲ୍ଲୀ, ୮।୯(ପି.ଟି.): ପେସାଦର ଭାରତୀୟ ବକ୍ସର ନୀରଜ ଗୋୟାତ ଶନିବାର ଇର୍ନେଷ୍ଟୋ କାର୍ଡୋନା ସାଞ୍ଚେଜଙ୍କୁ ହରାଇ ଦେଇଛନ୍ତି। ନୂଆ ପ୍ରମୋଟର ଲି ବାକ୍ସଟର ସହ ଚୁକ୍ତି କରିବା ପରେ ଏହା ତାଙ୍କର ପ୍ରଥମ ବିଜୟ। ଡବ୍ଲ୍ୟୁବିସି ଏସିଆ ପାସିଫିକ ୱେଲଟରୱେଟ ଟାଇଟଲ ଅଧିକାରୀ ଗୋୟତ କାନାଡାର ଏଡମଣ୍ଟନଠାରେ ସାଞ୍ଚେଜଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ରେ କୌଣସି ଟାଇଟଲ ନ ଥିଲା। ତାଙ୍କ ପ୍ରମୋଶନ ଦାୟିତ୍ୱରେ ପୂର୍ବରୁ ଭାରତର ଆଇଓଏସ୍ ବକ୍ସିଂ ପ୍ରମୋଶନ ଥିଲା। ଏହି ୨୮ ବର୍ଷୀୟ ବକ୍ସର ଏପର୍ଯ୍ୟନ୍ତ ୧୪ ମୁକାବିଲା ଖେଳିଥିବାବେଳେ ୯ରେ ବିଜୟ ଲାଭ କରିଛନ୍ତି। ହରିୟାଣା ବକ୍ସର ଆଗାମୀ ନଭେମ୍ବର କିମ୍ବା ଡିସେମ୍ବରରେ ପୁଣି ଥରେ ରିଙ୍ଗକୁ ଓହ୍ଲାଇ ପାରନ୍ତି। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କ ପ୍ରତିପକ୍ଷ ଖେଳାଳି ଧାର୍ଯ୍ୟ କରାଯାଇନାହିଁ।

### ଭାଇଙ୍କ ବିନା ଗ୍ରାଣ୍ଡସ୍ଲାମ ଜିତିଲେ ମାଇକ୍

ନ୍ୟୁୟର୍କ,୮।୯: ଆମେରିକୀୟ ପୁରୁଷ ଡବଲ୍ସ ଖେଳାଳି ମାଇକ ବର୍ଯ୍ୟାନ ଭାଇ ବବ୍‌ଙ୍କ ବିନା ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ଜିତିଛନ୍ତି। ମାଇକ ଅନ୍ୟ ଆମେରିକୀୟ ଖେଳାଳି ଜ୍ୟାକ ସକଙ୍କ ସହ ମିଶି ୬-୩, ୬-୧ ସେଟ୍‌ରେ ମାସିଲୋ ମେଲୋ ଓ ଲକୁଜାଜ କୁବୋଟଙ୍କ ଯୋଡ଼ିକୁ ହରାଇ ଦେଇଛନ୍ତି। ଏହି ବିଜୟ ସହ ମାଇକ କ୍ୟାରିୟରର ୧୮ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ସାରିଛନ୍ତି। ଏଥିସହିତ ମାଇକ ପୁରୁଷ ଡବଲ୍ସ ବର୍ଗରେ ସର୍ବକାଳୀନ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଖେଳାଳି ଅଷ୍ଟ୍ରେଲିଆର ଜନ ନ୍ୟୁକୋମ୍ବେଙ୍କୁ ପଛରେ ପକାଇଛନ୍ତି। ତେବେ ଚଳିତ ସିଜନରେ ଏହା ଦୁଇ ଆମେରିକୀୟ ଖେଳାଳି କ୍ରମାଗତ ୨ୟ ଗ୍ରାଣ୍ଡସ୍ଲାମ ଜିତିଛନ୍ତି। ଚଳିତ ବର୍ଷ ଏହି ଯୋଡ଼ି ୱିମ୍ବେଲଡନ ଓପନ ଜିତିଥିଲେ। ପୂର୍ବରୁ ମାଇକ ଓ ତାଙ୍କ ଯାଆଁଳା ଭାଇ ବବଙ୍କ ଯୋଡ଼ି ଏହି ସଫଳତା ପାଇଥିଲେ।

# ବୋଲିଂ, ବ୍ୟାଟିଂରେ ଭାରତ ଫେଲ୍

**ପଞ୍ଚମ ଟେଷ୍ଟ**

ଲଣ୍ଡନ, ୮।୯

ଏଠାରେ ଚାଲିଥିବା ୫ମ ତଥା ଅନ୍ତିମ କ୍ରିକେଟ ଟେଷ୍ଟରେ ଉଭୟ ବୋଲିଂ ଓ ବ୍ୟାଟିଂରେ ଭାରତ ଫେଲ୍ ମାରିଛି। ପ୍ରଭାବହୀନ ବୋଲିଂର ସୁଯୋଗ ନେଇ ଏକଦା ୧୮୭ ରନରେ ୭ ଉଇକେଟ ହରାଇଥିବା ଇଂଲଣ୍ଡ ପ୍ରଥମ ଇନିଂସରେ ୩୩୨ ରନ କରିବାକୁ ସକ୍ଷମ ହୋଇଛି। ପରେ ଖରାପ ବ୍ୟାଟିଂ କରି ଭାରତ ଶନିବାର ଦ୍ୱିତୀୟ ଦିବସରେ ଖବର ମିଳିବା ବେଳକୁ ୧୦୪ ରନରେ ୪ଟି ଉଇକେଟ ହରାଇ ବିପଦରେ ପଡ଼ିଛି। ଦୁର୍ବଳ ଫର୍ମ ଜାରି ରଖି ଓପନର ଶିଖର ଧାୱନ ମାତ୍ର ୩ ରନ କରି ଆଉଟ ହୋଇଛନ୍ତି। ଭଲ ଆରମ୍ଭ କରିଥିବା ଅନ୍ୟତମ ଓପନର ଲୋକେଶ ରାହୁଲ ମଧ୍ୟ ଅଧିକ ସମୟ ତିଷ୍ଠିପାରି ନାହାନ୍ତି। ଦ୍ୱିତୀୟ ଉଇକେଟ ଯୋଡ଼ିରେ ୬୪ ରନ ସଂଗ୍ରହ ପରେ ସେ ବ୍ୟକ୍ତିଗତ ୩୭ କରି ସାମ୍ କୁରାନଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଛନ୍ତି। ୩୩ତମ ଓଭରରେ ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ଆଉଟ ହେବା ଭାରତ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ୧୦୧ ବଲ୍‌ର ସମ୍ମୁଖୀନ ହୋଇଥିବା ପୂଜାରା ୫ ଚୌକା ସହାୟତାରେ ୩୭ ରନ କରିଥିବାବେଳେ ଜେମ୍ସ ଆଣ୍ଡରସନଙ୍କ ସୁଇଂ ବଲ୍‌ରେ ଉଇକେଟ କିପର ଜନି ବେୟାରଷ୍ଟୋଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଛନ୍ତି। ଅଜିଙ୍କ୍ୟ ରାହାନେଙ୍କୁ ଖାତା ଖୋଲିବାକୁ ଦେଇ ନାହାନ୍ତି ଆଣ୍ଡରସନ। ଇଂଲଣ୍ଡ ପକ୍ଷରୁ ଆଣ୍ଡରସନ ୨ଟି, ବ୍ରଡ୍ ଓ କୁରାନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଭାରତ ପୂର୍ବରୁ ୩ଟି ଟେଷ୍ଟ ହାରି ସିରିଜ ହାତଛଡ଼ା କରି ସାରିଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୧୯୮/୭ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଶନିବାର ଦ୍ୱିତୀୟ ଦିବସରେ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନଙ୍କ ସହାୟତାରେ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ଜୋସ ବଟଲର ଓ ଷ୍ଟୁଆର୍ଟ ବ୍ରଡ୍ ଭାରତୀୟ ବୋଲରଙ୍କୁ ନାକେଦମ୍ କରି ଦଳୀୟ ଇନିଂସକୁ ୩୩୨ରେ ପହଞ୍ଚାଇଥିଲେ। ବଟଲର ଓ ଆଦିଲ ରଶିଦଙ୍କ ୮ମ ଉଇକେଟ ଯୋଡ଼ିରେ ୩୩ ରନ ଯୋଗ ହୋଇଥିଲା। ରଶିଦ ୧୫ ରନ କରି ଯଶପ୍ରୀତ ବୁମ୍‌ରାଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ। ଷ୍ଟୁଆର୍ଟ ବ୍ରଡ୍ କ୍ରିଜକୁ ଆସିବାପରେ ଭାରତୀୟ ବୋଲରମାନେ କଡ଼ା ପରୀକ୍ଷାର ସମ୍ମୁଖୀନ ହୋଇଥିଲେ। ବ୍ରଡ୍ ଓ ବଟଲର ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ମଧ୍ୟାହ୍ନ ଭୋଜନ ବିରତି ବେଳକୁ ଇଂଲଣ୍ଡ ସ୍କୋରକୁ ୩୦୪ରେ ପହଞ୍ଚାଇ ଦେଇଥିଲେ। ୯ମ ଉଇକେଟରେ ୯୮ ରନର ଭାଗୀଦାରି ପରେ ବ୍ରଡ୍ ବ୍ୟକ୍ତିଗତ ୩୮ ରନ କରି ଆଉଟ ହୋଇଥିଲେ। ବ୍ରଡ୍‌ଙ୍କୁ ଲୋକେଶ ରାହୁଲଙ୍କ ହାତରେ କ୍ୟାଚ କରାଇ ରବୀନ୍ଦ୍ର ଜାଡେଜା ଭାରତକୁ ଏହି ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା ବଟଲର ୮୯ ରନ କରିଥିବାବେଳେ ଜାଡେଜାଙ୍କ ୪ର୍ଥ ଶିକାର ବନିଥିଲେ। ୧୩୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବଟଲର ନିଜ ଇନିଂସ ମଧ୍ୟରେ ୬ ଚୌକା ଓ ୨ ଛକା ମାରିଥିଲେ। ଭାରତ ପକ୍ଷରୁ ଜାଡେଜା ୪ଟି ଏବଂ ବୁମ୍‌ରା ଓ ଈଶାନ୍ତ ଶର୍ମା ୩ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୩୨/ଅଲଆଉଟ(ବଟଲର-୮୯, ଆଲିଷ୍ଟର କୁକ୍-୭୧, ମୋଇନ ଅଲୀ-୫୦, ବ୍ରଡ୍-୩୮, ଜାଡେଜା-୪/୭୯, ଈଶାନ୍ତ-୩/୬୨, ବୁମ୍‌ରା-୩/୮୩)। ଭାରତ ପ୍ରଥମ ଇନିଂସ: ୧୦୪/୪।




### ଡବଲ ଟ୍ରାପରେ ଅଙ୍କୁରଙ୍କୁ ସ୍ୱର୍ଣ୍ଣ

ଚାଙ୍ଗୱାନ(ଦକ୍ଷିଣ କୋରିଆ),୮।୯

ଭାରତୀୟ ଶୁଟର ଅଙ୍କୁର ମିତଲ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଶୁଟିଂ ଚାମ୍ପିୟନଶିପ୍‌ରେ କ୍ୟାରିୟରର ଶ୍ରେଷ୍ଠ ସଫଳତା ପାଇଛନ୍ତି। ପୁରୁଷ ଡବଲ ଟ୍ରାପ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂର୍ବରୁ ବହୁବାର ବିଶ୍ୱକପ୍ ପଦକ ଜିତିଥିବା ଶୁଟର ଅଙ୍କୁର ୧୫୦ରୁ ୧୪୦ ସ୍କୋର କରିଥିଲେ। ଚାଇନିଜ ଶୁଟର ୟିୟାଙ୍ଗ ୟାଙ୍ଗ ଓ ସ୍ଲୋଭାକିଆର ହୁବର୍ଟ ଆନ୍ଦ୍ରେଜ ସମାନ ସ୍କୋର ହାସଲ କରିଥିଲେ। ଏଣୁ ପଦକ ନିର୍ଣ୍ଣୟ ଲାଗି ଶୁଟ୍‌ଆଉଟ ପର୍ଯ୍ୟାୟର ସହାୟତା ନିଆଯାଇଥିଲା। ଏଥିରେ ଭାରତୀୟ ଶୁଟର ଅଙ୍କୁର ୪-୩ ବ୍ୟବଧାନରେ ବିଜୟୀ ହୋଇଥିଲେ। ଶୁଟଆଉଟ୍‌ର ୨ୟ ରାଉଣ୍ଡରେ ପରାସ୍ତ ହୋଇ ସ୍ଲୋଭାକିଆ ଶୁଟରଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଏଥିପୂର୍ବରୁ ଅଙ୍କୁର ଦଳଗତ ଇଭେଣ୍ଟରେ ମହମ୍ମଦ ଅସାବ ଓ ଶାର୍ଦ୍ଦୁଳ ଭିହାନଙ୍କ ସହ ମିଶି ବ୍ରୋଞ୍ଜ ପଦକ ଜିତିଥିଲେ। ଶନିବାର ଅନ୍ୟ ଦୁଇଟି ଇଭେଣ୍ଟରେ ଦୁଇ ଭାରତୀୟ ମହିଳା ଶୁଟର ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ସପ୍ତମ ଦିନ ଶେଷସୁଦ୍ଧା ଭାରତର ପଦକ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ଏଥିରେ ୭ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ୬ ବ୍ରୋଞ୍ଜ ପଦକ ରହିଛି।



ରିଟର୍ନ ଶର୍ଟ ଖେଳୁଛନ୍ତି ନୋଭାକ ଜୋକୋଭିଚ୍।

## ଜୋକୋଭିଚ୍-ଡେଲ ପୋଟ୍ରୋ ଫାଇନାଲ

**ୟୁଏସ୍ ଓପନ**

ନ୍ୟୁୟର୍କ, ୮।୯: ଚଳିତ ୟୁଏସ୍ ଓପନର ପୁରୁଷ ସିଙ୍ଗଲ୍ସ ବର୍ଗର ଫାଇନାଲରେ ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲ ପୋଟ୍ରୋ ପ୍ରବେଶ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ରାଫାଲ ନାଡାଲ ଆହତ ସମସ୍ୟା କାରଣରୁ ସେମିଫାଇନାଲ ମ୍ୟାଚ୍ ମଧ୍ୟରୁ ଓହରି ଯିବାରୁ ଡେଲ ପୋଟ୍ରୋଙ୍କୁ ଟାଇଟଲ ମୁକାବିଲାରେ ଖେଳିବାକୁ ସୁଯୋଗ ମିଳିଛି। ଏହି ମ୍ୟାଚ୍‌ରେ ୩ୟ ସିଡ୍ ଡେଲ ପୋଟ୍ରୋ ୭-୬(୭/୩), ୬-୨ ସେଟ୍‌ରେ ଆଗୁଆ ଥିବାବେଳେ ନାଡାଲ ଓହରିବାକୁ ନିଷ୍ପତ୍ତି ନେଇଥିଲେ। ଚଳିତ ସିଜନର ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଶୀର୍ଷ ର୍‍ୟାଙ୍କଧାରୀ ସ୍ପାନିଶ ଖେଳାଳିଙ୍କ ଲାଗି ୨ୟ ଘଟଣା। ଆଣ୍ଠୁ ଜନିତ ସମସ୍ୟା କାରଣରୁ ସେ ଗତ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟର ଫାଇନାଲରୁ ଓହରି ଯାଇଥିଲେ। ଅନ୍ୟପକ୍ଷରେ ୨୦୦୯ ସଂସ୍କରଣ ଚାମ୍ପିୟନ ଡେଲ୍ ପୋଟ୍ରୋ ଓ ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଫାଇନାଲ୍ ମୁକାବିଲା ଅନୁଷ୍ଠିତ ହେବ। ପୂର୍ବରୁ ଜୋକୋଭିଚ୍ ପ୍ରଥମ ସେମିଫାଇନାଲରେ ୬ଷ୍ଠ ସିଡ୍ ସର୍ବିଆ ଖେଳାଳି ୬-୩, ୬-୪, ୬-୨ ସେଟ୍‌ରେ କେଇ ନିଶିକୋରିଙ୍କୁ ହରାଇ ଦେଇଥିଲେ।

### ଭାରତ-ମାଳଦ୍ୱୀପ ମୁକାବିଲା ଆଜି

ଢାକା, ୮।୯(ପି.ଟି.)

ବାଂଲାଦେଶରେ ଚାଲିଥିବା ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ରବିବାର ମାଳଦ୍ୱୀପକୁ ଭେଟିବ। ଏଥିପୂର୍ବରୁ ଭାରତ ତା'ର ପ୍ରଥମ ମୁକାବିଲାରେ ଶ୍ରୀଲଙ୍କାକୁ ୨-୦ ଗୋଲରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ପୂର୍ବରୁ ଭାରତ ଓ ମାଳଦ୍ୱୀପ ପରସ୍ପର ୧୮ଥର ସାମ୍ନାସାମ୍ନି ହୋଇଥିବାବେଳେ ଭାରତ ୧୩ଥର ବାଜିମାତ୍ କରିଛି। ସେହିଭଳି ମାଳଦ୍ୱୀପ ୨ଟି ମ୍ୟାଚ୍‌ରେ ବିଜୟସ୍ୱାଦ ଚାଖିଛି। ଶେଷଥର ପାଇଁ ଦୁଇ ଦଳ ୨୦୧୫-୧୬ ସାଫ୍ ଚାମ୍ପିୟନଶିପ୍‌ରେ ପରସ୍ପରକୁ ଭେଟିଥିଲେ। ଏଥିରେ ଭାରତ ୩-୨ ଗୋଲରେ ବିଜୟୀ ଲାଭ କରିଥିଲା।

### ଅଷ୍ଟ୍ରେଲିଆ ଏ' ୨୯୦/୬

ବେଙ୍ଗାଲୁରୁ, ୮।୯ (ପି.ଟି.)

ଅଧିନାୟକ ମିଚେଲ ମାର୍ଶଙ୍କ ଦାୟିତ୍ୱପୂର୍ଣ୍ଣ ଅପରାଜିତ ୮୬ ରନ ସହାୟତାରେ ଭାରତ ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ ଏ' ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୨୯୦ ରନ କରିଛି। ସ୍ଥାନୀୟ ଅଲୁରସ୍ଥିତ କେଏସ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଅଷ୍ଟ୍ରେଲିଆ ଏ' ଏକଦା ୧୮୦ ରନରେ ୬ଟି ଉଇକେଟ ହରାଇ ସାରିଥିଲା। ମାର୍ଶ ଓ ମାଇକେଲ ନେସେର (୪୪ ବ୍ୟାଟିଂ) ୭ମ ଉଇକେଟରେ ଅପରାଜିତ ୧୧୦ ରନ ଯୋଗ କରି ଦଳର ସ୍ଥିତିକୁ ମଜଭୁତ କରିଛନ୍ତି। ମାର୍ଶ ୧୫୧ଟି ବଲ୍ ଖେଳି ୧୩ ଚୌକା ଲଗାଇଥିବାବେଳେ ୧୦୮ ବଲ୍ ଖେଳିଥିବା ନେସେର ୬ ଚୌକା ମାରିଛନ୍ତି। ଭ୍ରମଣକାରୀ ଦଳର ମିଡଲ ଅର୍ଡର ବିପର୍ଯ୍ୟୟ ଘଟିବା ପୂର୍ବରୁ ୩ ନମ୍ବର ବ୍ୟାଟ୍ସମ୍ୟାନ ଟ୍ରାଭିସ୍ ହେଡ୍ (୬୮) ଏବଂ ଓପନର କର୍ଟିସ ପ୍ୟାଟରସନ (୪୮) ଦ୍ୱିତୀୟ ଉଇକେଟରେ ୯୨ ରନ ଯୋଗ କରିପାରିଥିଲେ। ଭାରତ ଏ' ଦଳର ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ (୨/୬୮) ଓ ବାମହାତୀ ରକ୍ଷଣଶୀଳ ବୋଲର ଶାବାଜ ନଦିମ (୨/୬୪) ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅଫ୍ ସ୍ପିନର କ୍ରିଷ୍ଣାପ୍ପା ଗୋଥାମ (୧/୬୦) ଓ ରଜନୀଶ ଗୁରୁବାନୀ (୧/୫୦) ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ଏ':** ୨୯୦/୬ (ମିଚେଲ ମାର୍ଶ-୮୬*, ଟ୍ରାଭିସ ହେଡ୍-୬୮ ; ଶାବାଜ ନଦିମ-୨/୬୪, କୁଲଦୀପ-୨/୬୮)।



ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଭାରତୀୟ ହକି ଦଳର ସଦସ୍ୟଭାବେ ବ୍ରୋଞ୍ଜ ପଦକ ଜିତିଥିବା ବୀରେନ୍ଦ୍ର ଲାକ୍ରା ଶନିବାର ଭୁବନେଶ୍ୱର ଫେରିବା ପରେ ତାଙ୍କୁ ସ୍ୱାଗତ କରାଯାଉଛି। ନିକଟରେ ଅଛନ୍ତି ହକି ପ୍ରତିଭା ଦୀପସାନ ତିର୍କୀ।

**■ ଟାଟା ଷ୍ଟିଲ୍ ଫ୍ରେଣ୍ଡଶିପ୍ ଫୁଟବଲ**

## ବ୍ୟୁରୋକ୍ରାଟ୍ ଏକାଦଶ ଚାମ୍ପିୟନ

ଭୁବନେଶ୍ୱର, ୮।୯(କ୍ରୀଡ଼ା ପ୍ରତିନିଧି)

ଟାଟା ଷ୍ଟିଲ୍ ଫ୍ରେଣ୍ଡଶିପ୍ ଫୁଟବଲ ଟୁର୍ନାମେଣ୍ଟର ୧୨ତମ ସଂସ୍କରଣ ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଟାଟା ଷ୍ଟିଲ୍ ଏକାଦଶକୁ ୧-୦ ଗୋଲରେ ହରାଇ ବ୍ୟୁରୋକ୍ରାଟ୍ ଏକାଦଶ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ଏସ.ଡି.ଦୁର୍ଗା ଏକମାତ୍ର ଗୋଲଟି ସ୍କୋର କରିଥିଲେ। ପ୍ରଥମ ସେମିଫାଇନାଲରେ ବ୍ୟୁରୋକ୍ରାଟ୍ ଏକାଦଶ ୪-୦ ଗୋଲରେ ଲିଡର୍ସ ଏକାଦଶକୁ ହରାଇଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଟାଟା ଷ୍ଟିଲ୍ ଏକାଦଶ ଟାଇବ୍ରେକର ୫-୪ ଗୋଲରେ ମିଡିଆ ଏକାଦଶକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା।

ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ଜଳସମ୍ପଦ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସିନିୟର ବ୍ୟୁରୋକ୍ରାଟ୍ସ ଓ ଖବରଦାତାମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅରୁଣ ସାହୁ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ସଚିବ ସୁରେଶ ମହାପାତ୍ର, କେବିକେର ମୁଖ୍ୟ ପ୍ରଶାସକ ଏସ.ପି.ଠାକୁର, ବିଜନେଶ୍ ଷ୍ଟାଣ୍ଡାର୍ଡର ରେସିଡେଣ୍ଟ ଏଡିଟର ଦିଲୀପ ଶତପଥୀ, ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ ସଭାପତି କେ.ରବି, ସିନିୟର ଜର୍ନାଲିଷ୍ଟ ଶ୍ରୀମୟ କର, ତପନ ମିଶ୍ର, ଏମବିସି ଟିଭି ଏଡିଟର ଦିଲୀପ ବିଷୋଇ, ଟାଟା ଷ୍ଟିଲ୍ (ଏସଇଜେଡ୍) ଚେୟାରମ୍ୟାନ ଅରୁଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଦୁଇ ସେମିଫାଇନାଲରେ ଯଥାକ୍ରମେ ବ୍ୟୁରୋକ୍ରାଟ୍ ଦଳର କେ. ପ୍ରଦୀପ ଓ ଟାଟା ଷ୍ଟିଲ୍‌ର ରାକେଶ ଭରଦ୍ୱାଜ ଏବଂ ଫାଇନାଲରେ ଟାଟା ଷ୍ଟିଲ୍‌ର ଦିଗ୍‌ଜା ପ୍ରସାଦ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ ଦଳର ରାଜୀବ ସେଠ୍ ଶ୍ରେଷ୍ଠ ଗୋଲକିପର, ବ୍ୟୁରୋକ୍ରାଟ୍‌ର ଶାଶ୍ୱତ ମିଶ୍ର ଶ୍ରେଷ୍ଠ ଡିଫେନ୍ସ, ମିଡିଆ ଏକାଦଶର ବିକାଶ ମାରାଣ୍ଡି ଶ୍ରେଷ୍ଠ ଫରୱାର୍ଡ, ଲିଡର୍ସ ଇଲେଭେନର ଅରୁଣ ସାହୁ ଫେୟାର ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ, ବ୍ୟୁରୋକ୍ରାଟ୍‌ର ସୁରେଶ ମହାପାତ୍ର ଶ୍ରେଷ୍ଠ ହାଫ୍, ସେହି ଦଳର ବଲୱନ୍ତ ସିଂ ସର୍ବାଧିକ ସ୍କୋରର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ଶୃଙ୍ଖଳିତ ଦଳଭାବେ ବ୍ୟୁରୋକ୍ରାଟ୍ ଏକାଦଶକୁ ପୁରସ୍କୃତ କରାଯାଇଥିଲା।




ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

## ବାଂଲାଦେଶ ବିପକ୍ଷରୁ ଭାରତୀୟ ହକିର ଅଭିଯାନ

**ୟୁଥ୍ ଅଲିମ୍ପିକ୍ସ**

ନୂଆଦିଲ୍ଲୀ, ୮।୯(ପି.ଟି.)

ଆସନ୍ତା ମାସ ପ୍ରଥମ ସପ୍ତାହରେ ଆର୍ଜେଣ୍ଟିନାର ବୁଏନ୍ସ ଏରେନାରେ ହେବାକୁ ଥିବା ୟୁଥ୍ ଅଲିମ୍ପିକ୍ସରେ ଭାରତୀୟ ବାଳକ ହକି ଦଳ ଅକ୍ଟୋବର ୭ରେ ବାଂଲାଦେଶ ବିପକ୍ଷରୁ ଖେଳି ତା'ର ଅଭିଯାନ ଆରମ୍ଭ କରିବ। ଅପରପକ୍ଷରେ ସେହିଦିନ ଭାରତୀୟ ବାଳିକା ହକି ଦଳ ମଧ୍ୟ ତା'ର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରିୟାକୁ ଭେଟିବ। ବିକାଶ ସାଗର ପ୍ରସାଦଙ୍କ ନେତୃତ୍ୱାଧୀନ ଭାରତୀୟ ବାଳକ ଦଳ ପୁଲ୍-ବି'ରେ ସ୍ଥାନ ପାଇଛି। ଦଳ ଏହାର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ ଯଥାକ୍ରମେ ଅଷ୍ଟ୍ରିୟା, କେନିଆ, ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଶେଷରେ କାନାଡାକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଭାରତୀୟ ବାଳିକା ଦଳ ପୁଲ୍-ଏ'ରେ ଉରୁଗୁଏ, ଭାନୁଆଟୁ, ଆର୍ଜେଣ୍ଟିନା, ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ପାଞ୍ଚଜଣ ଖେଳାଳିଙ୍କୁ ନେଇ ଫାଇଭ-ଏ-ସାଇଡ୍ ଫର୍ମାଟ୍‌ରେ ୟୁଥ୍ ଅଲିମ୍ପିକ୍ସରେ ମ୍ୟାଚ୍ ଖେଳାଯିବ।

### ନେତୃତ୍ୱ ହରାଇଲେ ରାଇନା

ଲକ୍ଷ୍ନୌ, ୮।୯: ଭେଟେରାନ ବ୍ୟାଟ୍ସମ୍ୟାନ ସୁରେଶ ରାଇନାଙ୍କୁ ଉତ୍ତର ପ୍ରଦେଶ ରଣଜୀ ଦଳର ନେତୃତ୍ୱ ହରାଇବାକୁ ପଡ଼ିଛି। ରାଇନାଙ୍କ ବଦଳରେ ଆକାଶଦୀପ ନାଥଙ୍କୁ ଆଗାମୀ ସିଜନ ଲାଗି ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ପ୍ରଥମ ଶ୍ରେଣୀ କ୍ରିକେଟରେ ଖରାପ ଫର୍ମ ଯୋଗୁ ତାଙ୍କୁ ଏଭଳି ଅବସ୍ଥା ଭୋଗିବାକୁ ପଡ଼ିଛି। ଗତ ସିଜନରେ ସେ ୯ ଇନିଂସ୍‌ରେ ମାତ୍ର ୧୧.୬୬ ଆଭରେଜରେ ୧୦୫ ରନ୍ କରିଥିଲେ। ଅନ୍ୟପକ୍ଷରେ ଆକାଶଦୀପ ନାଥ ଦଳ ପାଇଁ ସର୍ବାଧିକ ରନ୍ କରିଥିଲେ। ସେ ୪୩ ଆଭରେଜରେ ୩୮୭ ରନ୍ କରିଥିଲେ। କିନ୍ତୁ ବିଜୟ ହଜାରେ ଟ୍ରଫିରେ ରାଇନା ଅଧିନାୟକ ରହିବେ ବୋଲି ଜଣାପଡ଼ିଛି।

**ସଂକ୍ଷେପରେ**

## ଚଢ଼ିଗଲା କ୍ରେନ: ଶ୍ରମିକ ମୃତ



**ଢେଙ୍କାନାଳ ଅଫିସ, ୮।୯-** ଢେଙ୍କାନାଳ ସହର ଉପକଣ୍ଠ କାମାକ୍ଷାନଗର ରୋଡ୍ ଛକ ନିକଟରେ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ହାଇଡ୍ରା କ୍ରେନ୍ (ଓଆର ୧୯ ଜେ ୮୪୮୩) ଧକ୍କାରେ ଜଣେ ଶ୍ରମିକ ପ୍ରାଣ ହରାଇଛନ୍ତି। ସେ ହେଲେ ଅକର ହୁସେନ ଲସ୍କର (୨୩)। ଏଥିରେ ସମସୁଦ୍ଦିନ ସର୍ଦ୍ଦାର(୨୩) ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଗେଙ୍ଗୁଟିଆ ରେଲୱେ ଲେଭଲ କ୍ରସିଂ ନିକଟରେ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସମ୍ପୃକ୍ତ ଦୁଇ ଶ୍ରମିକ ଜଳଖିଆ ଖାଇବାକୁ କାମାକ୍ଷାନଗର ରୋଡ୍ ଛକକୁ ଚାଲି ଚାଲି ଆସୁଥିଲେ। ଏହି ସମୟରେ ପଛପଟୁ ଉକ୍ତ ହାଇଡ୍ରା କ୍ରେନ୍ ଉଭୟଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଟ୍ରାଫିକ୍ ଜାମ୍ ହେବାରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ସଦର ଥାନା ପୋଲିସ ପହଞ୍ଚି ଗୁରୁତର ଶ୍ରମିକଙ୍କୁ ଚିକିତ୍ସାଳୟକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ କ୍ରେନ୍‌କୁ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୪୦୩/୧୮ରେ ମାମଲା ରୁଜୁ କରାଯାଇଛି।ମୃତ ଏବଂ ଗୁରୁତର ଶ୍ରମିକଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ଚବିଶ ପ୍ରଗଣା ଜିଲା ପୂର୍ବପଡ଼ା ଅଞ୍ଚଳରେ ବୋଲି ଥାନାଧିକାରୀ ମଳୟ ନାୟକ ସୂଚନା ଦେଇଛନ୍ତି।

ତେଲ ତାତି: ରାସ୍ତାକୁ ଓହ୍ଲାଇଲା ବିଜେଡି

# କେନ୍ଦ୍ର ବିରୋଧରେ ବର୍ଷିଲେ ନେତୃବୃନ୍ଦ




କାଲଟାକ୍ସସ୍ଥିତ ପେଟ୍ରୋଲ ପମ୍ପ ଆଗରେ ବିଜେଡିର ଧାରଣା।

**ଢେଙ୍କାନାଳ ଅଫିସ/ ଭୁବନ/ପରଜଙ୍ଗ/ କାମାକ୍ଷାନଗର/ସାତମାଇଲ (ଡି.ଏନ.ଏ), ୮।୯**

କନ୍ଦାଉଛି ତୈଳ ଦର। ଏହାକୁ ରୋକିବା ଦିଗରେ ବିଫଳ ହୋଇଛନ୍ତି କେନ୍ଦ୍ର ସରକାର। ଏହାର ପ୍ରତିବାଦରେ ଶନିବାର ଢେଙ୍କାନାଳ ସଦର ବ୍ଲକର ବିଭିନ୍ନ ପେଟ୍ରୋଲ ପମ୍ପ ଆଗରେ ବିଜେଡି ପକ୍ଷରୁ ଦୁଇଘଣ୍ଟିଆ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ବିଜେଡିର ମହିଳା, ଯୁବ ଓ ଛାତ୍ର ସଙ୍ଗଠନର କର୍ମକର୍ତ୍ତାମାନେ ପ୍ଲାକାର୍ଡ ଧରି ଧାରଣାରେ ବସିଥିଲେ। କେନ୍ଦ୍ରର ଜନବିରୋଧୀ ନୀତିକୁ ଦଳୀୟ ନେତୃବୃନ୍ଦ ତୀବ୍ର ନିନ୍ଦା କରିବା ସହ ନାରାବାଜି କରିଥିଲେ। ଗିରିଜା ମହାନ୍ତି, ବିନୋଦ ମହାନ୍ତି, ଅକ୍ଷୟ ଭୋଇ, ସଞ୍ଜୟ ମଲ୍ଲିକ, ସୁରଜ ମହାପାତ୍ର, ଶଶିକାନ୍ତ ମିଶ୍ର, ଅଶ୍ରଫ୍ ଅଲ୍ଲି, ସାଇଶ୍ରୀ ପଟ୍ଟନାୟକ, ଉର୍ବଶୀ ମହାପାତ୍ର, ଶ୍ରଦ୍ଧାଞ୍ଜଳି ସାହୁ, ପ୍ରମିଳା ମହାପାତ୍ର, କମଳା ସାହୁ, ଲକ୍ଷ୍ମୀପ୍ରିୟା ନାୟକ, ପ୍ରଣତୀ ପଣ୍ଡା, ନମିତା ନାୟକ, ଦେବାଶିଷ ମିଶ୍ର, ରାଜୁ ପାଣ୍ଡେ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସୋନୁରାମ ସିଂ, ରୁଦ୍ରାନ୍ତ ଦଳେଇ, ଗୋପାଳ ପାତ୍ର, ଇନ୍ଦ୍ରମଣି ବେହେରା, ଓମ୍ ପ୍ରକାଶ ଶରଣ, ନବକିଶୋର ସାହୁଙ୍କ ସମେତ ଶତାଧିକ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। କାଇମାଟିଠାରେ ଯୁବ ବିଜେଡି ନେତା ଲଗନ କୁମାର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଝରସ୍ମିତା ଦେହୁରୀଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ସେହିପରି ପରଜଙ୍ଗ ନିର୍ବାଚନମଣ୍ଡଳୀ ପକ୍ଷରୁ ଆୟୋଜିତ ଧାରଣାରେ ଜିଲା ବିଜେଡିର ଭୂପେଶ ଚନ୍ଦ୍ର ପ୍ରଧାନ, ନରୋତ୍ତମ ସାହୁ, ବ୍ଲକ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ବରିଷ୍ଠ କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ମହାନ୍ତି, ଇଂ. ସୁବ୍ରତ ଦାସ, ସରପଞ୍ଚ ପ୍ରିୟଜିତ୍ ସାମଲ, ଦୁଷ୍ମନ୍ତ ନାଏକ ପ୍ରମୁଖ ସାମିଲ ହୋଇଥିଲେ। ଭୁବନରେ ଏନ୍ଏସି ସଭାପତି ନନ୍ଦକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ସଞ୍ଜୀବ କୁମାର ପୃଷ୍ଟି, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, କୋଦଣ୍ଡଧର ସାହୁ, କାମାକ୍ଷାନଗରରେ ଏନ୍ଏସି ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଏବଂ ବାରୁଆଁ ସମିତିସଭ୍ୟ ଦୀପକ ମହନ୍ତ, ହିନ୍ଦୋଳରେ ବିଧାୟିକା ସୀମାରାଣୀ ନାୟକଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଏନ୍ଏସି ଅଧ୍ୟକ୍ଷା ରୀନା ବେହେରା, ବରୁଣ ସର, ଗୋବିନ୍ଦ ବେହେରା, ଦେବୀପ୍ରସାଦ ପଟ୍ଟନାୟକ, ଦୁଃଖବନ୍ଧୁ ପ୍ରଧାନ, ପ୍ରଦୀପ ସାହୁ, ପ୍ରଶାନ୍ତ ସର ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଶାନ୍ତିପୂର୍ଣ୍ଣ ଧାରଣାରେ ଯୋଗ ହୋଇଥିଲେ।

## ସ୍କୁଟରରୁ ପଡ଼ି ୩ ଗୁରୁତର

**ଓଡ଼ାପଡ଼ା, ୮।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ସଦର ଥାନା ଝାରଗାଡ଼ିଆ ଫାଣ୍ଡି ଗଦାଶିଳା-ବଳରାମପୁର ରାସ୍ତାରେ ଶନିବାର ଅପରାହ୍ନରେ ସ୍କୁଟରରୁ ପଡ଼ି ୩ଜଣ ଆହତ ହୋଇଛନ୍ତି। ସ୍କୁଟରରେ ରମାକାନ୍ତ ପ୍ରଧାନ, ଆନନ୍ଦ ପ୍ରଧାନ ଏବଂ ଅନ୍ୟଜଣେ ଯାଉଥିବାବେଳେ କାଦୁଅ ରାସ୍ତାରେ ଭାରସାମ୍ୟ ହରାଇ ଖସିପଡ଼ିଥିଲେ। ସମସ୍ତଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରମାକାନ୍ତ ପ୍ରଧାନଙ୍କ ଅବସ୍ଥା ଗୁରୁତର ରହିଛି।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ